

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୦୫ ଜୁଲାଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 05 July 2026
Vol.No. 36 ■ No.175 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ADMISSION GOING ON- 2026
SAI SADHANA SCIENCE COLLEGE
+2 Sc. & +2 Arts
SAI SADHANA COLLEGE OF BASIC SCIENCE (+3)
(HONS- PHYSICS, CHEMISTERY, MATHEMATICS, BOTANY, COMPUTER SCIENCE, ZOOLOGH, GEOLOGY, MICROBIOLOGY)
Dibyasingpur, UDALA
100% first class result-2026
Contact No: 9437294587, 9437443950, 9937557158


# ଜୁଲାଇ ୨୦ରୁ ସଂସଦର ମୌସୁମୀ ଅଧିବେଶନ



ନୂଆଦିଲ୍ଲୀ,୪/୭ : ସଂସଦର ମେସୁମୀ ଅଧିବେଶନ ଆସନ୍ତା ଜୁଲାଇ ୨୦ ତାରିଖରୁ ଆରମ୍ଭ ହୋଇ ଅଗଷ୍ଟ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଏନେଇ ସୂଚନା ଦେଇଛନ୍ତି। ରିଜିଜୁ ସାମାଜିକ ଗଣମାଧମ 'ଏକ୍ସ'ରେ ଏକ ପୋଷ୍ଟ କରି କହିଛନ୍ତି, କେନ୍ଦ୍ର ସରକାରଙ୍କ ପରାମର୍ଶକ୍ରମେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସଂସଦର ଉଭୟ ଗୃହକୁ ଡକାଇବାକୁ ଅନୁମୋଦନ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ ଜାତୀୟ ପ୍ରସଙ୍ଗ ଉପରେ ବିତର୍କ, ଆଲୋଚନା ଓ ନିଷ୍ପତ୍ତି ପାଇଁ ଏହି ଅଧିବେଶନ ଜୁଲାଇ ୨୦ ତାରିଖରୁ ଆରମ୍ଭ ହୋଇ ଅଗଷ୍ଟ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ୨୫ ଦିନ ଅବଧିର ଏହି ଅଧିବେଶନରେ ୧୯ଟି କାର୍ଯ୍ୟଦିବସ ରହିବ। ପଶ୍ଚିମବଙ୍ଗ, ଆସାମ ଓ ପୁଡୁଚେରୀରେ ବିଜେପିର ବିଜୟ ଓ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଓ ଶିବସେନା (ୟୁବିଟି)ରେ ବିଭାଜନ ପରେ ଏହି ଅଧିବେଶନ ବସିବାକୁ ଥିବାବେଳେ ଗୁରୁତ୍ୱପୂର୍ଣ୍ଣ ରହିଛି। ପୃଥକ ଗୋଷ୍ଠୀ ଭାବରେ ମାନ୍ୟତା ପାଇବା ପାଇଁ ୨୦ ଟିଏମସି ଓ ଛଅ ଜଣ ଶିବସେନା (ୟୁବିଟି) ସାଂସଦଙ୍କ ଦାବି ଉପରେ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ନିଷ୍ପତ୍ତିକୁ ଅପେକ୍ଷା ରହିଛି। ରାଜ୍ୟସଭାର ନବନିର୍ବାଚିତ ଓ ପୁନଃନିର୍ବାଚିତ ସଦସ୍ୟ ଶପଥ ଗ୍ରହଣ କରିସାରିଥିବାବେଳେ ବରିଷ୍ଠ ସଦନରେ ଶାସକ ଏନ୍‌ଡିଏ ଅଧିକ ଶକ୍ତିଶାଳୀ ହୋଇଛି। ରାଜ୍ୟସଭାରେ ଟିଏମ୍‌ସିର ତିନି ଜଣ ସଦସ୍ୟ ଇସ୍ତଫା ଦେଇଥିବାରୁ ଉପନିର୍ବାଚନ ପରେ ବିଜେପିର କ୍ଷମତା ଅଧିକ ବୃଦ୍ଧି ପାଇବ। ଏଏନ୍‌ଆଇ ରିପୋର୍ଟ ଅନୁଯାୟୀ, ବିବାଦୀୟ ୧୩୦ତମ ସମ୍ବିଧାନ ସଂଶୋଧନ ବିଲ୍ ଯାଞ୍ଚ କରୁଥିବା ଏକ ଯୁଗ୍ମ ସଂସଦୀୟ କମିଟି (ଜେପିସି) ଜୁଲାଇ ୧୭ ତାରିଖରେ ଏହାର ରିପୋର୍ଟ ଗ୍ରହଣ କରିବ ବୋଲି ଆଶା କରାଯାଉଛି। ଏହି ବିଲ୍‌ରେ ସବୁଠାରୁ ବିତର୍କିତ ବ୍ୟବସ୍ଥା ଯାହା ଦ୍ୱାରା ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର କିମ୍ବା ରାଜ୍ୟରେ ମନ୍ତ୍ରୀମାନଙ୍କୁ ଗିରଫ କରାଯାଇ ଗୁରୁତର ଅପରାଧ ମାମଲାରେ ଲଗାତାର ୩୦ ଦିନ ପର୍ଯ୍ୟନ୍ତ ନ୍ୟାୟିକ ହାଜତରେ ରଖାଗଲେ ସ୍ୱୟଂଚାଳିତ ଭାବରେ ପଦରୁ ବହିଷ୍କାର କରାଯିବାର ବ୍ୟବସ୍ଥା ରଖାଯିବ। ◆◆ପୃଷ୍ଠା ୭

# ଲଘୁଚାପ ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷା: ସମ୍ଭାବ୍ୟ ପରିସ୍ଥିତି ମୁକାବିଲା ପାଇଁ ସରକାର ସମ୍ପୂର୍ଣ୍ଣ ସଜାଗ

ଭୁବନେଶ୍ୱର, ୦୪/୭ (ନି.ପ୍ର): ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ଉତ୍ତର ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳରେ ସକ୍ରିୟ ଥିବା ସୁଦୃଢ଼ ଲଘୁଚାପ କ୍ଷେତ୍ରର ପ୍ରଭାବରେ ରାଜ୍ୟରେ ବ୍ୟାପକ ବର୍ଷା ଜାରି ରହିଥିବାବେଳେ ରାଜ୍ୟ ସରକାର ପରିସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି। ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ଅଧୀନସ୍ଥ ଷ୍ଟେଟ୍ ଇମର୍ଜେନ୍ସି ଅପରେସନ୍ ସେଣ୍ଟର୍ ସମସ୍ତ ଜିଲ୍ଲା ଜରୁରୀକାଳୀନ ପରିଚାଳନା କେନ୍ଦ୍ର ସହ ସମନ୍ୱୟ ରକ୍ଷା କରି ୨୪ ଘଣ୍ଟିଆ ପରିସ୍ଥିତିର ନିରୀକ୍ଷଣ କରୁଛି। ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ଏବଂ କେତେକ ସ୍ଥାନରେ ଅତ୍ୟଧିକ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସମ୍ବଲପୁର, ଅନୁଗୁଳ, ବୌଦ୍ଧ, ସୁବର୍ଣ୍ଣପୁର ଓ କନ୍ଧମାଳ ଜିଲ୍ଲା ପାଇଁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ, କଟକ, ଢେଙ୍କାନାଳ, ନୟାଗଡ଼, ଗଞ୍ଜାମ, ଗଜପତି, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା, ବଲାଙ୍ଗୀର, ବରଗଡ଼, କଳାହାଣ୍ଡି ଓ ରାୟଗଡ଼ା ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଏବଂ ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ଦେବଗଡ଼, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଗତ ୨୪ ଘଣ୍ଟାରେ ଅର୍ଥାତ୍ ଜୁଲାଇ ୪ ତାରିଖ ସକାଳ ୮ଟା ୩୦ ସୁଦ୍ଧା ରାଜ୍ୟରେ ହାରାହାରି ୨୪.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ◆◆ପୃଷ୍ଠା ୭



# ସ୍ମାର୍ଟ ସିଟିର ବିକଳ ଚିତ୍ର: ବାଣୀବିହାର ନିକଟ ଡ୍ରେନରେ ପଡ଼ି ବ୍ୟକ୍ତି ନିଖୋଜ

ଭୁବନେଶ୍ୱର, ୦୪/୭ (ନି.ପ୍ର): ସ୍ମାର୍ଟ ସିଟି ଭୁବନେଶ୍ୱରକୁ ସବୁବେଳେ ବର୍ଷା ହିଁ କାଳ ସାଜିଛି। ଅସରାଏ ବର୍ଷାରେ ରାସ୍ତା ଉପରେ ଆଣ୍ଠୁଏ ପାଣି ଜମୁଛି । ଏହାସହ ରାଜଧାନୀ ରାସ୍ତା କଥା କହିଲେ ନସରେ । ନା ଅଛି ମଜବୁତ ଡ୍ରେନ, ନା ଜଳ ନିଷ୍କାସନ ପାଇଁ ବିକଳ୍ପ ବ୍ୟବସ୍ଥା । ଯାହାର ବିକଳ ଚିତ୍ର ଆଜି ସାମ୍ନାକୁ ଆସିଛି । ରାଜଧାନୀର ଛାତି କୁହାଯାଉଥିବା ବାଣୀବିହାର ଛକରେ ଆଜି ଡ୍ରେନରେ ପଡି ଜଣେ ବ୍ୟକ୍ତି ନିଖୋଜ ଅଛନ୍ତି । ଡ୍ରେନଟି ଖୋଲା ପଡ଼ିଥିବା କଥା କୁହାଯାଉଛି । ଏଭଳି ଘଟଣା ଘଟିବା ପରେ ସ୍ଥାନୀୟ ଲୋକଙ୍କ ଭିତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ସେମାନେ ବିଏମସି କର୍ତ୍ତୃପକ୍ଷଙ୍କ ଅବହେଳାକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ◆◆ପୃଷ୍ଠା ୭



# ଡାକ୍ତର ଆନ୍ଦୋଳନ ସ୍ଥଗିତ : ଆସନ୍ତା ୨୨ ତାରିଖରେ କମିଟିର ପ୍ରଥମ ବୈଠକ

ଭୁବନେଶ୍ୱର, ୦୪/୭ (ନି.ପ୍ର): ଦଶ ଦଫା ଦାବି ନେଇ ଗତ ୧ ତାରିଖ ଠାରୁ ଆରମ୍ଭ ହୋଇଥିବା ଡାକ୍ତର ଆନ୍ଦୋଳନ ଆଜି ଚତୁର୍ଥ ଦିନରେ ସ୍ଥଗିତ ହୋଇଛି। ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ସହିତ ପ୍ରାୟ ସାଢ଼େ ୩ ଘଣ୍ଟା ଆଲୋଚନା କଲା ପରେ ଡାକ୍ତରମାନେ ଆନ୍ଦୋଳନ ସ୍ଥଗିତ ନିଷ୍ପତ୍ତି ନେଇଛନ୍ତି। ଆଜି ଠାରୁ ଡାକ୍ତରମାନେ ନିଜ କର୍ମକ୍ଷେତ୍ରରେ ଯୋଗ ଦେବେ। ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା ନେଇ ଓମ୍‌ସା ପକ୍ଷରୁ ମଧ କୁହାଯାଇଛି ଯେ, ଆଲୋଚନା ପରେ ଡାକ୍ତର ଆନ୍ଦୋଳନ ସ୍ଥଗିତ ରଖାଯାଇଛି। ଆଲୋଚନା ସମୟରେ ଓମ୍‌ସାର ଦାବି ନେଇ ଉଚ୍ଚସ୍ତରୀୟ କମିଟି ଗଠନ ନିଷ୍ପତ୍ତି ହୋଇଛି। କମିଟିରେ ସ୍ୱାସ୍ଥ୍ୟ, ଜିଏ, ଅର୍ଥ, ଆଇନ ସଚିବ ସ୍ଥାନିତ ହୋଇଛନ୍ତି। ଆସନ୍ତା ୨୨ ତାରିଖରେ କମିଟିର ପ୍ରଥମ ବୈଠକ ବସିବ। ସୂଚନାଯୋଗ୍ୟ, ବିଭିନ୍ନ ପ୍ରସଙ୍ଗ ଉପରେ ଦାବି କରି ଡାକ୍ତରମାନେ ଗତ ୧ ତାରିଖ ଠାରୁ ଆନ୍ଦୋଳନ ଆରମ୍ଭ କରିଥିଲେ। ଗତ ଗୁରୁବାର ଦିନ ବିଳମ୍ବିତ ରାତିରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଆନ୍ଦୋଳନରତ ଡାକ୍ତରମାନଙ୍କୁ ତୁରନ୍ତ ଆନ୍ଦୋଳନ ପ୍ରତ୍ୟାହାର କରି ସରକାରଙ୍କ ସହ ଆଲୋଚନାରେ ◆◆ପୃଷ୍ଠା ୭

# ୯ ଜୁଲାଇରେ ଉପରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ

ଭୁବନେଶ୍ୱର, ୦୪/୭ (ନି.ପ୍ର): ଭାରତର ଉପରାଷ୍ଟ୍ରପତିଙ୍କ ୯ ଜୁଲାଇରେ ଓଡ଼ିଶା ଗସ୍ତକୁ ସଫଳ ଓ ସୁଚାରୁ ଭାବେ ସମ୍ପନ୍ନ କରିବା ନିମନ୍ତେ ଶନିବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ସୁରକ୍ଷା, ପ୍ରୋଟୋକଲ, ଯାତାୟତ, ଚିକିତ୍ସା, ମୌଳିକ ସୁବିଧା, ଏବଂ ବିଭିନ୍ନ କାର୍ଯ୍ୟକ୍ରମର ସୁପରିଚାଳନା ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇ ସମ୍ପୃକ୍ତ ବିଭାଗଗୁଡ଼ିକୁ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ଗସ୍ତ କାର୍ଯ୍ୟସୂଚୀ ଅନୁଯାୟୀ ଉପରାଷ୍ଟ୍ରପତି ସେଦିନ ଭୁବନେଶ୍ୱର କୃଷି ଶିକ୍ଷା ସଦନ ଠାରେ 'ଗଭୀର ସମୁଦ୍ରରେ ମତ୍ସ୍ୟ ସମ୍ପଦର ସ୍ଥାୟୀ ଉପଯୋଗ ପାଇଁ 'ଲେଟର ଅଫ୍ ଅଥରାଇଜେସନ୍'ର ଜାତୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ ରେ ଯୋଗଦେବେ। ଏହାସହ ସେ ଖୋର୍ଦ୍ଧା ସ୍ଥିତ ଜାତୀୟ ବିଜ୍ଞାନ ଶିକ୍ଷା ଏବଂ ଗବେଷଣା ସଂସ୍ଥାନ (ନାଇଜର) ର ୧୫ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଭିଭାଷଣ ପ୍ରଦାନ କରିବେ। ବୈଠକରେ ଉପରାଷ୍ଟ୍ରପତିଙ୍କ ସମଗ୍ର ଗସ୍ତ ସମୟରେ ସର୍ବୋଚ୍ଚ ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରିବା, ଗସ୍ତସ୍ଥଳ ନିରବଚ୍ଛିନ୍ନ ବିଦ୍ୟୁତ, ପାନୀୟଜଳ, ଅଗ୍ନି ନିର୍ବାପନ, ସ୍ୱଚ୍ଛତା, ସଡ଼କ ମରାମତି, ଚିକିତ୍ସା ସେବା, ଆମ୍ବୁଲାନ୍ସ, ଯାନବାହନ ବ୍ୟବସ୍ଥା ସମ୍ପର୍କିତ ସମସ୍ତ ବ୍ୟବସ୍ଥାକୁ ଧାର୍ଯ୍ୟ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ସଂପୃକ୍ତ ବିଭାଗମାନଙ୍କୁ ଶ୍ରୀମତୀ ଗର୍ଗ ନିର୍ଦ୍ଦେଶ ଦେଇଛନ୍ତି।

# ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ : ବିବାହ ପରେ ପ୍ରେମ ସମ୍ପର୍କକୁ ଲୁଚାଇବା ଗୋପନୀୟତା ଅଧିକାର ନୁହେଁ

ନୂଆଦିଲ୍ଲୀ,୪/୭ : ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି ଯେ, ସମ୍ବିଧାନର ଧାରା ୨୧ ଅନୁଯାୟୀ ସୁନିଶ୍ଚିତ ଗୋପନୀୟତାର ଅଧିକାର ଏତେ ବ୍ୟାପକ ନୁହେଁ ଯେ, ଏହାକୁ ସ୍ୱାମୀ କିମ୍ବା ସ୍ତ୍ରୀଙ୍କଠାରୁ ସମ୍ପର୍କର ପ୍ରମାଣ ଲୁଚାଇବା ପାଇଁ ବ୍ୟବହାର କରାଯାଇପାରିବ। ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ଛାଡପତ୍ର ମାମଲାରେ, ଯଦି ବ୍ୟଭିଚାର ପ୍ରମାଣ କରିବା ପାଇଁ ମୋବାଇଲ୍ କଲ୍ ରେକର୍ଡ କିମ୍ବା ହୋଟେଲ ରହଣି ରେକର୍ଡ ଆବଶ୍ୟକ ପଡ଼େ ତେବେ ଗୋପନୀୟତା ◆◆ପୃଷ୍ଠା ୭

# ଭୁବନେଶ୍ୱରର ଜଳବନ୍ଦୀ ସ୍ଥାନଗୁଡ଼ିକ ପରିଦର୍ଶନ କଲେ ମେୟର

ଭୁବନେଶ୍ୱର, ୦୪/୭ (ନି.ପ୍ର): ବିଏମସି ମେୟର ସୁଲୋଚନା ଦାସ ଶନିବାର ଲଗାତାର ବର୍ଷା ପରେ ପରିସ୍ଥିତିର ସମୀକ୍ଷା କରିବା ପାଇଁ ମେୟର ଭୁବନେଶ୍ୱରର ଜଳବନ୍ଦୀ ସ୍ଥାନଗୁଡ଼ିକ ପରିଦର୍ଶନ କରିଥିଲେ। ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ, ସ୍ଥାନୀୟ କର୍ପୋରେଟର, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଏବଂ ବରିଷ୍ଠ ଅଧିକାରୀଙ୍କ ସହିତ ମେୟର ପ୍ରଭାବିତ ଅଂଚଳଗୁଡ଼ିକର ସମୀକ୍ଷା କରିଥିଲେ।

# ରାମ ମନ୍ଦିର ପରେ ବଦ୍ରିନାଥ-କେଦାରନାଥରେ ବି ଚାନ୍ଦା ଚୋରି: ଆରମ୍ଭ ହେଲା ତଦନ୍ତ



ନୂଆଦିଲ୍ଲୀ,୪/୭ : ଅଯୋଧ୍ୟା ରାମ ମନ୍ଦିର ଚାନ୍ଦା ଚୋରି ଘଟଣା ଦେଶକୁ ଦୋହଲାଇ ଦେଇଥିବା ବେଳେ ଏବେ ଆଉ ଏକ ପ୍ରତିଷ୍ଠିତ ଧର୍ମପୀଠରୁ ଆସିଛି ସମାନ ଅଭିଯୋଗ। ପ୍ରସିଦ୍ଧ ବଦ୍ରିନାଥ-କେଦାରନାଥ ମନ୍ଦିରରୁ ମଧ ଚାନ୍ଦା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଶ୍ରଦ୍ଧାଳୁମାନେ ଶ୍ରୀ ବଦ୍ରିନାଥ ଧାମକୁ ଦେଉଥିବା ଦାନରେ ହେରଫେର ହୋଇଥିବା ଅଭିଯୋଗ ସମସ୍ତଙ୍କୁ ସ୍ତବ୍ଧ କରି ଦେଇଛି। ଏହି ଅଭିଯୋଗ ପରେ ଶ୍ରୀ ବଦ୍ରିନାଥ-କେଦାରନାଥ ମନ୍ଦିର କମିଟି(ବିକେଟିସି) ତଦନ୍ତ ଆରମ୍ଭ କରିଛି। ବିକେଟିସି ଅଧ୍ୟକ୍ଷ ହେମନ୍ତ ଦ୍ୱିବେଦୀଙ୍କ କହିବା କଥା ଯେ ଘଟଣାର ନିରପେକ୍ଷ ଓ ତଥ୍ୟ ଭିତ୍ତିକ ତଦନ୍ତ ◆◆ପୃଷ୍ଠା ୭


B.I.T. POLYTECHNIC, BALASORE
(A Sister Concern of Samalpur ITI, Balasore)
DIPLOMA ENGG COURSES
▶ Mechanical Engineering
▶ Electrical Engineering
▶ Civil Engineering
▶ E. & T. C. Engineering
▶ Comp. Sc. & Engineering
ITI TRADE
● Electrician ● Fitter ● Welder ● R & AC
Walk-In-Interview on Dated : 08-06-2026 (Monday)
FACULTY RECRUIT-MENT | Lecture in all above Branches | Lab Technician in all above Branches | Clerk & Hostel Superin-tendent
Place of Interview : IET Samalpur, Balasore
Contact : 9861947995, 8270317712
E-mail : bit_balasore@rediffmail.com


# ନୂଆ କଲେଜ ସ୍ଥାପନ ପାଇଁ ଫିଟିଲା ବାଟ: ଭିତ୍ତିଭୂମି ଓ ବନ୍ଧକ ନିୟମରେ କୋହଳ କଲେ ରାଜ୍ୟ ସରକାର



ଭୁବନେଶ୍ୱର, ୦୪/୭ (ନି.ପ୍ର): ରାଜ୍ୟରେ ସେଲଫ୍ ଫାଇନାନ୍ସିଂ ଓ ପ୍ରଫେସନାଲ୍ କଲେଜ ପାଇଁ କୋହଳ ହେଲା ନିୟମ । ଭିତ୍ତିଭୂମି, ଅଧ୍ୟାପକ ଓ ବନ୍ଧକ ଅର୍ଥରାଶି ନିୟମକୁ ସରଳ କଲେ ରାଜ୍ୟ ସରକାର । ଏଣିକି ସେଲଫ୍ ଫାଇନାନ୍ସିଂ ଓ ପ୍ରଫେସନାଲ କଲେଜ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସର୍ବନିମ୍ନ ଭିତ୍ତିଭୂମି ବା ଶିକ୍ଷକ ଆବଶ୍ୟକତା ଉପରେ ଜୋର ଦିଆଯିବ ନାହିଁ । କିନ୍ତୁ ଶିକ୍ଷାନୁଷ୍ଠାନଗୁଡ଼ିକୁ ୟୁଜିସି, ଏଆଇସିଟିଇ, ଏନଏମସି ଏବଂ ଆଇଏନସି ଭଳି କେନ୍ଦ୍ରୀୟ ନିୟାମକ ସଂସ୍ଥାର ସମସ୍ତ ମାନଦଣ୍ଡ ଓ ଆବଶ୍ୟକତାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ବାଧ ହେବେ । ଏହାସହିତ ପ୍ଲେଜ୍ ମନି ବା ବନ୍ଧକ ଅର୍ଥ ରାଶି ପରିମାଣକୁ କୋହଳ କରାଯାଇ ◆◆ପୃଷ୍ଠା ୭

# ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ମିହିର ଆଚାର୍ଯ୍ୟଙ୍କ ସ୍ମୃତିଚାରଣ ସଭା



ବାଲେଶ୍ୱର, ୦୪/୭ (ନି.ପ୍ର): ବାଲେଶ୍ୱର ସାମ୍ବାଦିକ ପ୍ରକୋଷ୍ଠରେ ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ମିହିର ଆଚାର୍ଯ୍ୟଙ୍କ ସ୍ମୃତିଚାରଣ ସଭା ଆଜି ଦିବା ୧୦ଘଟିକା ସମୟରେ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତିଚାରଣ ସଭା ସ୍ମୃତି କମିଟିର ସଭାପତି ଦେବବ୍ରତ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗିରିଶ ଚନ୍ଦ୍ର ଦାସ ଯୋଗଦେଇ ସ୍ମୃତିଚାରଣ କରି କହିଥିଲେ ସ୍ୱର୍ଗତ ମିହିର ବାବୁ ଜଣେ ଦକ୍ଷ ସାମ୍ବାଦିକ ସହିତ ଜଣେ ପରୋପକାରୀ ମଣିଷ ଥିଲେ । ଓଡ଼ିଶାର ଗଭର୍ଣ୍ଣର ତାଙ୍କୁ ଦୁଇ ଥର ସମ୍ବର୍ଦ୍ଧିତ କରିଥିଲେ। ବାଲେଶ୍ୱରର ଫକିରମୋହନ ବିଶ୍ୱବିଦ୍ୟାଳୟ ଗଠନର ଭୂମିକା ଅତୁଳନୀୟ। ତାଙ୍କ ସମୟରେ ସାମ୍ବାଦିକତା କରୁଥିବା ବ୍ୟକ୍ତି ମାନଙ୍କୁ ସେ ବହୁତ ସ୍ନେହ କରୁଥିଲେ। ସରକାରୀ ଅଫିସର ତାଙ୍କୁ ବହୁତ ସମ୍ମାନ ଦେଉଥିଲେ। ◆◆ପୃଷ୍ଠା ୭

# ମାଓ ଡମ୍ପ ଠାବ: ବନ୍ଧୁକ, ଆଇଇଡି ଜବତ

ଜୟପୁର, ୦୪/୦୭ (ନି.ପ୍ର): କୋରାପୁଟ ଜିଲ୍ଲା ବୈପାରୀଗୁଡାର ତେନ୍ତୁଳିଗୁମା ଜଙ୍ଗଲରୁ ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ ହୋଇଛି । ଆଜି ସକାଳୁ ପଚିଶି ଜଣିଆ ଡିଭିଏଫ୍ ଯବାନଙ୍କ ଟିମ୍ ଚଢଉ କରି ଏସବୁ ସାମଗ୍ରୀ ଉଦ୍ଧାର କରିଥିବା ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି କୋରାପୁଟ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମା।। କୋରାପୁଟ ଜିଲ୍ଲାରେ ଏକ ସର୍ଚ୍ଚ ଅପରେସନ ସମୟରେ ସୁରକ୍ଷା ବାହିନୀ ଏକ ବଡ଼ ପରିମାଣର ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଏବଂ ଇମ୍ପ୍ରୋଭାଇଜଡ୍ ବିସ୍ଫୋରକ ଉପକରଣ ଆଇଇଡି ଠାବ କରିଛନ୍ତି । ଯାହା ମାଓ କ୍ୟାଡରଙ୍କର ବୋଲି ଅନୁମାନ କରାଯାଉଛି । ଏନେଇ ଆଜି କୋରାପୁଟ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସପି । ପୋଲିସ ସୂଚନା ଅନୁଯାୟୀ, ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ପଚରାଉଚରା ସମୟରେ ଗୁପ୍ତ ସୂଚନା ସଂଗ୍ରହ ପରେ ଓଡ଼ିଶା-ଛତିଶଗଡ଼ ସୀମା ନିକଟସ୍ଥ ବୈପାରୀଗୁଡା ଥାନା ସୀମା ଅନ୍ତର୍ଗତ ତେନ୍ତୁଳିଗୁମା ଜଙ୍ଗଲ ଅଂଚଳରୁ ଏସବୁ ଉଦ୍ଧାର କରାଯାଇଥିଲା। ଜିଲ୍ଲା ସ୍ୱେଚ୍ଛାସେବୀ ବାହିନୀ ଦ୍ୱାରା ସକାଳ ପ୍ରାୟ ୬ଟା ସମୟରେ କରାଯାଇଥିବା ଏହି ଅଭିଯାନରେ ଗୋଟିଏ ଦେଶୀ ନିର୍ମିତ ରିଭଲଭର, ଛଅଟି ଦେଶୀ ନିର୍ମିତ ବନ୍ଧୁକ, ବିଭିନ୍ନ କ୍ଷମତାର ୧୧ ଟିଫିନ୍ ବୋମା ଆଇଇଡ଼ି, ୨୫ଟି ଡେଟୋନେଟର, ୨୦ ମିଟର କୋଡେକ୍ସ ତାର, ଦୁଇଟି କ୍ୟାମେରା ଟର୍ଚ୍ଚଲାଇଟ୍, ବାରୁଦ ଏବଂ .୩୮ କ୍ୟାଲିବରର ଛଅ ରାଉଣ୍ଡ ଗୁଳି ଜବତ କରାଯାଇଛି। ଉଦ୍ଧାର ହୋଇଥିବା ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକଗୁଡ଼ିକ ଆନ୍ଧ୍ର-ଓଡିଶା ସୀମା ସ୍ୱତନ୍ତ୍ର ଜୋନାଲ କମିଟିର ମାଓ କ୍ୟାଡରମାନଙ୍କର ଏବଂ ସାଧାରଣ ନାଗରିକ ଏବଂ ସୁରକ୍ଷା କର୍ମୀଙ୍କ ଉପରେ ଆକ୍ରମଣରେ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଥିବା ପୋଲିସ ଅନୁମାନ କରୁଛି । ପ୍ରେସ ଇସ୍ତାହାରରେ ଉଲ୍ଲେଖ କରାଯାଇଛି ଯେ, କେନ୍ଦ୍ର ଗୃହମନ୍ତ୍ରୀଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟସୀମା ଅନୁଯାୟୀ କୋରାପୁଟ ଜିଲ୍ଲା ୩୧ ମାର୍ଚ୍ଚ, ୨୦୨୬ ସୁଦ୍ଧା 'ନକ୍ସଲ ମୁକ୍ତ' ହେବାର ଲକ୍ଷ୍ୟ ହାସଲ କରିବା ପରେ ଏହି ଉଦ୍ଧାର କରାଯାଇଥିବା ଏସପି ରୋହିତ ବର୍ମା ସୂଚନା ଦେଇଛନ୍ତି । ଜଣେ ମାଓ ନେତାଙ୍କୁ ମେ ୨୦୨୫ ରେ ଗିରଫ କରାଯାଇଥିଲା, ଯେତେବେଳେ ଅନ୍ୟ ଜଣେ କ୍ୟାଡର ଫେବୃଆରୀ ୨୦୨୬ ରେ ଆତ୍ମସମର୍ପଣ କରିଥିବା ପୋଲିସ ତରଫରୁ ସୂଚନା ଦିଆଯାଇଛି । ଅଧିକାରୀମାନେ କହିଛନ୍ତି ଯେ, ଏହା ଗତ ଦୁଇ ସପ୍ତାହ ମଧ୍ୟରେ ଜିଲ୍ଲାରେ ଉଦ୍ଧାର ହୋଇଥିବା ଦ୍ୱିତୀୟ ପ୍ରମୁଖ ମାଓ ଡମ୍ପ। ଜୁନ ୨୨ ତାରିଖରେ ସୁରକ୍ଷା ବାହିନୀ ବୈପାରୀଗୁଡା ଥାନା ସୀମା ଅନ୍ତର୍ଗତ ବାଦଲିପାହାଡ ଜଙ୍ଗଲରୁ ଏକ ଆଇଏନଏସଏଏସ ରାଇଫଲ, ଅସ୍ତ୍ରଶସ୍ତ୍ର, ଗୁଳିଗୋଳା, ଆଇଇଡ଼ି ଏବଂ ଅନ୍ୟାନ୍ୟ ଅପରାଧିକ ସାମଗ୍ରୀ ଜବତ କରିଥିଲା। ପୋଲିସ କହିଛି ଯେ, ଲୁଚାଇ ରଖାଯାଇଥିବା ମାଓ ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକଗୁଡ଼ିକୁ ଚିହ୍ନଟ କରିବା ଏବଂ ମାଓବାଦୀ କାର୍ଯ୍ୟକଳାପର ପୁନରାବୃତିକୁ ରୋକିବା ପାଇଁ ସ୍ପେଶାଲ୍ ଅପରେସନ୍ସ ଗ୍ରୁପ୍ ଏବଂ ସୀମା ସୁରକ୍ଷା ବଳ ଦ୍ୱାରା ନିୟମିତ କମ୍ବିଂ ଏବଂ ସନ୍ଧାନ ଅଭିଯାନ ଏହି ଅଂଚଳରେ ଜାରି ରହିବ ବୋଲି କୋରାପୁଟ ଏସପି ରୋହିତ ବର୍ମା ସୂଚନା ଦେଇଛନ୍ତି ।

## ବାଇକ୍ ଧକ୍କାରେ ଯୁବକ ମୃତ

ଚମ୍ପୁଆ, ୦୪/୦୭ (ନି.ପ୍ର): ଚମ୍ପୁଆ ଏନଏସି ଅନ୍ତର୍ଗତ ମୌଲାନାଗୋଡା ଛକ ନିକଟରେ ବାଇକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ଚମ୍ପୁଆ ଏନ୍ଏସି ଅନ୍ତର୍ଗତ ଗୋଧୂଳି ଗ୍ରାମର ଜଗନ୍ନାଥ ନାଏକ। ମିଳିଥିବା ସୂଚନା ଅନୁସାରେ, ଜଗନ୍ନାଥ ମୌଲାନାଗୋଡା ଛକରେ ଥିବା ଏକ ଦୋକାନରେ କାମ କରୁଥିଲେ । ଆଜି ସକାଳ ପ୍ରାୟ ସାଢ଼େ ଆଠ ଟା ସମୟରେ ସେ ଦୋକାନ ଖୋଲିବା ପାଇଁ ମାଲିକ ଘରୁ ଚାବି ଆଣି ମୌଲାନାଗୋଡା ଛକ ଆରପଟେ ଥିବା ଦୋକାନ ଖୋଲିବା ପାଇଁ ଚାଲି ଚାଲି ରାସ୍ତା ପାର ହେଉଥିବା ବେଳେ ଚମ୍ପୁଆ ପଟୁ ଦ୍ରୁତଗତିରେ ଆସୁଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ବାଇକ୍ ଧକ୍କାରେ ଜଗନ୍ନାଥ ପ୍ରାୟ ଦଶ ଫୁଟ ଦୂରକୁ ଛିଟିକି ପଡିଥିଲେ। ତାଙ୍କ ମୁଣ୍ଡ ପଛପଟେ ପ୍ରବଳ ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା । ସ୍ଥାନୀୟ ଲୋକେ ଜଗନ୍ନାଥଙ୍କୁ ସଙ୍ଗେ ସଙ୍ଗେ ଏକ ଅଟୋ ଯୋଗେ ଚମ୍ପୁଆ ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ । ତେବେ ଡାକ୍ତରଖାନାରେ ଜଗନ୍ନାଥଙ୍କ ମୃତ୍ୟୁ ଘଟିଥିଲା ।

# ଦୁଆର ବେଢା ଉପରେ ଚନ୍ଦ୍ରଶାଳୀରେ ଧ୍ୱଜବତା ସଂଯୋଗ

ପୁରୀ, ୦୪/୦୭ (ନି.ପ୍ର): ଆଷାଢ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଶ୍ରୀଗୁଣ୍ଡିଚା ଯାତ୍ରା । ରତ୍ନବେଦିରୁ ଜନ୍ମବେଦୀକୁ ବିଜେ କରିବେ ଚତୁର୍ଦ୍ଧାମୂର୍ତି। ରଥାରୁଢ ହୋଇ ବଡଦାଣ୍ଡରେ ଘର ଘର ନାଦ କରି ରଥ ଗଡିବ । ଏଥିପାଇଁ ବଡଦାଣ୍ଡ ସ୍ଥିତ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖ ରଥଖଳା ଚଳଚଂଚଳ ହୋଇଉଠିଛି । ରଥ ନିର୍ମାଣକାରୀ ସେବକ ମାନେ ତିନିରଥର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ କରୁଛନ୍ତି । ଶୁକ୍ରବାର ରଥ ନିର୍ମାଣର ୭୪ ତମ ଦିବସରେ ରଥ ନିର୍ମାଣକାରୀ ସେବକ ମାନେ ରଥଖଳା ଠାରେ ରଥ ନିର୍ମାଣ କାର୍ଯ୍ୟରେ ଯୋଗ ଦେଇଥିଲେ। ଶୁକ୍ରବାର ଦୁଆର ବେଢାକୁ ମଜବୁତ ରଖିବା ପାଇଁ ଦୁଆର ବେଢା ଉପରି ଭାଗ ଚନ୍ଦ୍ର ଶାଳୀରେ ଧ୍ୱଜ ବତା ସଂଯୋଗ କରାଯାଇ ମଝି ଭୂଇଁ ସେଣିରେ କଂଟା ବସି ଫିଟିଙ୍ଗ କାର୍ଯ୍ୟ ଶେଷ ହୋଇଛି । ଗୁରୁବାର ସୁଦ୍ଧା ତିନିରଥରେ ୮ ଟି ଲେଖାଏଁ ରଷି ପଟା ସଂଯୋଗ ହେବାସହ ତିନିରଥର ପ୍ରଭାରେ ରୁପଖୋଦେଇ ଶେଷ ହୋଇଥିଲା। ଏଥିସହ ତିନିରଥ ଚାଳିରେ ଦୁଇଟି ଲେଖାଏଁ ସିଂହାସନ ମାଲ କାଠର ଚଉପଟ କାର୍ଯ୍ୟ ଶେଷ ହୋଇଥିଲା । ରଥ ଉପରକୁ ଦୁଆର ବେଢା ଉଠିବା ଦିନ ବାଉଁଶ ନିର୍ମିତ ରଥ ଚାଳି ଭଙ୍ଗା ଯାଇ ରଥ ଚାଳିରୁ ବାହାରିଥିବା ବାଉଁଶରେ ତିନିରଥର ଦୁଆର ବେଢା ରଥ ଉପରକୁ ଉଠିବା ପାଇଁ ବାଉଁଶ ତେଣ୍ଟିଆ ବ୍ୟବହୃତ ହୋଇଥିଲା । ପରମ୍ପରା ପ୍ରକାରେ ଭୋଇ ସେବକ ମାନେ ପୂର୍ବାହ୍ନରେ ବାଉଁଶ ନିର୍ମିତ ରଥ ଚାଳି ଭାଙ୍ଗି ରଥ ଚାଳିରୁ ବାହାରିଥିବା ବାଉଁଶରେ ବାଉଁଶ ତେଂଟିଆ ପ୍ରସ୍ତୁତ କାର୍ଯ୍ୟ ଶେଷ କରିଥିଲେ। ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ତିନିରଥର ସାଥୀ ଭୋଇ ସେବକ ମାନେ ମିଶି ତିନିରଥର ଆଗ ଆଣି, ପଛ ଆଣି ଏବଂ ରଥ ଦୁଇ ପାର୍ଶ୍ୱ ର ଦୁଆର ବେଢାକୁ ବାଉଁଶ ତେଂଟିଆ ସହାୟତାରେ ଉଠାଇ ନାଟ ଗୋଡ଼ ସହ ସଂଯୋଗ ପୂର୍ବକ ରଥରେ ଦଉଡ଼ି ଦ୍ୱାରା ବାନ୍ଧେଣୀ କାର୍ଯ୍ୟ ଶେଷ କରିଥିଲେ। ଶୁକ୍ରବାର ଦୁଆର ବେଢାକୁ ମଜବୁତ ରଖିବା ପାଇଁ ଦୁଆର ବେଢା ଉପରି ଭାଗ ଚନ୍ଦ୍ର ଶାଳୀରେ ଧ୍ୱଜ ବତା ସଂଯୋଗ କରାଯାଇ ମଝି ଭୂଇଁ ସେଣିରେ କଂଟା ବସି ଫିଟିଙ୍ଗ କାର୍ଯ୍ୟ ଶେଷ ହୋଇଛି । ରୂପକାର ସେବକ ମାନେ ତିନିରଥର ବାକିଥିବା ପଟା ଗୁଜରେ ନର ବିରାଳ, ସିଂହ ବିରାଳ ଚିତ୍ର ଖୋଦେଇ ସହ ପ୍ରଭା ପଟାରେ ବାକି ରହି ଯାଇଥିବା ରୂପ ଖୋଦେଇ ର ପଲିସ୍ କାର୍ଯ୍ୟ ଶେଷ କରିଛନ୍ତି। ଚିତ୍ରକାର ସେବକ ମାନେ ତିନିରଥର ପାର୍ଶ୍ୱ ଦେବା ଦେବୀ, କଳସ, ହଂସ ପଟା, କନ୍ୟା ପଟା, ଠେକରା ବାଡ଼ ଇତ୍ୟାଦିର ରଙ୍ଗ କାର୍ଯ୍ୟ ଶେଷ ପରେ ତିନିରଥର ବାହ୍ୟ ଅଂଶ ଗୁଡିକରେ ରଙ୍ଗ କାର୍ଯ୍ୟ ସହ ତିନିରଥର ସାରଥୀ ଏବଂ ଘୋଡ଼ା ଇତ୍ୟାଦିରେ ରଙ୍ଗ କାର୍ଯ୍ୟ ଜାରୀ ରଖିଛନ୍ତି। ଦୋଳ ବେଦୀ ଅସ୍ଥାୟୀ କମାର ଶାଳରେ ଓଝା କମାର ସେବକ ମାନେ ତିନିରଥର ଦୁଆର ବେଢା ପାଇଁ ଧ୍ୱଜ ବତା କଂଟା ସହ ତିନିରଥର ବ୍ରେକ ପୁଲି ପାଇଁ ଲୁହା କଡା ନିର୍ମାଣ ଶେଷ କରିଛନ୍ତି। ପାହି ମହାରଣା ମାନେ ଅଣସର ପାଇଁ କାଠ ନିର୍ମିତ ସରଞ୍ଜାମ ଯୋଗାଇ ଦେବାସହ ରଥଯାତ୍ରା ପାଇଁ ଆବଶ୍ୟକ କାଠ ନିର୍ମିତ ସରଞ୍ଜାମ ନିର୍ମାଣ ଜାରୀ ରଖିଛନ୍ତି। ମୁଖ୍ୟ ଦରଜୀ ସେବକ ଏବଂ ସହଯୋଗୀ ଦରଜୀ ସେବକ ମାନେ ମିଶି ରଥ କନା କଟିଙ୍ଗ ପୂର୍ବରୁ ଅନୁକୂଳ ପୂଜା ପୂର୍ବକ ମହାର୍ଦ୍ଦ ରଖି ନଡିଆ ବାଡେଇ ରଥ କନା କଟିଙ୍ଗ କାର୍ଯ୍ୟ ଶେଷ କରିଛନ୍ତି । ଶୁକ୍ରବାର ଠାରୁ ରଥ କନା ଜୋଡଣି ସହ ଲେସ୍ ପକା କାର୍ଯ୍ୟ ଆରମ୍ଭ କରିଛନ୍ତି । ତିନିରଥର ମହାରଣା ସେବକ ୭୭ ଜଣ, ଭୋଇ ସେବକ ୭୬ ଜଣ, କରତି ସେବକ ୪ ଜଣ, ରୂପକାର ସେବକ ୨୧ ଜଣ, ଓଝା କମାର ସେବକ ୨୦ ଜଣ, ତୁମ୍ଭ ବିନ୍ଧ କାରିଗର ୨ ଜଣ, ପାହି ମହାରଣା ୨ ଜଣ, ଚିତ୍ରକାର ୪୦ ଜଣ ଓ ରଥଖଳା ସହାୟକ ୧ ଜଣ ମୋଟ ୨୪୩ ଜଣ ସେବକ ମହାପ୍ରଭୁଙ୍କ ତିନିରଥ ନିର୍ମାଣ କାର୍ଯ୍ୟରେ ନିମଗ୍ନ ରହିଛନ୍ତି ।

# ମାଲକାନଗିରି ଜିଲ୍ଲାରେ ଭି.ବି.ଜି. ରାମ ଯୋଜନାର ଶୁଭାରମ୍ଭ: ଗ୍ରାମୀଣ ରୋଜଗାର ଓ ଭିତ୍ତିଭୂମି ବିକାଶକୁ ମିଳିବ ବେଗ

ମାଲକାନଗିରି , ୦୪/୦୭ (ନି.ପ୍ର): ସମଗ୍ର ଦେଶ ସହିତ ଆଜି ମାଲକାନଗିରି ଜିଲ୍ଲାରେ ଭାରତ ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପ ଭି.ବି.ଜି. ରାମ ଯୋଜନାର ଶୁଭାରମ୍ଭ ହୋଇଯାଇଛି। ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମ ସ୍ଥାନୀୟ ସଂସ୍କୃତି ଭବନଠାରେ ଅତ୍ୟନ୍ତ ସଫଳତାର ସହ ଆୟୋଜିତ ହୋଇଥିଲା। ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଜିଲ୍ଲା ସ୍ତରୀୟ ଶୁଭାରମ୍ଭ ସମାରୋହରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ସମାରୀ ଟାଙ୍ଗୁଲୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ ଏବଂ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହଳଧର ଶବର ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହିତ ମାନ୍ୟବର ମାଲକାନଗିରି ବିଧାୟକଙ୍କ ପ୍ରତିନିଧି ମାଣିକଲାଲ ଚକ୍ରବର୍ତ୍ତୀ, ବିଭିନ୍ନ ବିଭାଗର ଅଧିକାରୀ, ସ୍ଥାନୀୟ ଜନପ୍ରତିନିଧି ଏବଂ ବହୁ ସଂଖ୍ୟକ ଶ୍ରମିକ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ଅବସରରେ ଜିଲ୍ଲାପାଳ କହିଛନ୍ତି ଯେ ଏହି ଯୋଜନା କେବଳ ଏକ ସରକାରୀ କାର୍ଯ୍ୟକ୍ରମ ନୁହେଁ ବରଂ ମାଲକାନଗିରିର ପ୍ରତ୍ୟେକ ଗ୍ରାମୀଣ ପରିବାରର ସାମାଜିକ ଓ ଆର୍ଥିକ ସଶକ୍ତିକରଣ ପାଇଁ ଏକ ମୂଳଦୁଆ। ଆମକୁ ଶେଷ ହିତାଧିକାରୀଙ୍କ ପାଖରେ ପହଞ୍ଚିବାକୁ ହେବ। ପ୍ରତ୍ୟେକ ଗ୍ରାମ ପାଇଁ ସଠିକ୍ ଓ ଦୂରଦୃଷ୍ଟିସମ୍ପନ୍ନ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବା ପାଇଁ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଯାହାଦ୍ୱାରା ପ୍ରକୃତ ଶ୍ରମଜୀବୀ ଏହାର ସର୍ବାଧିକ ଲାଭ ପାଇପାରିବେ ଏବଂ ଜିଲ୍ଲାର ପ୍ରଗତି ସୁନିଶ୍ଚିତ ହେବ । ଜିଲ୍ଲା ପରିଷଦ ଅଧ୍ୟକ୍ଷ ନିଜ ଅଭିଭାଷଣରେ କହିଛନ୍ତି ଯେ ଭି.ବି.ଜି. ରାମ ଯୋଜନା ମାଧ୍ୟମରେ ଜିଲ୍ଲାର ଗ୍ରାମାଞ୍ଚଳରେ ରୋଜଗାର ଏବଂ ସାମଗ୍ରିକ ବିକାଶର ଏକ ବଡ଼ ସୁଯୋଗ ଆସିଛି। ଗ୍ରାମ ସ୍ତରରେ ଏହାର ସଫଳ ରୂପାୟନ ପାଇଁ ସମସ୍ତେ ମିଳିମିଶି ପ୍ରୟାସ କରିବା ଆବଶ୍ୟକ। ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରି ଏମ୍ପି ଶୁଭଶ୍ରୀ ସାହୁ ଏହି ନୂତନ ଯୋଜନାର ରୂପରେଖ, ଲକ୍ଷ୍ୟ ଓ ମିଳୁଥିବା ସୁବିଧା ସମ୍ବନ୍ଧରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଗ୍ରାମ ସ୍ତରରେ ନୂତନ ରୋଜଗାର ସୃଷ୍ଟି କରିବା, ମୌଳିକ ଭିତ୍ତିଭୂମିର ବିକାଶ କରିବା ଏବଂ ସାଧାରଣ ଲୋକଙ୍କ ଜୀବନଧାରଣର ମାନକୁ ଉନ୍ନତ କରିବା ଏହି ଯୋଜନାର ମୂଳ ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଥିଲେ। ଏହି ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳରେ ବ୍ୟାପକ ଭାବେ ନୂତନ କର୍ମସଂସ୍ଥାନର ସୁଯୋଗ ସୃଷ୍ଟି କରାଯିବ। ଏହାସହ ସ୍ଥାନୀୟ ଶ୍ରମଜୀବୀ ସେମାନଙ୍କ ପାଇଁ ଦିନକାମ ଅବସର ସୁନିଶ୍ଚିତ କରିବା ସହ ଗ୍ରାମଗୁଡ଼ିକରେ ରାସ୍ତା, ପାଣି, ସ୍ୱଚ୍ଛତା ଓ ଅନ୍ୟାନ୍ୟ ମୌଳିକ ସୁବିଧାର ସୁଦୃଢ଼ୀକରଣ କରାଯିବ। ମଧ୍ୟସ୍ଥିମାନଙ୍କୁ ଦୂରେଇ ସଠିକ୍ ସମୟରେ ଡିଜିଟାଲ ପ୍ରଣାଳୀ ମାଧ୍ୟମରେ ସିଧାସଳଖ ବ୍ୟାଙ୍କ ଆକାଉଣ୍ଟକୁ ମଜୁରୀ ପ୍ରଦାନ କରି ଗ୍ରାମବାସୀଙ୍କ ସାମାଜିକ ଓ ଆର୍ଥିକ ସ୍ଥିତିରେ ବଡ଼ ସୁଧାର ଆଣିବା ଏହାର ମୁଖ୍ୟ ଲକ୍ଷ୍ୟ ଅଟେ। କାର୍ଯ୍ୟକ୍ରମ ଅବସରରେ ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ପ୍ରତ୍ୟେକ ଗ୍ରାମ ପାଇଁ ଉପଯୁକ୍ତ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯେପରି ଗ୍ରାମାଞ୍ଚଳର ଶେଷ ହିତାଧିକାରୀଙ୍କ ପାଖରେ ଏହି ସୁବିଧା ପହଞ୍ଚିପାରିବ ଏବଂ ଲୋକେ ଏହାର ସର୍ବାଧିକ ଲାଭ ଉଠାଇପାରିବେ, ସେଥିପ୍ରତି ସେ ଗୁରୁତ୍ୱାରୋପ କରିଛନ୍ତି। ଶ୍ରମଜୀବୀମାନଙ୍କ ପାଇଁ ଏକ ବଡ଼ ଘୋଷଣା କରି ମୁଖ୍ୟ ଉନ୍ନୟନ ଅଧିକାରୀ ଜଣାଇଛନ୍ତି ଯେ, ଏହି ଯୋଜନାରେ ବର୍ତ୍ତମାନ ଦୈନିକ ମଜୁରୀ ହାର ୩୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ପୂର୍ବରୁ ଦେୟ ପ୍ରଦାନରେ ହେଉଥିବା ବିଳମ୍ବ ସମସ୍ୟାକୁ ଏହି ଯୋଜନା ମାଧ୍ୟମରେ ସମ୍ପୂର୍ଣ୍ଣ ରୂପେ ଦୂର କରାଯିବ ଏବଂ ଆଗାମୀ ଦିନରେ କୌଣସି ଶ୍ରମଜୀବୀଙ୍କୁ ହଇରାଣ ହେବାକୁ ପଡ଼ିବ ନାହିଁ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଯୋଜନାର ସଫଳ ରୂପାୟନ ମାଲକାନଗିରି ଜିଲ୍ଲାର ପ୍ରଗତି ଓ ଗ୍ରାମୀଣ ଅର୍ଥନୀତିକୁ ଏକ ନୂଆ ଦିଗ୍ଦର୍ଶନ ଦେବ ବୋଲି ଆଶା ପ୍ରକଟ କରାଯାଇଛି।

# କାମରେ ଲାଗୁନି ସରକାରୀ ବିଦ୍ୟାଳୟକୁ ଦିଆଯାଇଥିବା ଟ୍ୟାବ୍

ଜୟପୁର, ୦୪/୦୭ (ନି.ପ୍ର): କୋରାପୁଟ ଜିଲାରେ କାମରେ ଲାଗୁନି ସରକାରୀ ବିଦ୍ୟାଳୟକୁ ଦିଆଯାଇଥିବା ଟ୍ୟାବ୍ । କିଏ ଘରେ ପକାଇ ରଖିଛନ୍ତି ତ ଆଉ କିଏ ବିଦ୍ୟାଳୟ ଆଲମାରିରେ । ୩ ବର୍ଷ ତଳେ ଡିଜିଟାଲ ଶିକ୍ଷଣ ପ୍ରଣାଳୀରେ ପ୍ରତ୍ୟେକ ପ୍ରାଥମିକ ବିଦ୍ୟାଳୟକୁ ଗୋଟିଏ ଲେଖାଏଁ ଟ୍ୟାବ୍ ଦିଆଯାଇଥିଲା । ଏହି ଯୋଜନା ତ୍ୱରାନ୍ୱିତ କରାଯାଇନଥିବାରୁ ଟ୍ୟାବ ଏବେ ଖେଳନା ଭଳି ପଡିରହିଛି । ତତ୍କାଳୀନ ସରକାର ନୂଆ ଯୋଜନା ଆରମ୍ଭ କରିଥିଲେ । ପ୍ରାଥମିକ ବିଦ୍ୟାଳୟ ଛାତ୍ର, ଛାତ୍ରୀ ମାନେ କିପରି ଡିଜିଟାଲ ଶିକ୍ଷଣ ପ୍ରଣାଳୀରେ ଗଣିତ, ଭାଷା ଓ ୟୁଟ୍ୟୁବରୁ ବିଭିନ୍ନ ଶିକ୍ଷାଲାଭ କରିବେ, ତାହାର ଏହାର ମୂଳ ଲକ୍ଷ୍ୟ ଥିଲା । ଏଥିଲାଗି ପ୍ରତ୍ୟେକ ପ୍ରାଥମିକ ବିଦ୍ୟାଳୟକୁ ଗୋଟିଏ ଲେଖାଏଁ ଟ୍ୟାବ୍ ଦିଆଯାଇଥିଲା । ଯେଉଁ ସ୍କୁଲରେ ଟିଭି ରହିଛି, ସେଥିରେ ଟ୍ୟାବ୍ ସଂଯୋଗ କରି ପିଲାଙ୍କୁ ଶିକ୍ଷା ଦେବାକୁ କୁହାଯାଇଥିଲା । ଟ୍ୟାବ୍ ମିଳିବାରୁ ଶିକ୍ଷକମାନେ ଖୁସି ହୋଇଯାଇଥିଲେ । ହେଲେ ଏଥିରେ ଏଭଳି ବ୍ୟବସ୍ଥା ଥିଲା ଯେ ଅନ୍ୟ ଟ୍ୟାବ୍ ଭଳି ହ୍ୱାଟ୍ସଆପ ଓ ଫେସବୁକ ବ୍ୟବହାର କରାଯାଇପାରିବ ନାହିଁ । ଏକ ସ୍ୱତନ୍ତ୍ର ଆପ ଦିଆଯାଇଥିଲା । ସେଥିରୁ ହିଁ ଗଣିତ ଓ ଭାଷା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ପଢାଯାଇପାରିବ । ଟ୍ୟାବ ପାଇବାର କିଛିଦିନ ଏହାକୁ କିଛି ଶିକ୍ଷକ ବ୍ୟବହାର କଲେ । ପରେ ବିଭିନ୍ନ କାରଣରୁ ଏହା ପଡି ରହିଲା । ଜଣେ ଶିକ୍ଷକ ନିଜ ନାମ ଗୋପନ ରଖିବା ସର୍ତରେ କହିଛନ୍ତି, ଏହାକୁ ବ୍ୟବହାର କରିବା ସମ୍ପର୍କରେ ଶିକ୍ଷକ ମାନଙ୍କୁ ତାଲିମ୍ ଦିଆଯାଇନଥିଲା । ଘରକୁ ନେବା ଆଣିବାରେ ସମସ୍ୟା ହେଲା । ସୁରକ୍ଷା ନଥିବାରୁ ବିଦ୍ୟାଳୟ ରଖି ପାରିଲେନି । ସବୁଠୁ ବଡ଼ ସମସ୍ୟା ହେଲା, ଗୋଟିଏ ଛୋଟିଆ ଟ୍ୟାବ୍ ରେ ପିଲାଙ୍କୁ କିପରି ଶିକ୍ଷା ଦେବେ । ଦୂରରେ ରଖି ପିଲାଙ୍କୁ ଶିକ୍ଷା ଦେଇପାରିଲେନିକି ନିକଟରେ ୫ରୁ ଅଧିକ ପିଲାଙ୍କୁ ଠିଆ କରିପାରିଲେନି । ସେହିପରି ଅଧିକାଂଶ ବିଦ୍ୟାଳୟରେ ବିଦ୍ୟୁତ ନଥିବାରୁ ଚାର୍ଜିଙ୍ଗ ସମସ୍ୟା ହେଲା । ଏସବୁ କାରଣରୁ ଶିକ୍ଷକ ମାନେ ଏହାକୁ ବ୍ୟବହାର କଲେନି । ରହି ରହି ନଷ୍ଟ ହୋଇଗଲାଣି । କେତେକ ଶିକ୍ଷକ ଏହାକୁ ଏବେ ବ୍ୟକ୍ତିଗତ କାମରେ ବ୍ୟବହାର କରୁଛନ୍ତି । ଯେଉଁ ଉଦ୍ଦେଶ୍ୟରେ ଏହି ଯୋଜନା କରାଯାଇଥିଲା, ତାହା ଫସର ଫାଟିଛି । ସବୁଠୁ ବଡ଼ ସମସ୍ୟା ହେଲା, ଗୋଟିଏ ଛୋଟିଆ ଟ୍ୟାବ୍ ରେ ପିଲାଙ୍କୁ କିପରି ଶିକ୍ଷା ଦେବେ । ଟ୍ୟାବ୍ ମିଳିବାରୁ ଶିକ୍ଷକ ମାନେ ଖୁସିହୋଇଯାଇଥିଲେ । ହେଲେ ଏଥିରେ ଏଭଳି ବ୍ୟବସ୍ଥା ଥିଲା ଯେ ଅନ୍ୟ ଟ୍ୟାବ୍ ଭଳି ହ୍ୱାଟ୍ସଆପ ଓ ଫେସବୁକ ବ୍ୟବହାର କରାଯାଇପାରିବ ନାହିଁ ।

## ୫୩ କେଜି ଗଞ୍ଜେଇ: ପିକଅପ୍ ଗାଡ଼ି ଜବତ

ବଲାଙ୍ଗିର, ୦୪/୦୭ (ନି.ପ୍ର): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ପୋଲିସ ବେଆଇନ ଗଞ୍ଜେଇ କାରବାର ବିରୋଧରେ ଏକ ବଡ଼ ସଫଳତା ହାସଲ କରିଛି । ଚଢ଼ଉ ସମୟରେ ପ୍ରାୟ ୫୩ କିଲୋଗ୍ରାମ ଗଞ୍ଜେଇ ସହ ଏକ ପିକଅପ୍ ଭ୍ୟାନ୍ ଜବତ କରାଯାଇଛି । ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ବଲାଙ୍ଗିର ଏସ୍ପିଙ୍କ ନିର୍ଦ୍ଦେଶ କ୍ରମେ ପାଟଣାଗଡ଼ ଥାନା ପୋଲିସ କୁଆବାଉସ ଗ୍ରାମରେ ଚଢ଼ଉ କରିଥିଲା । ଚଢ଼ଉ ବେଳେ ଏକ ପିକଅପ୍ ଗାଡ଼ିରୁ ପ୍ରାୟ ୫୩ କେଜି ଗଞ୍ଜେଇ ଜବତ କରିବା ସହ ଗାଡ଼ିଟିକୁ ମଧ୍ୟ ପୋଲିସ ଜବତ କରିଛି । ତେବେ ପୋଲିସ ଘଟଣାସ୍ଥଳରେ ପହଂଚିବା ପୂର୍ବରୁ ଅଭିଯୁକ୍ତ ଫେରାର ହୋଇଯାଇଥିବାରୁ ତାଙ୍କୁ ଗିରଫ କରିବା ସମ୍ଭବ ହୋଇନଥିଲା । ଜବତ ଗଞ୍ଜେଇ ଓ ପିକଅପ୍ ଭ୍ୟାନ୍ କୁ ଥାନାକୁ ଆଣି ଆଇନଗତ ପ୍ରକ୍ରିୟା ସମ୍ପନ୍ନ କରାଯାଇଛି । ଏହି ଘଟଣାରେ ପାଟଣାଗଡ଼ ଥାନାରେ ଏନ୍ଡିପିଏସ୍ ଆଇନ ଅନୁଯାୟୀ ଏକ ମାମଲା ରୁଜୁ ହୋଇଛି ।

# ଅସ୍ତିତ୍ୱ ଖୋଜୁଛି ଆଦର୍ଶ ଗାଁ ଦୟାନିଧିଗୁଡ଼ା

ଜୟପୁର, ୦୪/୦୭ (ନି.ପ୍ର): ଆଦର୍ଶ ଗାଁ ଦୟାନିଧିଗୁଡ଼ାରୁ ୧୯୯୫ରେ କେବିକେ ଯୋଜନାର ଶୁଭାରମ୍ଭ କରିଥିଲେ ତତ୍କାଳୀନ ପ୍ରଧାନମନ୍ତ୍ରୀ ପି.ଭି.ନରସିଂହ ରାଓ । ଏହା ଭିତରେ ବଦଳିଛି କେବିକେ ଜିଲ୍ଲା ବିକାଶର ଚିତ୍ର । ମୁଖ୍ୟସ୍ରୋତରେ ସାମିଲ ହୋଇଛି ଅନେକ ଗାଁ । ହେଲେ କେବିକେ ଯୋଜନାର ନିଅଁ ପଡ଼ିଥିବା ଦୟାନିଧିଗୁଡ଼ା ଅବହେଳିତ ଅବସ୍ଥାରେ ରହିଗଲା । ଏବେ ଏହି ଆଦର୍ଶ ଗାଁ ନିଜ ଅସ୍ତିତ୍ୱକୁ ଖୋଜୁଛି । ୩୦ ବର୍ଷ ତଳର ଘଟଣା । କୋରାପୁଟ ସଦର ବ୍ଲକ୍ କେନ୍ଦାର ପଂଚାୟତ ଅଧୀନ ଏହି ଗାଁକୁ ଆଦର୍ଶ ଗାଁର ମାନ୍ୟତା ଦେବାକୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓ ଆସିଥିଲେ । ପ୍ରଧାନମନ୍ତ୍ରୀ ଆସୁଥିବାରୁ ଗାଁକୁ ନିର୍ମାଣ ହୋଇଥିଲା ଚକାଚକ୍ ରାସ୍ତା । ରାସ୍ତାପାର୍ଶ୍ୱ କଚ୍ଚାଘରଗୁଡ଼ିକୁ ଇନ୍ଦିରା ଆବାସ ଯୋଜନାରେ ସାମିଲ କରି ଆଜବେଷ୍ଟସ୍ ଘର ନିର୍ମାଣ କରାଗଲା । ବିଦ୍ୟାଳୟ ସୌନ୍ଦର୍ଯ୍ୟକରଣ, ଗାଁ ଉପରମୁଣ୍ଡରେ ପଡ଼ିଆ ଜମିକୁ ଜଳଯୋଗାଣ ପାଇଁ ତଳମୁଣ୍ଡରେ ଥିବା ନାଳରୁ ଉଠାଜଳସେଚନ ବ୍ୟବସ୍ଥା କରାଗଲା । ରାତାରାତି ବଦଳି ଯାଇଥିଲା ଦୟାନିଧିଗୁଡ଼ାର ଚେହେରା । ପ୍ରଧାନମନ୍ତ୍ରୀ ଗାଁରେ ପହଂଚି ତେଲଙ୍ଗଣି ନାଳରେ ନିର୍ମାଣ ହୋଇଥିବା ପୋଲ ଉଦ୍ଘାଟନ କରିଥିଲେ । ସେହି ସ୍ଥାନରୁ କେବିକେ ଯୋଜନା ଶୁଭାରମ୍ଭ ହେଲା । ଗ୍ରାମବାସୀ ଭାବିଥିଲେ ତାଙ୍କ ଗାଁର ବିକାଶ ଅନ୍ୟ ଗାଁ ପାଇଁ ଉଦାହରଣ ହୋଇ ରହିବ । କେବିକେ ଯୋଜନାରେ ଅଂଚଳର ବିକାଶ ପାଇଁ ଅର୍ଥର ଅଭାବ ରହିନି । କେନ୍ଦ୍ର ଓ ରାଜ୍ୟ ଉଭୟେ ଅନୁଦାନ ଅଜାଡ଼ି ଦେଇଛନ୍ତି । ଅନ୍ୟ ଅଂଚଳର ଭାଗ୍ୟ ବଦଳାଇବା ଲାଗି ଯେଉଁ ଯୋଜନାର ଶୁଭାରମ୍ଭ ଦୟାନିଧିଗୁଡାର ଆରମ୍ଭ ହୋଇଥିଲା ସେହି ଗାଁ ଏବେ ଅବହେଳିତ ଅବସ୍ଥାରେ । ପ୍ରଧାନମନ୍ତ୍ରୀ ଉଦ୍ଘାଟନ କରିଥିବା ପୋଲତଳୁ ସିମେଣ୍ଟ ଧୋଇଯାଇ ପଥର ଦିଶିଲାଣି । ବନ୍ୟାପାଣି ଆସିଲେ କେତେବେଳେ ପୋଲ ଭାସିଯିବ ସେ ଆଶଙ୍କାରେ ଗ୍ରାମବାସୀ । ଉଠାଜଳସେଚନ ପ୍ରକଳ୍ପ ମୋଟର ଅଚଳ କାରଣରୁ ବହୁ ବର୍ଷ ହେବ ଅଚଳ ପଡ଼ିଛି । ୨୦ ବର୍ଷ ପୂର୍ବେ ନାଳରେ ନିର୍ମାଣ ହୋଇଥିବା ଚେକ୍ ଡ୍ୟାମ ପାଣି ଜମିକୁ ମାଡୁନି । ଗ୍ରାମର ୮୦ ପ୍ରତିଶତ ପରିବାର ଗରିବ ଶ୍ରେଣୀର । ବହୁ ପରିବାରକୁ ପକ୍କାଘର ମିଳିନଥିବା ବେଳେ ଗାଁର ସାହି ଗୁଡ଼ିକରେ ପକ୍କାରାସ୍ତା ନିର୍ମାଣ ହୋଇପାରିନି । ଗାଁରେ କାମ ମିଳୁନଥିବାରୁ ସହରରେ କୁଲି କାମ ସହ ଅନେକ ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି । ପାଇପ୍ ଜଳଯୋଗାଣ ହୋଇନି । ଗାଁରେ ଥିବା ୨ଟି ନଳକୂଅରୁ ଗୋଟିଏ ଅଚଳ । ଗୋଟିଏରେ ପାଣିପାଇଁ ଲମ୍ବାଧାଡ଼ି । କେବିକେ ଯୋଜନାର ଏନ୍ତୁଡ଼ି ଶାଳକୁ ସରକାର ଅବହେଳା କରିବା ନିନ୍ଦନୀୟ । ପ୍ରଶାସନିକ ଅବହେଳାରୁ ଦୟାନିଧିଗୁଡ଼ାରେ ସରକାରୀ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରିନି ।

## ଅସୀମ କରାଟେ ଏକାଡେମିର ସଫଳତା: ଅଭିଳାଷାଙ୍କୁ ସ୍ୱର୍ଣ୍ଣ

ବଲାଙ୍ଗିର, ୦୪/୦୭ (ନି.ପ୍ର): ଟିଟିଲାଗଡ ସ୍ଥିତ ସେଣ୍ଟ ଆନ୍ସ ପବ୍ଲିକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଥିବା ସିଆଇଏସ୍ସିଆ ଜୋନାଲ ସ୍ତରୀୟ କରାଟେ ପ୍ରତିଯୋଗିତାରେ ବଲାଙ୍ଗିର ଜିଲ୍ଲା କରାଟେ ଅର୍ଗାନାଇଜେସନର ପ୍ରତିଯୋଗୀମାନେ ଚମତ୍କାର ପ୍ରଦର୍ଶନ କରି ଅଂଚଳ ପାଇଁ ଗୌରବ ଆଣିଦେଇଛନ୍ତି । ଏହି ପ୍ରତିଯୋଗିତାରେ ବଲାଙ୍ଗିର କରାଟେ ଅର୍ଗାନାଇଜେସନର ଉଦୀୟମାନ କରାଟେ ଖେଳାଳି ଅଭିଳାଷା ଚୌଧୁରୀ ୩୪-୩୮ କେଜି ବାଳିକା କୁମିତେ ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ସେହିପରି ୪୨-୪୬ କେଜି କୁମିତେ ବିଭାଗରେ ସାନଭି ପ୍ରଧାନ ବ୍ରୋଞ୍ଜ ପଦକ ଜିତିବାରେ ସଫଳ ହୋଇଛନ୍ତି । ଏହି ଅବସରରେ ଜାତୀୟ କରାଟେ ପ୍ରଶିକ୍ଷକ ତଥା ଜାତୀୟ ସ୍ତରୀୟ ରେଫରୀ ଅସୀମ କୁମାର ଭୋଇ ପ୍ରତିଯୋଗିତାରେ ରେଫେରୀ ଦାୟିତ୍ୱ ତୁଲାଇଥିଲେ । କ୍ରୀଡା କ୍ଷେତ୍ରରେ ଶ୍ରୀ ଭୋଇଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ସେଂଟ ଆନ୍ସ ପବ୍ଲିକ ସ୍କୁଲ କର୍ତୃପକ୍ଷ ଦ୍ୱାରା ତାଙ୍କୁ ଆନୁଷ୍ଠାନିକ ଭାବେ ସମ୍ମାନିତ କରାଯାଇଥିଲା ।

# ମାଟିଆପଡ଼ା ଆରଓବିର ସ୍ଥିତି ସମୀକ୍ଷା କଲେ ପ୍ରମୁଖ ଶାସନ ସଚିବ

ପୁରୀ, ୦୪/୦୭ (ନି.ପ୍ର): ଚଳିତ ରଥଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁ ଓ ଭକ୍ତ ପୁରୀ ଆସିବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ଗମନାଗମନକୁ ଶୃଙ୍ଖଳିତ ଓ ସୁବ୍ୟବସ୍ଥିତ କରି ସମସ୍ତଙ୍କୁ ଏକ ସୁଖଦ ଅନୁଭୂତି ଦେବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ଏହାର ସଫଳ କାର୍ଯ୍ୟାନ୍ୱୟନ ନିମନ୍ତେ ଆଇନ, ପୂର୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମଧ୍ୟ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପୁରୀ ସହରକୁ ପ୍ରବେଶ ଓ ପ୍ରସ୍ଥାନ କ୍ଷେତ୍ରରେ ମାଟିଆପଡ଼ା ଆରଓବିର ପ୍ରମୁଖ ଭାଗୀଦାରି ରହିଛି । ଏଣୁ ଚଳିତ ରଥଯାତ୍ରା ପୂର୍ବରୁ ମାଟିଆପଡ଼ା ଆରଓବିର ନିର୍ମାଣ କାର୍ଯ୍ୟ ଶେଷ କରି ଜନସାଧାରଣଙ୍କ ବ୍ୟବହାର ଉପଯୋଗୀ କରିବା ପାଇଁ ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ନିୟମିତ ପୁରୀ ଗସ୍ତ କରି କାର୍ଯ୍ୟର ଅଗ୍ରଗତି ଓ ସ୍ଥିତିର ସମୀକ୍ଷା କରୁଛନ୍ତି । ଏହି କ୍ରମରେ ଗତକାଲି ସଚିବ ଶ୍ରୀ ସିଂହ ମାଟିଆପଡ଼ା ଗସ୍ତ କରି ନିର୍ମାଣ ସ୍ଥଳୀ ପରିଦର୍ଶନ କରିବା ସହ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି । ବର୍ତମାନ ସୁଦ୍ଧା ବୋ-ଷ୍ଟ୍ରିଙ୍ଗ୍ ଗାର୍ଡରର ଲଂଚିଙ୍ଗ କାର୍ଯ୍ୟ ସଫଳତାର ସହ ସମ୍ପୂର୍ଣ୍ଣ ହୋଇଥିବା ବେଳେ ବୋ-ଷ୍ଟ୍ରିଙ୍ଗ୍ ଗାର୍ଡର ଉପରେ ଡେକ୍ ସ୍ଲାବ୍ କାଷ୍ଟିଂ କାର୍ଯ୍ୟକୁ ଯଥାଶୀଘ୍ର ସଂପୂର୍ଣ୍ଣ କରିବା ପାଇଁ ସଚିବ ଶ୍ରୀ ସିଂହ ନିର୍ଦ୍ଦେଶ ଦେଇଛନ୍ତି ।

# ଭୁବନରେ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ଭୁବନ, ୦୪/୦୭ (ନି.ପ୍ର): ଢ଼େଙ୍କାନାଳ ଜିଲ୍ଲା ଭୁବନରେ ତୃତୀୟା ଦେବ ଜିଉଙ୍କ ପବିତ୍ର ରଥଯାତ୍ରା ନିମନ୍ତେ ଶୁକ୍ରବାର ଅପରାହ୍ନରେ ବିଜ୍ଞାପିତ ଅଂଚଳ ପରିଷଦ ସଭାଗୃହରେ ସଭାପତି ତଥା ନଗରପାଳ ଶୁଭେନ୍ଦୁ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରଥଯାତ୍ରା ପୂର୍ବରୁ ରାସ୍ତାଘାଟ, ଡ୍ରେନ୍ ମରାମତି କରିବା ସହିତ ଝୁଲି କରି ରହିଥିବା ବିଦ୍ୟୁତ୍ ତାରକୁ ଉଚ୍ଚ କରାଯିବା, ପାନୀୟ ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥା ସମେତ ଯାତ୍ରା ପାଇଁ ଦେବୋତର ବିଭାଗରୁ ୧ ଲକ୍ଷ ଟଙ୍କା ଅନୁଦାନ ପାଇଁ ଚିଠି କରାଯିବା ସମ୍ପର୍କରେ ଆଲୋଚନା ହୋଇଥିଲା । ଏହି ପ୍ରସ୍ତୁତି ବୈଠକରେ ଜଗନ୍ନାଥଙ୍କ ଆଦ୍ୟ ସେବକ ରାମଚନ୍ଦ୍ର ରାଉତ, ମୁଖ୍ୟ ପୂଜକ ତୁଷାରକାନ୍ତି ମିଶ୍ର, ପୁରୀ ଗୋବର୍ଦ୍ଧନ ପୀଠର ମହାସଚିବ ପଣ୍ଡିତ ମାତୃ ପ୍ରସାଦ ମିଶ୍ର, ଦଶହରା କମିଟି ମୁଖ୍ୟ ଅଧ୍ୟାପକ ଦିଲ୍ଲୀପ ଦାସ, ପୂର୍ବତନ ନଗରପାଳ ନରହରି ସାହୁ, ଭୁବନ ଥାନା ଏସ ଏଇ ମାନସ ନାୟକ, ବିଦ୍ୟୁତ ବିଭାଗ ଯନ୍ତ୍ରୀ ନଳିନୀ ଶଙ୍କର ରଥ, ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ସୋନାଲି ନାୟକ, କାଉନସିଲର ପପୁ କୁମାର ସାହୁ, ନରେନ୍ଦ୍ର ବେହେରା, କାଳୀ ବଜାର ବଣିକ ସଂଘ ସଭାପତି ସୁବ୍ରତ କୁମାର ସାହୁ, ନୂଆ ବଜାର ବଣିକ ସଂଘ ସମ୍ପାଦକ ବସନ୍ତ କୁମାର ପୋଥାଳ, ଲକ୍ଷ୍ମଣ ଦାସ, ସତ୍ୟାନନ୍ଦ ପୃଷ୍ଟି, ଆଇନଜିବୀ କୁଞ୍ଜ ବିହାରୀ ଚିନରା, ଜଗବନ୍ଧୁ ବିହାରୀ, ଭବାନୀ ଶଙ୍କର ପୋଥାଳ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆସନ୍ତା ୧୪ ତାରିଖ ମଙ୍ଗଳବାର ନେତ୍ରୋତ୍ସବ ଓ ନବ ଯୌବନ ବେଶରେ ମହାପ୍ରଭୁ ଦର୍ଶନ ଦେବେ । ୧୬ ତାରିଖ ଗୁରୁବାର ସକାଳ ୬ଟା ସମୟରେ ଦେଉଳ ଫିଟା, ୭ଟା ଦ୍ୱାରପାଳ ପୂଜା, ପାଟବେସ୍ତ୍ର ଆନୟନ, ୧୦ଟା ମା ହିଙ୍ଗୁଳା ପୀଠରୁ ଆଜ୍ଞାମାଳ ବିଜେ, ୧୧ଟା ମହାପ୍ରସାଦ ନୀତି, ୧୨ଟା ରଥ ପ୍ରତିଷ୍ଠା, ଅପରାହ୍ନ ୧ଟା ଚତୁର୍ଦ୍ଧାମୂର୍ତିଙ୍କ ପହଣ୍ଡି, ୨ଟା ଛେରା ପହଁରା, ୨ଟା ୩୦ ଚାରମାଳ ଫିଟା, ୩ଟାରେ ରଥ ଟଣା ଆରମ୍ଭ ହୋଇ ସନ୍ଧ୍ୟା ୬ଟାରେ ନୂଆ ବଜାରରେ ବିଶ୍ରାମ, ୬ଟା ୩୦ ରେ ସନ୍ଧ୍ୟାଧୂପ, ଆଳତି ଓ ରାତ୍ର ୭ଟା ସମୟରେ ଭଜନ ସନ୍ଧ୍ୟା ପରିବେଷଣ କରାଯିବ ବୋଲି ଚୂଡ଼ାନ୍ତ ନିଷ୍ପତି ହୋଇଥିଲା । ଶେଷରେ ସମ୍ପାଦକ ନିରଞ୍ଜନ ଗୁରୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ସ୍ୱର୍ଗତ ଲାକେ ପଡ଼ିଆମୀଙ୍କ ପରିବାରକୁ ମିଳିଲା ବ୍ୟକ୍ତିଗତ ଜଙ୍ଗଲ ଅଧିକାର ଓ ଜମି ପଟ୍ଟା

ମାଲକାନଗିରି, ୦୪/୦୭ (ନି.ପ୍ର): ରାଖେଲଗୁଡ଼ା ଗ୍ରାମର ସ୍ୱର୍ଗତ ଲାକେ ପଡ଼ିଆମୀଙ୍କ ପରିବାରକୁ ନ୍ୟାୟ ଓ ଆଇନଗତ ଅଧିକାର ପ୍ରଦାନ ଦିଗରେ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ଆଜି ନିଜ କାର୍ଯ୍ୟାଳୟରେ ସ୍ୱର୍ଗତ ଲାକେ ପଡ଼ିଆମୀଙ୍କ ନିକଟତମ ସମ୍ପର୍କୀୟ ରବି ପଡ଼ିଆମୀ ଓ ମୁକା ପଡ଼ିଆମୀଙ୍କୁ ବ୍ୟକ୍ତିଗତ ଜଙ୍ଗଲ ଅଧିକାର ପ୍ରମାଣପତ୍ର ଏବଂ ଜମିର ପଟ୍ଟା ଆନୁଷ୍ଠାନିକ ଭାବେ ହସ୍ତାନ୍ତର କରିଛନ୍ତି। ଏହି ସମଗ୍ର ପ୍ରକ୍ରିୟାରେ ଜିଲ୍ଲା ପ୍ରଶାସନ ଏକ ଅତ୍ୟନ୍ତ ସମ୍ବେଦନଶୀଳ ଓ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଅଂଚଳରେ ସାମାଜିକ ସଦଭାବନା ଓ ସ୍ଥିରତା ବଜାୟ ରଖିବା ସହିତ ପୀଡ଼ିତ ପରିବାରକୁ ସମସ୍ତ ସରକାରୀ ସହାୟତା ଓ ନ୍ୟାୟ ପ୍ରଦାନ କରିବା ଦିଗରେ ପ୍ରଶାସନିକ ଅଧିକାରୀମାନେ ନିରନ୍ତର କାର୍ଯ୍ୟ କରିଛନ୍ତି। ପ୍ରଶାସନର ଏହି ସକ୍ରିୟ ପଦକ୍ଷେପ ଯୋଗୁଁ ସମସ୍ତ ଆଇନଗତ କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମ୍ପନ୍ନ ହୋଇପାରିଛି। ଏହି ପୀଡ଼ିତ ପରିବାରକୁ ସେମାନଙ୍କର ପ୍ରାପ୍ୟ ଆଇନଗତ ଅଧିକାର ପ୍ରଦାନ କରିବା ସହ ଅଂଚଳରେ ସ୍ଥାୟୀ ସନ୍ତୁଳନ, ଶାନ୍ତି ଏବଂ ପରିବାରର ସୁରକ୍ଷିତ ଭବିଷ୍ୟତ ଦିଗରେ ଏକ ବଡ଼ ଆଶ୍ୱାସନା ସୃଷ୍ଟି କରିଛି।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୫ ଜୁଲାଇ ୨୦୨୬
email : rabibarachayan2015@gmail.com

# ରବିବାର ଚୟନ

ପୃଷ୍ଠା ୩

.......ସୁଚୟନ ସୁଚୟନ ସୁଚୟନ.......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର




# ବୁଦ୍ଧ କାହାଣୀ

ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ '**ବୁଦ୍ଧ କାହାଣୀ**' ଶୀର୍ଷକରେ ଅନୁବାଦ କରିଛନ୍ତି

**ଡ. ସାରଙ୍ଗଧର ତ୍ରିପାଠୀ**



## ୩୯ ଅନାଥପିଣ୍ଡିକ (ବୁଦ୍ଧଙ୍କ କୋଟିପତି ସମର୍ଥକ)



କୋଟିପତି ଅନାଥପିଣ୍ଡିକ ସୁଦତ୍ତ ଭାବରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ମହାନ ଦାନଶୀଳତାର ଫଳସ୍ୱରୂପ, ତାଙ୍କୁ ଅନାଥପିଣ୍ଡିକ ନାମ ଦିଆଯାଇଥିଲା, ଯାହାର ଅର୍ଥ 'ଅସହାୟଙ୍କ ଅନ୍ନଦାତା'।

ରାଜକୁମାର ଜେତଙ୍କ ଠାରୁ ବହୁମୂଲ୍ୟରେ ଏକ ଉଦ୍ୟାନ କିଣି ଅନାଥପିଣ୍ଡିକ ବୁଦ୍ଧଙ୍କ ପାଇଁ ବର୍ଷାଋତୁ ବିତାଇବା ନିମନ୍ତେ ପ୍ରସିଦ୍ଧ ଜେତବନ ମଠ ନିର୍ମାଣ କରିଥିଲେ। ଉଦ୍ୟାନର ମୂଲ୍ୟ ଏହାର ଭୂମିକୁ ଆଚ୍ଛାଦିତ କରିଥିବା ସ୍ୱର୍ଣ୍ଣମୁଦ୍ରାର ସ୍ତର ଦ୍ୱାରା ନିର୍ଦ୍ଧାରଣ କରାଯାଇଥିଲା। ବୁଦ୍ଧ ନିଜ ଜୀବନର ଅଧିକାଂଶ ସମୟ ଏହି ଶାନ୍ତ ବାତାବରଣରେ ଅତିବାହିତ କରିଥିଲେ ଏବଂ ଅଧିକାଂଶ ଉପଦେଶ ଏହିଠାରେ ପ୍ରଦାନ କରିଥିଲେ। ମୋଟାମୋଟି ଭାବରେ ବୁଦ୍ଧ ଜେତବନ ମଠରେ ଚବିଶଟି ବର୍ଷାଋତୁ ବିତାଇଥିଲେ।

ଅନାଥପିଣ୍ଡିକଙ୍କୁ ପ୍ରଦତ୍ତ ବୁଦ୍ଧଙ୍କ ଅନେକ ଉପଦେଶ ସାଧାରଣ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ସେଥିମଧ୍ୟରୁ ଦୁଇଟି ଦାନ ଓ ଚାରିପ୍ରକାର ଆନନ୍ଦ ଉପରେ ପର୍ଯ୍ୟବେଶିତ ଥିଲା। ଦାନ ଉପରେ ପ୍ରଦତ୍ତ ଉପଦେଶରେ ବୁଦ୍ଧ ପରାମର୍ଶ ଦେଇଥିଲେ ଯେ ବୌଦ୍ଧ ଜୀବନର ପ୍ରଥମ ପର୍ଯ୍ୟାୟ ହେଉଛି ଦାନ ଅଭ୍ୟାସ କରିବା ଯେପରିକି ଭିକ୍ଷୁମାନଙ୍କୁ ଦାନ ଦେବା ଏବଂ ମଠ ନିର୍ମାଣ କରିବା। ଦାନଶୀଳ ହେବା ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ତ୍ରିରତ୍ନର ଆଶ୍ରୟ ନେବା ଏବଂ ପଞ୍ଚଶୀଳ ପାଳନ କରିବା, ଯାହା ଆମକୁ ଆମର କଥା ଏବଂ କାର୍ଯ୍ୟକୁ ଶୃଙ୍ଖଳିତ କରିବାରେ ସହାୟତା କରେ। ପଞ୍ଚଶୀଳ ନୀତି ପାଳନ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ପ୍ରେମପୂର୍ଣ୍ଣ ଦୟା ଭାବ ('ମେତ୍ତା' ଭାବନା) ଉପରେ ଧ୍ୟାନର ନିୟମିତ ଅଭ୍ୟାସ, କିନ୍ତୁ ସବୁଠାରୁ ସତ୍‌କାର୍ଯ୍ୟ ହେଉଛି ବସ୍ତୁସମୂହର କ୍ଷଣସ୍ଥାୟୀ ପ୍ରକୃତି ବିଷୟରେ ଅନ୍ତର୍ଦୃଷ୍ଟିକୁ ବିକଶିତ କରିବା।


ଜଣେ ସାଧାରଣ ବ୍ୟକ୍ତି ଯେଉଁ ଚାରିପ୍ରକାର ଆନନ୍ଦର ଅନୁଭବ କରିପାରିବ, ତାହା ଉପରେ ନିଜର ଉପଦେଶରେ ବୁଦ୍ଧ ମାଲିକାନାର ଆନନ୍ଦ, ଧନର ଆନନ୍ଦ, ଋଣମୁକ୍ତ ହେବାର ଆନନ୍ଦ ଏବଂ ନିର୍ଦ୍ଦୋଷତାର ଆନନ୍ଦ ବିଷୟରେ ଉଲ୍ଲେଖ କରିଥିଲେ।

ମାଲିକାନାର ଆନନ୍ଦର ଅର୍ଥ ହେଉଛି ସଚ୍ଚୋଟ ଉପାୟ ଏବଂ କଠିନ ପରିଶ୍ରମ ଦ୍ୱାରା ସମ୍ପତ୍ତି ଅର୍ଜନ କରିବାର ସନ୍ତୋଷ। ଧନର ଆନନ୍ଦ ହେଉଛି ଜଣେ ବ୍ୟକ୍ତିର ସମସ୍ତ କର୍ତ୍ତବ୍ୟ ପାଳନ କରିବା ସହିତ ତାଙ୍କ ସମ୍ପତ୍ତିକୁ ଉପଭୋଗ କରିବାର ସନ୍ତୋଷ। ଋଣମୁକ୍ତ ହେବାର ଆନନ୍ଦ ହେଉଛି ଏହି ସନ୍ତୋଷ ଯେ ଜଣେ ସାଧାରଣ ବ୍ୟକ୍ତି ଯେତେବେଳେ ଜାଣିଥାଏ ଯେ ତା'ର କାହା ଉପରେ ଛୋଟ କିମ୍ବା ବଡ଼ ଋଣ ନାହିଁ। ନିର୍ଦ୍ଦୋଷତାର ଆନନ୍ଦ ହେଉଛି ଜଣେ ବ୍ୟକ୍ତି ଦ୍ୱାରା ପ୍ରାପ୍ତ ସନ୍ତୋଷ ଯାହାର ଶରୀର, ବାଣୀ ଏବଂ ବିଚାର ଦ୍ୱାରା କାହାର କିଛି କ୍ଷତି ହୁଏନାହିଁ ଏବଂ ସେ ଯେକୌଣସି ପ୍ରକାର ଦୋଷରୁ ମୁକ୍ତ।

ଯେତେବେଳେ ଅନାଥପିଣ୍ଡିକ ପ୍ରଥମ ଥର ପାଇଁ ରାଜଗୃହ ନିକଟସ୍ଥ ଜେତବନ ଅରଣ୍ୟରେ ବୁଦ୍ଧଙ୍କୁ ଭେଟିଥିଲେ, ତାଙ୍କର ଆତ୍ମବିଶ୍ୱାସ ଏତେ ଦୃଢ଼ ଥିଲା ଯେ ତାଙ୍କ ଶରୀରରୁ ଏକ ଆଭା ନିର୍ଗତ ହେଉଥିଲା। ପ୍ରଥମଥର ପାଇଁ ଧର୍ମ ଉପଦେଶ ଶୁଣିବା ପରେ, ଅନାଥପିଣ୍ଡିକ ଏକ ସୋତାପନ୍ନ (ସନ୍ଥତ୍ୱର ପ୍ରଥମ ପର୍ଯ୍ୟାୟ) ହୋଇଗଲେ। (କ୍ରମଶଃ)


❤ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ, 'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର, ବାଲିଆ, ବାଲେଶ୍ୱର
ମୋ: ୯୪୩୭୩୭୧୯୬୮


# ମିନିଗଳ୍ପ-୧୩



## ମାମଲା (ଡ)

### ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟ

ଭାଇ ତିନିଜଣ। ସାନଭାଇ ପ୍ରାଇମେରୀ ଶିକ୍ଷକ। ମଝିଆଭାଇ ନିଆଁଲିଭା ବିଭାଗରେ କାମ କରନ୍ତି। ବଡ଼ପୁଅ ଅମିନରୁ ଉଠି ସୁପରଭାଇଜର ପଦରୁ ଅବସର ନେଲେ। ମଝିଆ ଚାକିରୀକାଳରେ ପରିବାର ସହ ରହିଲେ ହରିହରପୁରରେ। ବାକିଦିନ ଶଶୁରଘରେ। ଶଶୁର ପୁଅ କରିଥିଲେ ଜୁଆଁଇଙ୍କ ବଡ଼ପୁଅକୁ। ଅବସର ପରେ ଦିନାକାତେ ରହିଲେ ଶଶୁରଘରେ। ଶଶୁର ଚାଲିଗଲା ପରେ ବଡ଼ପୁଅ ମାଲିକ ହୋଇ ବାପ, ମା', ଭାଇ, ଭଉଣୀଙ୍କୁ ବିଦା କରିଦେଲା। ମଝିଆ ଫେରିଲେ ପୈତୃକ ପିଣ୍ଡି। ଜମି ତିନିଫାଳ ହେଲା। ମୂଳ ଘରଡିହରେ ରହିଲେ ବଡ଼ପୁଅ ଓ ସାନପୁଅ। ମଝିଆ ଗଲେ ତୋଟାଡିହକୁ।

ମୂଳଠେଇଁ ଲାଗିଲା ହିଚାହିଚି। ଦୋସମାଳି କାନ୍ଥରୁ ସେପଟକୁ ଝୁଲିଲା ବଡଭାଇଙ୍କ ଆଜବେଷ୍ଟସ। ସାନଘର ଦୋସମାଳି କଣିଭେଡା ଶାବଳମୂନରେ ଧସକିଗଲା ବଡ଼ଆଡକୁ। ପାଟିମୁଣ୍ଡ, ତୁମୁଳକାଣ୍ଡ। ଅଭାଷାଭାଷା ବୋଲାବୋଲି ହେଲେ ପିଲାଛୁଆ ତକାୟତ। ସାନଭାଇ ଅବସର ପରେ ଘରେ ବସିଲେ। ତାଙ୍କ ତିନିପୁଅ ନିପାରିଲା ହୋଇଗଲେ। ଝିଅ ଚାରିଜଣଙ୍କ ଭିତରୁ ଜଣେ ମାନସିକରୋଗ ଭୋଗି ଚାଲିଗଲା। ତିନିଝିଅ ବାହା ହେଲେ ଯେ ସାନକୁ ଛାଡି ଆଉ କାହାର ବୈବାହିକ ଜୀବନ ମଧୁର ହେଲାନି। ଏଇ ଅବସାଦରେ ରୋଗିଣା ହୋଇଗଲେ ସାନଭାଇ। ଅଭାବବୋଧରୁ ପରିବାର ଚଳେଇବାକୁ ଯାଇ ବାରେଣା ଜମି ବିକିଦେଲେ। ବଡ଼ଭାଇ ସାନଭାଇ ଅହିନକୁଳ ମାମଲା। ବଡ଼ଭାଇ ଆଗରେ ହାର ମାନିବାକୁ ଚାହୁଁନଥିଲେ ସାନଭାଇ। ଆଣ୍ଟରୁ ଅଣ୍ଟା ଭାଙ୍ଗିଲା। ନିଅଣ୍ଟ ଘାରିଲା। ଏଣେ, କାହୁଁ ଆସି ଆବୋରି ବସିଲା ପ୍ରୋଷ୍ଟେଟରୋଗ। ଡାକ୍ତରଖାନା ଖର୍ଚ୍ଚ ତୁଲେଇ ଘର ଚଳେଇବା ମୁସ୍କିଲ ହୋଇଗଲା। ଏଣୁ,ରୋଗ ବଢି ଚାଲିଲା। ପରିଶ୍ରାନଳୀ ଭାରି ବଥେଇଲା। ପ୍ଲାଷ୍ଟିକ ପାଇପ ଦେଇ ଆସିଲା ଥଳିକୁ ଥଳଥଳ ଲହୁ। ବଡ଼ ଯନ୍ତ୍ରଣାରେ କୁନ୍ଥାଉଥାନ୍ତି ସାନଭାଇ। ପଡିଥାନ୍ତି ଅଣଓସାରି ପିଣ୍ଡାରେ, ଛିଣ୍ଡାସପରେ। ସମାଳି ପାରିଲେନି ବଡ଼ଭାଇ। ଆସିଲେ ବାଡ ଡେଇଁ। ଛଳଛଳ ହୋଇ ଅନେଇଲେ ସାନଭାଇ। ବଡ଼ଭାଇ ପିଣ୍ଡାତଳକୁ ବସିଗଲେ ଗୋଡ଼ ଲମ୍ବେଇ। ସାନଭାଇର ମଥାକୁ ଜଙ୍ଘରେ ରଖି ପାଟିକୁ ଦେଲେ ଚାମଚେ ଚାମଚେ ଗଙ୍ଗାଜଳ। ବିଷ୍ଣୁସହସ୍ର ନାମ ପଢି ଆଙ୍ଗୁଠି ବୁଲାଇ ଆଣିଲେ ଦେହସାରା। ଭେଁ ଭେଁ ହୋଇ କାନ୍ଦି ଉଠିଲେ ସାରାପରିବାର। ସାନଭାଇର ଅଧାମେଲା ଆଖିଦୁଇଟିକୁ ନିଜ ହାତରେ ବୁଜିଦେଲେ ବଡ଼ଭାଇ।

କଣିବାଡ଼ ଭାଙ୍ଗି ଧାଇଁ ଆସିଲେ ବଡ଼ଭାଇଙ୍କ ପିଲାମାନେ କକେଇଙ୍କୁ କାନ୍ଧ ଦେବାକୁ ।

॥।ମାମଲ ଖଲାସ ॥


❤ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ, ପୁରୀ
(ମୋ) ୯୭୭୬୫୪୬୧୩୦


# ପାଉଁଜିର ପାଣ୍ଡୁଲିପି-୨୭

### ବିପିନ ମହାନ୍ତି

## ସମୟ ଅଳପ ବାକି



ଚାଲ ଆଉଥରେ ନୂଆକରି ଆମେ ଆରମ୍ଭିବା ଆମ ପ୍ରେମ
ଅଜଣା ସହରେ ଅଚାନକ ପୁଣି ଭେଟାଭେଟି ହେବ ଆମ
ରୁପା ପରି ତୁମ ରୂପରେ ମୋ' ଆଖି ଯାଇଥିବ ପୂରା ଲାଖି
ହୃଦୟରେ ମୋର ନୂଆ କବିତାର ଧାଡ଼ି ହେଉଥିବ ଲେଖି।

ବକ୍ଷୋଜରୁ ତୁମ ବୁଭୁକ୍ଷା ଆଖି ମୋ' ଫେରୁଥିବ ବାରବାର
ମୁହଁ ପୋତି ତୁମେ ମାଟି ସିଲଟରେ ପାଦେ କାଟୁଥିବ ଗାର
ଅତର ମଖା ସେ ସତର ଫଗୁଣ କାଞ୍ଚଲା ଭିତରୁ ତୁମ
କହୁଥିବ ଆରେ ଧେତ୍ ଅନାଡ଼ି ଇଏପା' ପହିଲି ପ୍ରେମ।

ସାରା ସହରଟା ବୁଲିବା ସେଦିନ ଖୋଜିବା ପୁରୁଣା ସ୍ମୃତି
ହଜେଇଥିବା ସେ ଭାବପ୍ରବଣତା ଅଭିମାନ ଅନୁଭୂତି
ତୁବେ ବି ପିନ୍ଧିନ ଆଉ କା' ସିନ୍ଦୂର ମୁଁ ବି କୁଆଁରା ଆଜି
କି ନୁଖୁରା ପ୍ରେମ ଯା' ପାଇଁ ଜୀବନ ପ୍ରେମରେ ଲାଗିଛି ବାଜି।

ପ୍ରେମ ପରା ସଖୀ ସାତ ଜନ୍ମପାଇଁ ଗୋଟିଏରେ ଗଲ ଥକି
ଆ' ଜଳିଯିବା ମିଳନ ଜୁଇରେ ସମୟ ଅଳପ ବାକି।


❤ ୩୩, ଗଡମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧


# କବିତା



## ତାତି

### ଶମ୍ଭୁନାଥ ନାୟକ

ମୁଁ ଅଛି, ସେଇ ଖଣ୍ଡିଆ ଛାଇରେ
ଯେଉଁଠୁ ତୁ ଆବୋରି ନେଇଥିଲୁ
ମୋ ଭାଗର ଖରା ତେଜ,
ପାଣି ପରି ତରଳେଇ ଦେଇଥିଲୁ
ମୋ ଗୋଟା ଅବୟବ !

ଆଉ ଶୁଭୁନି ଏଠି ତୋ
ଖଇ ଫୁଟା ହସର ଶବଦ
ତୋ ଠିକଣା ହଜେଇ
ପବନରେ ଅଣନିଶ୍ୱାସୀ
ମୋ ଫେରାଦ ପ୍ରତିଶ୍ରୁତି ସବୁ
ତଥାପି,
ଏ ଖରାରେ ଗଦଗଦ ହେଇ ଉଠୁଛି
ତୋ ପ୍ରତାରଣାର ପୋଡା ଘା'ଟା !

ତୁ କି ଜାଣିବୁ ତୋ ବୈଶାଖ ଝାଞ୍ଜିଠୁ
ମୋ ଶହେ ଚାରି ଡ଼ିଗ୍ରୀ ଫାରେନହିଟ
ମନର ଗୁଳୁଗୁଳି କଥା,
ଅନେଇକି ଥା !
ତୁ ମାଠି ମାଠି ଖଞ୍ଜିଥିବା
ପ୍ରେମ ବାରୁଦରେ
କେବେ ପୋଡିଯିବ ଏ ଦେହଟା !!


❤ କୁରୁଣ୍ଟି, ଢେଙ୍କାନାଳ
(ମୋ) ୮୦୧୮୪୨୫୭୬୪


## ॥ ବର୍ଷା ॥

### କ୍ଷମାନିଧି ଭୋଇ



ରଜସ୍ୱଳା ନାରୀ ପରି
ଧରିତ୍ରୀ ବି ହୁଏ ଋତୁମତୀ
ଅଜସ୍ର ଶସ୍ୟରେ ଗର୍ଭିଣୀ ହୁଏ ବିଲବାଡ଼ି
ସବୁଜ ସ୍ୱପ୍ନ ସବୁ ଆସନ୍ତି
ବାସ୍ତବତା ରୂପ ଧରି
ଏମିତି ଏଠି ଝିପିଝିପି ବର୍ଷାର ଆଗମନ ଜାଣି ।

ଉଦ୍ଭିଦ ଜଗତଠୁ ପ୍ରାଣୀଜଗତ ପର୍ଯ୍ୟନ୍ତ
ସବୁଠି ଲୋଟି ପଡ଼େ ଅମାପ ଆନନ୍ଦ ଲହରୀ
ପୁନଶ୍ଚ ଆବେଗମୟ ଆଶାର ବୀଜ ସମୂହ
ଗଜୁରି ଉଠିବ ବୋଲି
ତା' ବୋଲି ତ ବର୍ଷାର ମଜାପାଇଁ
ନାଲି ଶାଢ଼ି ପିନ୍ଧି ସାଧବବୋହୂ ଚାଲେ ଥିରିଥିରି ।

ଆସ, ରହିଯିବା କିଛି କ୍ଷଣ ମୋ ଛତା ତଳେ
ଅନ୍ତତଃ ବର୍ଷା ଥମିବାଯାଏ
ତା' ପରେ ତୁମେ ତୁମ ବାଟରେ ଆଉ ମୁଁ ମୋ ବାଟରେ
କାହିଁକି ନା, ବର୍ଷା ଆସିଛି ଏଠି ଅନେକ ସ୍ୱପ୍ନ ବାଣ୍ଟିବା ସକାଶେ ।

ସାବଧାନ, ଟିକିଏ ଅନ୍ୟମନସ୍କତାରେ
ତୁମ ପାଦ ଖସିପାରେ ଏଠିକାର କାଦୁଅ ପିଚ୍ ପିଚ୍ ରାସ୍ତାରେ
ଆଉ ହଇରାଣ ହେବାକୁ ପଡ଼ିପାରେ
କେଉଁ ନିନ୍ଦୁକମାନଙ୍କ ଲୋକହସା ଫାଶରେ ।

ହଁ, ଆସ, ବର୍ଷାର ଆତିଥ୍ୟରେ ମଜ୍ଜିଯିବା ଆମେ
ତା' ଭିଜା ଭିଜା ମାଟିର ଅପୂର୍ବ ବାସ୍ନାରେ
ସେଇ ଦୂର ଦିଗ୍‌ବଳୟର ରଙ୍ଗିନ୍ ଇନ୍ଦ୍ରଧନୁ ତଳେ
ଜାତି ଧର୍ମ ବର୍ଣ୍ଣ ଆଦିର ବିନା ବାଛ ବିଚାରରେ ।

ଓଃ ! ଦେଖ, କେମିତି କରିଦିଏ ମନ୍ତ୍ରମୁଗ୍ଧ
ଝିପିଝିପି ବର୍ଷାର ମଧୁର ସଙ୍ଗୀତ
ତା' ଶୀତଳ ଛୁଆଁରେ ଶାନ୍ତକରି ଏ ସାରା ଜଗତ ।
ସତରେ, ହେ ବର୍ଷା ! ତୁମେ ପରା ସଭିଙ୍କର ମିତ
ତୁମକୁ ଆମେ ସମ୍ମିଳିତେ କରୁଛୁ ସ୍ୱାଗତ
ତୁମ ଆସିବାରେ ପରିପୂର୍ଣ୍ଣ ହେଉ ଏଇ ଧରାପୃଷ୍ଠ ।


❤ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ,
ଜିଲ୍ଲା ପରିଷଦ, ନୂଆପଡ଼ା ( ଓଡ଼ିଶା )
ପିନ୍ : ୭୬୬୧୦୫
ମୋ : ୯୪୩୮୨୯୨୯୩୩


## ॥ ଏକୋଇଶ ଧାଡ଼ିର କବିତା ॥

### ପ୍ରଶାନ୍ତ କୁମାର ଦାଶ



ସକାଳର କୋଳରେ
ନୂଆ ସୂର୍ଯ୍ୟଟିଏ କୁଆଁ କୁଆଁ କରୁଛି,
ଆଶା ଓ ସ୍ୱପ୍ନ ସହିତ,
ଜଗତ ଜାଗ୍ରତ ହେଉଛି
ଏକ କୋମଳ ରଙ୍ଗ ସହିତ।

ଉଚ୍ଛାଟରେ ଆତ୍ମା ଗାଉଛି
ଆଶାର ଏକ ସୁନ୍ଦର ସ୍ୱର
ଯାହା ପ୍ରତିଧ୍ୱନିତ ହେଉଛି ଚୌଦିଗ।

ସକାଳରୁ ଆକାଶମୁହାଁ ହୋଇଥିବା ପକ୍ଷୀ
ଗୋଧୂଳିରେ ହେଉଛି ମାଟିମୁହାଁ
ଭୋଗିବାକୁ ଆଉ ଏକ ତଟକା ସକାଳ,
ସକାଳୁ ସକାଳୁ ସକାଳ ସହ ଭେଟ ହେଲା ପରେ
ପକ୍ଷୀ ପାଇଁ ପ୍ରତିମୁହୂର୍ତ୍ତ ସକାଳ ।

ସକାଳକୁ କିଏ ଜଣେ ସଜେଇ ଦେଉଛି ନୂଆବୋହୂ ବେଶେ
ଚିତ୍ରେଇ ଦେଉଛି ତାର କପାଳ,
ଦେହରେ ବୋଳି ଦେଉଛି ସୁନାରଙ୍ଗ ଢଳଢଳ ଆଖିରେ ଉଜ୍ଜ୍ୱଳ ।

ଜଗତ ପାଲଟିଯାଉ ଅମୃତ ସକାଳ
ଜୀବନ ଡାଳରେ ପକ୍ଷୀଏ କିଚିରିମିଚିରି କରୁଥାନ୍ତୁ ପ୍ରତିକ୍ଷଣେ,
ଶାନ୍ତି ବିରାଜୁଥାଉ ପୃଥୀବିର ପ୍ରଶସ୍ତ ଛାତିରେ
ପ୍ରାର୍ଥନା ଶୁଭୁଥାଉ କୋଣ ଅନୁକୋଣେ ।

ସକାଳରୁ ଆରମ୍ଭ ହୋଇଥିବା ବାଟ ଲମ୍ବିଯାଉ ଆଉ ଏକ ସକାଳକୁ ।


❤ ରେଗଡା, କର୍ଲାମୁଣ୍ଡା,
ଏମ୍.ରାମପୁର, କଳାହାଣ୍ଡି
ମୋ-୭୭୩୫୪୧୯୫୭୩




ସନେଟ

## ଚାଟଶାଳି

### ଯୋଗେଶ ଦାସ

ଏଇ ପୃଥିବୀର ଚାଟଶାଳିରେ ମୁଁ ଅବୋଧ କିଶୋର ଚାଟ,
ନଦ ନଦୀଘେରା ବନ ପ୍ରାନ୍ତର ସବୁଠି ଛବିଳ ପାଠ ।
ଆକାଶ ବତାସ ସାଗର ଲହରୀ ପ୍ରକୃତି ଅବଧାନ
ସେନେହେ କୋଳେଇ ଶ୍ରଦ୍ଧାରେ ମୋତେ ଦେଇଛି ଅତୁଳ ଜ୍ଞାନ ।

ସୂର୍ଯ୍ୟ ଶିଖାଏ ପୌରୁଷ ମୋତେ ସେବାରେ ଆତ୍ମଦାନ
ଦିବସ ରଜନୀ କୁଣ୍ଠାବିହୀନ କର୍ମର ବେଦଗାନ ।
ସଭିଙ୍କୁ ଜଡେଇ ଧରିବାର ପଣ ଆକାଶ ଶିଖାଇ ଦିଏ
ହୃଦ ଜଳିଗଲେ ବିଦ୍ୟୁଘାତେ ବି ନୀରବତା ବରିଥାଏ ।।

ମାଟିର ଦୁଃଖ ଆକାଶେ ଶୁଣାଏ ତାଳବନ ସାରିସାରି
ଦୂର ନିର୍ଜନ ବଂଶୀର ସ୍ୱନ ଦିଏ ମୋ ହୃଦୟ କୋରି ।
ସାଗର ନୀଳିମା ଜହ୍ନ ଜୋଛନା ବିଜନ ବର୍ଷାରାତି
କଳ୍ପଲୋକର ସ୍ୱପ୍ନ ଦିଅନ୍ତି ସୃଜନରେ ଯାଏ ମାତି ।।

ଏଇ ପୃଥିବୀ ମୋ ଏତେ ସୁନ୍ଦର ମୋ'ପାଇଁ ତ ଚାଟଶାଳି
ଶିଖିବାକୁ ଅଛି ଅନେକ ବାକି ମୋ' ତା'ଠି କରୁଥିବି ଅଳି ।।


❤ ଶୂନ୍ୟନୀଡ଼, ସୋର,ବାଲେଶ୍ୱର
ମୋ: ୮୨ ୬୦ ୬୯ ୭୮ ୭୮


## ଥଇଥାନ

### ଭକ୍ତ ଚରଣ ସୁନାନୀ



ରହିବାକୁ ଜାଗା ଖଣ୍ଡେ ନାହିଁ ବୋଲି
କୁଡିଆଟିଏ ବନାଇଥିଲୁ
ସରକାରୀ ଜାଗାରେ
ରହିଆସୁଥିଲୁ ବର୍ଷବର୍ଷ ପିଲାଛୁଆ ଧରି
କାମ ଧନ୍ଦା କରି ତୁମ ଯୋଜନା ଠାରୁ
ଯୋଜନ ଯୋଜନ ଦୂରେ ।

ଏବେ ତୁମେ କହୁଛ ତାକୁ ଜବରଦଖଲ
ଜାଗା ଖାଲି କର
ଛାପିଦେଇଛ ନୋଟିସ୍
ମାଇକ୍‌ରେ ଘୋଷଣା କରିଚାଲିଛ ବାରମ୍ବାର
ସତେ ଅବା ଆମେ
ନିଜ ନିଜ ନାଁରେ
ପଟ୍ଟା କରି ନେଇଛୁ ଏ ଜାଗା

ବନାଇଛୁ ଦଶମହଲଓ କୋଠା ।ତୁମେ କୁହ
ଆମେ କୁଆଡ଼େ ଯିବୁ ଏବେ
ଶୀତ କାକରରେ
ଖରା ବରଷାରେ
କେଉଁଠି ରହିବୁ
ଆମଘର ଭାଙ୍ଗିଦେଲା ପରେ
ଯଦି ରହିବାର ଅଧିକାର ନାହିଁ ଏଠି
ଜମିହୀନ ଗରିବଙ୍କୁ
ବେସାହାରା ମଣିଷକୁ
ତେବେ ଆମକୁ ପୋତି ଦିଅ ମାଟିତଳେ
ବୋଲଡୁଜର ଲଗେଇ ଥଇଥାନ ନାଁରେ।


❤ ଖୁଣ୍ଟିଆ, କଳାହାଣ୍ଡି


## ରୁଟି

### ସ୍ନିଗ୍ଧା ପଣ୍ଡା



ମା' ଠାରୁ ସବୁଠୁ ଭଲ ଯାହା ଶିଖିଚି ମୁଁ
ତା' ହେଲା ରୁଟି କରିବା ?

ଅଟା ଚଲେଇବା ବେଳେ
ଚୋକଡ ସାଙ୍ଗରେ ଫିଙ୍ଗି ଦେବାକୁ ହୁଏ
ଗଲା କାଲି ରାତିର
ଜମି ଜମି ଶକ୍ତ ହେଇ ଆସୁଥିବା ଗଣ୍ଠିସବୁକୁ
ଏମିତିରେ ମୁଁ ବାନ୍ଧିଥିବା ଗଣ୍ଠିମାନେ ବଡ ଦୁର୍ବଳ
ଛୁଇଁଲେ ହିଁ ଫିଟିଯାଏ ?

ଅଟାରେ ପାଣି ଦେଇ ଚକଟିବା ବେଳେ
ମନେଥାଏ
ବେଶି ନରମ ନୁହେଁ କି କାଠୁଆ ନୁହେଁ
ଠିକ୍ ଠିକ୍ ଭାଗମାପ ଦରକାର
ଯେମିତି ମନ ମାଫିକ ଗଢି ହବ
ଏମିତି ନରମ ହବ ଯେମିତି ଭାଙ୍ଗିବ ନାହିଁ
ଏମିତି କାଠୁଆ ହେବ
ଯେମିତି କୋଉଠି ଲାଗିଯିବ ନାହିଁ ?

ବେଲିବା ବେଳେ
ଅଧା ରହିଥିବା ଇଚ୍ଛାମାନଙ୍କୁ ଚାପିଦେବାକୁ ହୁଏ
ନ ହେଲେ ରୁଟି ଦିଶିବ ମାନଚିତ୍ର ପରି
ଭୋକର ଥାଳିରେ
ଅଙ୍କବଙ୍କା ଗାର ଜମା ସାଜେନାହିଁ ବୋଲି
ହଠାତ୍ ଇ ମନେ ପଡିଯାଏ ?

ଚୁଲି ଜଳେ ସବୁଦିନ ପରି
ତାୱା ତାତୁଥାଏ ଚୁଲିର ଛାତି ଉପରେ
ଆଉ ଶେଷରେ ନିଜକୁ ସେକି ସେକି
ରୁଟି ଫୁଲେଇବାର ଥାଏ ଠିକ୍ ? ଭାବରେ
କଞ୍ଚା ନୁହେଁ, ପୋଡା ନୁହେଁ
ଠିକ୍ ଭାବରେ ?

ସମସ୍ତଙ୍କର ବହୁତ କାମ ଥାଏ
ହେଲେ ଗୋଲ୍ ଗୋଲ୍ ଫୁଲା ଫୁଲା
ଗରମ ଗରମ ରୁଟି ତିଆରି କରିବା ଛଡା
ମୋର ଆଉ କାମ କଣ ଯେ !!


❤ ଲହଣ୍ଡା, ବରଗଡ


## ଲମ୍ବି ଆସୁଥିବା ହାତ

### ଶ୍ରୀମତୀ ପଦ୍ମିନୀ ମିଶ୍ର



ମୋ ଆଡକୁ ଲମ୍ବି ଆସୁଥିବା
ହାତମାନଙ୍କୁ,
ନେଇ ମୁଁ କରିବି କଣ ?

କେଉଁ ହାତରେ ଭିକ,
କେଉଁ ହାତରେ ଛୁରୀ
କେଉଁ ହାତରେ କପଟ,
କେଉଁ ହାତରେ ରକ୍ତ
ଏ ହାତମାନଙ୍କୁ ନେଇ
ମୁଁ କରିବି କଣ ?

ଦିନେ ଗୋଟେ ହାତ
ଲମ୍ବି ଆସିଥିଲା
ଯାହା କ୍ଷଣିକ ଭିତରେ
ପାଲଟିଗଲା ଅଙ୍ଗାର,

ଆଉ ଯେଉଁ ହାତଟି ବଢିଥିଲା
ମୋ ହାତରେ,
ନାଥିଲା ଭାଗ୍ୟରେଖା,
ନା ଆୟୁଷର ଗାର।

ଏ ହାତଗୁଡିକର ମୋ ପାଇଁ ଲୋଡାକଣ ?
ଯାହା ବୁଝି ପାରେନି
ମୋ ଆତ୍ମାର ରୋଦନ ।


❤ ବ୍ରହ୍ମପୁର

# ସାହିତ୍ୟିକର କଲମ ମୁନରେ ସାମାଜିକ, ସାଂସ୍କୃତିକ, ନୈତିକ ମାନସିକତା ବ୍ୟତୀତ ଅର୍ଥନୈତିକ ତଥା ରାଜନୈତିକ ସ୍ତରରେ ମଧ୍ୟ ବୈପ୍ଳବିକ ପରିବର୍ତ୍ତନ ଆଣିହେବ : ଅରୁଣ ଚନ୍ଦ୍ର ସାହୁ

ପ୍ରଫେସର ଅରୁଣ ଚନ୍ଦ୍ର ସାହୁ ବିଜ୍ଞାନ ଓ ଓଡ଼ିଆ ସାହିତ୍ୟ ଜଗତରେ ଏକ ଶ୍ରଦ୍ଧାଶୀଳ ଉଚ୍ଚାରଣ । ପ୍ରଥମେ ବ୍ୟାଙ୍କ, ତାପରେ ଉଦ୍ଭିଦ ବିଜ୍ଞାନର ଅଧ୍ୟାପକ ଭାବେ କାର୍ଯ୍ୟ କରିବା ପରେ ପୁଣିଥରେ ବ୍ୟାଙ୍କର ମ୍ୟାନେଜମେଣ୍ଟ ଟ୍ରେନି ଭାବରେ କାମକରି ଶେଷରେ ୧୯୮୦ ମସିହାରେ ଉଚ୍ଚଶିକ୍ଷା ବିଭାଗରେ ଅଧ୍ୟାପକ ଭାବେ ଯୋଗଦେଇ ପ୍ରଫେସର ଓ ବିଭାଗୀୟ ମୁଖ୍ୟ ରୂପେ ଅବସର ନେଇଥିବା ଶ୍ରୀଯୁକ୍ତ ସାହୁ କବିତା ସହ ଲେଖନ୍ତି ବିଜ୍ଞାନ ଭିତ୍ତିକ କଥା, କାହାଣୀ ଓ ଉପନ୍ୟାସ । ଏହି ଲେଖକଙ୍କ ସହ ଏଥରର ଆଲାପ...



## ■ ଅଳ୍ପରେ ଅରୁଣ ଚନ୍ଦ୍ର ସାହୁ



ପିତା -ହରିହର ସାହୁ
ମାତା - ସାବିତ୍ରୀ ସାହୁ
ଜନ୍ମ ତାରିଖ - ୨୬.୦୧.୧୯୫୪
ଜନ୍ମ ସ୍ଥାନ - ଇଟାମାଟି, ନୟାଗଡ
ବର୍ତ୍ତମାନର ଠିକଣା :ଅନ୍ୱେଷଣ, ୫୨/୨, ଭାଗବତ ସନ୍ଧାନ କଲୋନୀ, ଜି.ଜି.ପି. ଭୁବନେଶ୍ୱର-୨୫
(ମୋ) ୮୨୪୯୦୭୯୦୮୪

### ପ୍ରକାଶିତ ପୁସ୍ତକ(କବିତା)

୧- ଶାଢି
୨-ଅନ୍ଧାରରେ ଇନ୍ଦ୍ରଧନୁ
୩- ନଷ୍ଟ ନକ୍ଷତ୍ର
୪- ଶବ୍ଦମାନଙ୍କୁ ନେଇ ସ୍ୱପ୍ନ
୫- ଅଦୃଶ୍ୟ ଚିତ୍ରପଟ
୬- ପଞ୍ଜୁରୀର ପ୍ରଜାପତି
୭-ନିଃଶବ୍ଦ ବଂଶୀସ୍ୱନ
୮- ସହସ୍ର ଜହ୍ନର ରାତି

### (ବିଜ୍ଞାନ)

୧- ଉପକାରୀ ଉଦ୍ଭିଦ
୨-ଉଦ୍ଭିଦ ମଧ୍ୟରେ ଘୃଣା ଓ ପ୍ରେମ
୩- ଜିନ୍ ବିଜ୍ଞାନର ଜୟଯାତ୍ରା
୪-ମାନବ ସେବାରେ ଉଦ୍ଭିଦ
୫- ବିଜ୍ଞାନ ଦର୍ପଣରେ ଆଜି
୬- ମଙ୍ଗଳ ପଥେ ( ବିଜ୍ଞାନ ଉପନ୍ୟାସ)
୭- ଫଳ ଖାଇବା ସୁସ୍ଥ ରହିବା
୮- ଭାରତର ଚନ୍ଦ୍ର ଅଭିଯାନ

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ

■ **କବିତା କାହିଁକି ? କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?**

■■ ପ୍ରାଚୀନ ସାହିତ୍ୟରେ ପ୍ରଥମେ କାବ୍ୟର ସୃଷ୍ଟି ହୋଇଥିଲା ସମ୍ଭବତଃ ପାଞ୍ଚ ହଜାର ବର୍ଷ ପୂର୍ବେ; କିନ୍ତୁ ତା'ର ବହୁ ପରେ ପ୍ରାୟ ନବମ ଶତାବ୍ଦୀରେ ଗଦ୍ୟ ସାହିତ୍ୟର ସୃଷ୍ଟି ହୋଇଛି । ସାହିତ୍ୟ ହେଉଛି ସମାଜର ଦର୍ପଣ କିନ୍ତୁ କବିତା ହେଉଛି ସାହିତ୍ୟର ମୁକୁଟ ଯାହା ସ୍ୱତଃପ୍ରବୃତ ଭାବେ ହୃଦୟରୁ ପରିପ୍ରକାଶ ହୋଇଥାଏ । କବିତା ସୂକ୍ଷ୍ମତମ ଅନୁଭବର, ଭାବନାର ପରିପ୍ରକାଶ । କବିତାର ସମ୍ମୋହନ ହୃଦୟରେ ତରଙ୍ଗାୟିତ କରେ ଅବ୍ୟକ୍ତ ଆଲୋଡ଼ନ, ଭରିଦିଏ ଶିହରଣ, ତନ୍ଦ୍ରାଚ୍ଛନ କରିଦିଏ ବିଗଳିତ ପ୍ରାଣ, ବୋଳିଦିଏ ଅଗୁରୁ ଚନ୍ଦନ, ଓହ୍ଲାଇ ଆଣେ ଆକାଶରୁ ସ୍ୱପ୍ନଭରା ଜହ୍ନ । କବିତା ହିଁ ଜୀବନ । ମୋ ଜୀବନରେ ସୃଜନର ଆଦ୍ୟସ୍ଫୁରଣ ହେଉଛି କବିତା । ମୋର ପ୍ରଥମ କବିତା ହେଉଛି 'ଚଷା ଭାଇ' ଯାହା ମୁଁ ଲେଖିଥିଲି ଚତୁର୍ଥ ଶ୍ରେଣୀରେ ପଢୁଥିବା ବେଳେ ଏକ ନୀରବ ଅପରାହ୍ନରେ ଯେଉଁ ସମୟରେ ଆକାଶରେ ମେଘମାନେ ଅଳ୍ପ ମୁହଁ ଦେଖେଇ ଦୌଡୁଥିଲେ । ମୋର ପ୍ରଥମ ପ୍ରକାଶିତ କବିତା ହେଉଛି 'ପ୍ରଭାତ' ଯାହା ପ୍ରକାଶ ପାଇଥିଲା ବଉଦର ଯୋଗେନ୍ଦ୍ର ଦେବ ହାଇସ୍କୁଲ ମୁଖପତ୍ରରେ ମୁଁ ଷଷ୍ଠ ଶ୍ରେଣୀରେ ପଢୁଥିବା ବେଳେ ୧୯୬୩-୬୪ ମସିହାରେ ।

■ **ଆପଣଙ୍କର ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?**

■■ ମୋର ସାରସ୍ୱତ ପ୍ରେରଣାର ଉତ୍ସ ହେଉଛନ୍ତି ମୋର ପିତା ସ୍ୱର୍ଗତ ହରିହର ସାହୁ ଯିଏ ଜଣେ ଆଦର୍ଶ, ନୀତିବାନ, ସମୟାନୁବର୍ତ୍ତୀ ଶିକ୍ଷକ ଓ କବି ମଧ୍ୟ ଥିଲେ । ଓଡ଼ିଶାର ବିଭିନ୍ନ ହାଇସ୍କୁଲ ଓ ସି.ଟି. ସ୍କୁଲରେ ଶିକ୍ଷକ ଓ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ । ଇଂରାଜୀ ବ୍ୟତୀତ ସଂସ୍କୃତରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଥିଲା । 'ଗୀତା'ର ଏକାଦଶ ଅଧ୍ୟାୟର ସମସ୍ତ ଶ୍ଳୋକ ସେ ନିର୍ଭୁଲ ଭାବେ ଆବୃତ୍ତି କରିପାରୁଥିଲେ । ସେ ଜଣେ ପ୍ରଚାର, ପ୍ରସାର ବିମୁଖୀ କବି ଥିଲେ । ୧୯୪୫ ରୁ ୧୯୪୭ ମସିହା ମଧ୍ୟରେ ତାଙ୍କର ଲିଖିତ ୮୧ଟି କବିତାକୁ ନେଇ 'ଜୀବନ ମରଣ ସଖା' ନାମରେ ଏକ କବିତା ସଂକଳନ ମୋ ପ୍ରଚେଷ୍ଟା ତଥା ସମ୍ପାଦନାରେ ୨୦୧୪ ମସିହାରେ ପ୍ରକାଶିତ ହୋଇଥିଲା ତାଙ୍କ ମୃତ୍ୟୁର ଏଗାର ବର୍ଷ ପରେ । ସାହିତ୍ୟର ଆଦ୍ୟଗୁରୁ ଭାବେ ମୁଁ ମଧ୍ୟ ସ୍ମରଣ କରିବି ମୋ ପିତା କବି ହରିହର ସାହୁଙ୍କୁ ଯାହାଙ୍କ କବିତାର ପାଣ୍ଡୁଲିପିର ଶବ୍ଦମାନଙ୍କର, ଭିନ୍ନ ଭିନ୍ନ ଭାବନାମାନଙ୍କର ତଥା ଲାଳିତ୍ୟର ଛାପ ପଡ଼ିଥିଲା ମୋ ଆଦ୍ୟ ଜୀବନର ମନର କାନ୍‌ଭାସ୍‌ରେ । ତାଙ୍କର ମିତ୍ରାକ୍ଷର ଛନ୍ଦ କବିତାରେ ଜୀବନ ଦର୍ଶନ, ପ୍ରକୃତି ଚିତ୍ରଣ, ପ୍ରେମ, ବିରହ, ଦୁଃଖ, ଯନ୍ତ୍ରଣା, ଐଶ୍ୱରୀୟ ଚେ଼ତନା, ବିଶ୍ୱ ଐକ୍ୟ, ମୃତ୍ୟୁଚେ଼ତନା ଆଦି ବିଭିନ୍ନ ଭାବ ବିଭାବ ଅତି ମାର୍ମିକ ଭାବରେ ପରିସ୍ଫୁଟନ ହୋଇଅଛି । ତାଙ୍କର କେତେକ କବିତା ବିଶେଷତଃ 'ଦେବତାର ପୂଜା' କବିତାର ଚିନ୍ତାଧାରା, ଭାବନା, ଶବ୍ଦ ପ୍ରୟୋଗ ଓ ଶୈଳୀ ମାୟାଧର ମାନସିଂହଙ୍କ କବିତା ସହ ତୁଳନୀୟ ବୋଲି ପ୍ରାବନ୍ଧିକ ଡକ୍ଟର ବିରଞ୍ଚି କୁମାର ସାହୁଙ୍କ ଅଭିମତ । ଅବଶ୍ୟ କଲେଜ ଜୀବନରେ ଆଧୁନିକ ଓଡିଆ ସାହିତ୍ୟର କବିମାନଙ୍କ କବିତା ମୋତେ ଆକୃଷ୍ଟ କରିଛି । ସେମାନଙ୍କ ମଧ୍ୟରେ ଅଛନ୍ତି ସଚ୍ଚି ରାଉତରାୟ, ଭାନୁଜୀ ରାଓ, ଗୁରୁପ୍ରସାଦ ମହାନ୍ତି, ରମାକାନ୍ତ ରଥ, ସୌଭାଗ୍ୟ କୁମାର ମିଶ୍ର, ସୀତାକାନ୍ତ ମହାପାତ୍ର ଆଦି ।

■ **କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? ବୃତ୍ତି ଓ ପରିବାର କେମିତି ପ୍ରୋତ୍ସାହିତ କରନ୍ତି ଆପଣଙ୍କ କବି ଭାବନାକୁ ?**

■■ ସ୍ୱତଃପ୍ରବୃତ ଭାବେ ଏକ ଅଦୃଶ୍ୟ ଐଶ୍ୱରୀୟ ଶକ୍ତିର ଇଙ୍ଗିତରେ ସାହିତ୍ୟ ଜଗତରେ ମୋର ପ୍ରଥମ ପ୍ରବେଶ ହୋଇଥିବାର ଅନୁଭବ ହୁଏ । କହିଦେଲେ ଯେ ସମସ୍ତେ କବିତା ଲେଖିଦେବେ ବା ସଫଳ କବି ହୋଇଯିବେ ତାହା ଆଦୌ ସମ୍ଭବ ନୁହେଁ । ଏହା ଏକ ଈଶ୍ୱର ପ୍ରଦତ୍ତ କଳାତ୍ମକ ପରିପ୍ରକାଶ । ତତ୍ ସଂଗେ ସଂଗେ ପରିବେଶ, ମନର ସ୍ଥିରତା, ଶାନ୍ତିଭାବାପନ୍ନତା, ଆଧ୍ୟାତ୍ମିକତାର ମଧ୍ୟ ଭୂମିକା ରହିଅଛି । ମୁଖ୍ୟତଃ ମୋ ପିତା ମୋତେ ପିଲାଦିନୁ ପ୍ରୋତ୍ସାହିତ କରିଥିଲେ କବିତା ଓ ଗଳ୍ପ ଲେଖିବାରେ । ମୋ ମାତା ସ୍ୱର୍ଗତା ସାବିତ୍ରୀ ଦେବୀଙ୍କର ମଧ୍ୟ ଏଥିପ୍ରତି ସମର୍ଥନ ଥିଲା । ବିବାହ ପରେ ମୋର ଧର୍ମପତ୍ନୀ ଭାନୁମତୀ ସାହୁ ମଧ୍ୟ ମୋତେ ଉତ୍ସାହିତ କରି ଆସିଛନ୍ତି ମୋ ଅଧ୍ୟାପନା ବୃତ୍ତି ଓ ସାହିତ୍ୟ ସାଧନାକୁ । ପରବର୍ତ୍ତୀ ସମୟରେ ସେ ମଧ୍ୟ ଜଣେ ସୁସାହିତ୍ୟିକା ହୋଇପାରିଛନ୍ତି । ଆମର କନ୍ୟା ଅନୋଜା ଓ ପୁତ୍ର ଅନୁଭବ ମଧ୍ୟ ଆମର ସାହିତ୍ୟ ସାଧନାରେ ସହଯୋଗ କରିଆସିଛନ୍ତି । ବର୍ତ୍ତମାନ ସେ ଦୁହେଁ ଡାକ୍ତରୀ ବୃତ୍ତିରେ ନିୟୋଜିତ ଅଛନ୍ତି । ଆମର ପୁସ୍ତକ ପ୍ରକାଶ ପାଇଲେ ଆମର ନାତି ନାତୁଣୀମାନେ ମଧ୍ୟ ଖୁସି ପ୍ରକଟ କରନ୍ତି ଓ ପୁସ୍ତକଗୁଡିକୁ ସେଲଫ୍‌ରେ ସାଇଜ୍ କରି ରଖିଥାଆନ୍ତି । ଯଦି 'ଅମୁକ ବହିଟି ଆଣିଲୁ' କହିବ ତେବେ ସେମାନେ ସେଲ୍‌ଫ୍‌ରୁ ଖୋଜି ଆଣି ଦେଇଥାଆନ୍ତି ସେଇ ନିର୍ଦ୍ଦିଷ୍ଟ ବହିଟି । ମୋର ବୃତ୍ତି ଥିଲା ପ୍ରଥମେ ବ୍ୟାଙ୍କରେ ଅଫିସର ଚାକିରୀ; ତାପରେ ଓଏଏସ୍ ଚାକିରୀ ପାଇ ମଧ୍ୟ ତାକୁ ପ୍ରତ୍ୟାଖ୍ୟାନ କରି ଓଡିଶା ସରକାରଙ୍କ ଶିକ୍ଷା ବିଭାଗରେ ଅଧ୍ୟାପକ ରୂପେ ଯୋଗଦେଇ ଶେଷରେ ୨୦୧୨ ମସିହାରେ ପ୍ରଫେସର ଭାବେ ଅବସର ଗ୍ରହଣ କରିଛି । ବିଭିନ୍ନ ବୃତ୍ତିରେ ଥିଲାବେଳେ ଭିନ୍ନ ଭିନ୍ନ ପରିସ୍ଥିତି, ଝଡ଼ଝଞ୍ଜା, ସୁଖଦ ଓ ଦୁଃଖଦ ମୁହୂର୍ତ୍ତ ତଥା ନିର୍ଜନତା ଓ ଶବ୍ଦମୟତାର ସମ୍ଭାରକୁ ସାମ୍ନାସାମ୍ନି କରି ସେ ସବୁକୁ ପ୍ରକାଶ କରିଛି କବିତା ମାଧ୍ୟମରେ । ଅବଶ୍ୟ ବିଜ୍ଞାନର ଅଧ୍ୟାପକ ଥିବାରୁ ମୋର କେତେକ କବିତାରେ ବିଜ୍ଞାନର କିଛି ସିଦ୍ଧାନ୍ତ ତଥା ତତ୍ତ୍ୱର ଅବତାରଣା କରାଯାଇଛି ଯାହା ଓଡ଼ିଆ କବିତା ସାହିତ୍ୟରେ ବିରଳ ।

■ **ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ କେତେ ଆଶାବାଦୀ ? କ'ଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ ବୋଲି ଆପଣ ଭାବନ୍ତି ?**

■■ ଓଡ଼ିଆ ସାହିତ୍ୟର ଦୁଇ ହଜାର ବର୍ଷରୁ ଊର୍ଦ୍ଧ୍ୱ ଏକ ସମୁଜ୍ଜ୍ୱଳ ଇତିହାସ ରହିଛି । ଏହା ଭାରତର ଷଷ୍ଠ ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଛି ୨୦୧୪ ମସିହାରେ । ଏହାର କାବ୍ୟ, କବିତା, ଗଳ୍ପ, ଉପନ୍ୟାସ, ପ୍ରବନ୍ଧ, ପୌରାଣିକ ରଚ଼ନାବଳୀ ଅତି ସମୃଦ୍ଧ । ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ଏହାର ସୁଖ୍ୟାତି ରହିଛି । ପଞ୍ଚଦଶ ଶତାବ୍ଦୀର ଆଦିକବି ସାରଳା ଦାସ, ଷୋଡ଼ଶ ଶତାବ୍ଦୀର 'ପଞ୍ଚସଖା' ରୂପେ ପରିଚିତ ସନ୍ଥକବି ବଳରାମ ଦାସ, ଅତିବଡ଼ି ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ, ଯଶୋବନ୍ତ ଦାସ ଓ ଅନନ୍ତ ଦାସ, ଅଷ୍ଟାଦଶ ଶତାବ୍ଦୀର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ, ଉନବିଂଶ-ବିଂଶ ଶତାବ୍ଦୀର କବିବର ରାଧାନାଥ ରାୟ, ବ୍ୟାସକବି ଫକୀରମୋହନ ସେନାପତି, ଭକ୍ତକବି ମଧୁସୂଦନ ରାଓ ତଥା ସ୍ୱଭାବ କବି ଗଙ୍ଗାଧର ମେହେର ଓଡ଼ିଶା ସାହିତ୍ୟ ଭଣ୍ଡାରକୁ ଋଦ୍ଧିମନ୍ତ କରିଅଛନ୍ତି । ୧୯୮୦ ମସିହା ପରବର୍ତ୍ତୀ ଉତ୍ତର ଆଧୁନିକ ଓଡିଆ ସାହିତ୍ୟ ବହୁ କବି, ଗାଳ୍ପିକ, ଔପନ୍ୟାସିକ, ପ୍ରାବନ୍ଧିକମାନଙ୍କ ଦ୍ୱାରା ସମୃଦ୍ଧ ହୋଇଅଛି । ଏକବିଂଶ ଶତାବ୍ଦୀରେ ମଧ୍ୟ ଯୁବ ଲେଖକମାନେ ସମକାଳୀନ କବିତା, ଗଳ୍ପ ଆଦି ରଚ଼ନା କରି ଓଡ଼ିଆ ସାହିତ୍ୟକୁ ଗତିଶୀଳ କରୁଅଛନ୍ତି । ଶିଶୁ, କିଶୋର ତଥା ଜନସାଧାରଣଙ୍କ ମନକୁ ଛୁଇଁଲା ଭଳି ଲେଖା ଲେଖିବା, ସଠିକ୍ ଅନୁବାଦ ପ୍ରକ୍ରିୟା, ବର୍ତ୍ତମାନ ଯୁଗକୁ ଚାହିଁ ଡିଜିଟାଲରେ ସାହିତ୍ୟର ରୂପାନ୍ତରିକରଣ, ସାମାଜିକ ଗଣମାଧ୍ୟମରେ ପ୍ରଚାର ପ୍ରସାର, ଇ-ପୁସ୍ତକର ପ୍ରବର୍ତ୍ତନ ଇତ୍ୟାଦି ଦ୍ୱାରା ଓଡ଼ିଆ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରିବ ।

■ **କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?**

■■ ଯଦିଓ କାର୍ଯ୍ୟକାରିତା ଦୃଷ୍ଟିରୁ ଓଡ଼ିଆ ଭାଷା ପ୍ରତି ବିପଦ ନାହିଁ ତଥାପି ସାମାଜିକ, ସାଂସ୍କୃତିକ ତଥା ପ୍ରଶାସନିକ ଦୃଷ୍ଟିରୁ ଏହା କିଛିଟା ସଂକଟ ମଧ୍ୟ ଦେଇ ଗତି କରୁଛି । ଭାରତରେ ବିଭିନ୍ନ ଭାଷା କହୁଥିବା ଲୋକଙ୍କ ମଧ୍ୟରେ ଓଡ଼ିଆ ଭାଷା କହୁଥିବା ଲୋକଙ୍କ ସଂଖ୍ୟା ନବମ ସ୍ଥାନରେ ଅଛି । ଏହା ମଧ୍ୟ ଏକ ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଛି । ତଥାପି ଯେଉଁ ଯେଉଁ ସଂକଟ ଦେଇ ଆମର ମାତୃଭାଷା ସାମ୍ନା କରୁଛି, ସେସବୁକୁ ଓଡ଼ିଆ ସାହିତ୍ୟକୁ ଆଧାର କରି କିଛି ପରିମାଣରେ ଦୂର କରାଯାଇ ପାରିବ । ସେଥିପାଇଁ ଆମ ସାହିତ୍ୟିକମାନଙ୍କୁ ସେଇସବୁ ଦିଗକୁ ଲକ୍ଷ୍ୟ କରି କବିତା, ଗଳ୍ପ, ପ୍ରବନ୍ଧ, ଉପନ୍ୟାସ ଆଦି ରଚ଼ନା କରି ଜନମାନସରେ ଏକ ସକାରାତ୍ମକ ଚିନ୍ତାଧାରା ଉଦ୍ରେକ କରିବାର ସମୟ ଆସି ପହଞ୍ଚିଛି ।

■ **ଭଲ କବିତାର ସଂଜ୍ଞା କ'ଣ ? ସାହିତ୍ୟ ମାଧ୍ୟମରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?**

■■ ଭଲ କବିତାର ସଂଜ୍ଞା ସଂପୂର୍ଣ୍ଣ ରୂପେ ବ୍ୟାଖ୍ୟା କରିବା ଏକ କଷ୍ଟକର ବ୍ୟାପାର । ତଥାପି ଯେଉଁ କବିତା ଜନମାନସର ହୃଦୟକୁ ସ୍ପର୍ଶ କରି ବହୁଦିନ ଯାଏଁ ଏକ ଗଭୀର ଛାପ ଛାଡ଼ିଯାଏ ତାହା ହୋଇପାରେ ଏକ ସଫଳ କବିତା । ଭଲ କବିତାରେ ଥାଏ ଗଭୀର ଭାବପ୍ରବଣତା, ଲାଳିତ୍ୟ ଓ ସଂଗୀତର ଛିଟା, ସୁସଂଯତ ଶବ୍ଦ ଯୋଜନା, ବାସ୍ତବିକତା ଉପରେ କଳ୍ପନାର ପୁଟ ଯାହା ପାଠକମାନଙ୍କ ମନକୁ ନେଇଯାଏ ଭିନ୍ନ ଏକ ଜଗତକୁ, ଯାହା ପଢ଼ିସାରିଲେ ମଧ୍ୟ ବହୁତ ସମୟ ଯାଏଁ ପାଠକର ମନରେ ଏକ ଅଲିଭା ସ୍ୱାକ୍ଷର ଲିପିବଦ୍ଧ କରି ଦେଇ ଯାଇଥାଏ । ଉଦାହରଣସ୍ୱରୂପ ସନ୍ଥକବି ଭୀମଭୋଇଙ୍କ 'ସ୍ତୁତି ଚିନ୍ତାମଣି'ର ଅବିସ୍ମରଣୀୟ ପଂକ୍ତି : 'ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ / ଦେଖୁ ଦେଖୁ କେବା ସହୁ / ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ' ଓଡ଼ିଶା ରାଜ୍ୟ ଛାଡ଼ି ସାରା ଭାରତ ତଥା ସାରା ବିଶ୍ୱବାସୀଙ୍କୁ ଉଦ୍‌ବୁଦ୍ଧ କରିଛି । ଏପରିକି ଏହା ଜାତିସଂଘର ମୁଖ୍ୟ କାର୍ଯ୍ୟାଳୟରେ ଖୋଦିତ ହୋଇଛି । ଏଥିରୁ ସ୍ପଷ୍ଟ ଅନୁମିତ ଯେ ଓଡ଼ିଆ କବିତା ଅନ୍ତର୍ଜାତୀୟ ସ୍ତରରେ ପ୍ରସିଦ୍ଧି ଲାଭ କରିଅଛି । ତେଣୁ ଆମେ ଓଡ଼ିଆ ଆମ ମାତୃଭାଷାକୁ ନେଇ ଗର୍ବ କରିବାର କଥା। ସାହିତ୍ୟ ମାଧ୍ୟମରେ ଜଣେ ବ୍ୟକ୍ତିର ବା ସମାଜର ମାନସିକତା ପରିବର୍ତ୍ତନ ସମ୍ଭବ । କଲମ ହେଉଛି ଖଣ୍ଡାଠାରୁ ଶକ୍ତିଶାଳୀ । ସାହିତ୍ୟିକର କଲମ ମୁନରେ ସାମାଜିକ, ସାଂସ୍କୃତିକ, ନୈତିକ ମାନସିକତା ବ୍ୟତୀତ ଅର୍ଥନୈତିକ ତଥା ରାଜନୈତିକ ସ୍ତରରେ ମଧ୍ୟ ବୈପ୍ଳବିକ ପରିବର୍ତ୍ତନ ଆଣିହେବ । ଓଡ଼ିଶା ବିଭିନ୍ନ ବରପୁତ୍ରମାନଙ୍କ ଶାଣିତ ଲେଖା ଯୋଗୁଁ ଶେଷରେ ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ରୂପେ ପରିଗଣିତ ହେଲା । ଅତଏବ ଓଡ଼ିଆ ସାହିତ୍ୟ ଇଂରାଜୀ ଶାସକମାନଙ୍କର ମାନସିକତାରେ ପରିବର୍ତ୍ତନ ଆଣିଦେଲା ।



ପତ୍ନୀ ସୁଲେଖିକା ଭାନୁମତୀଙ୍କ ସହ ଅରୁଣ ଚନ୍ଦ୍ର...

■ **ଓଡ଼ିଆ ଭାଷା, ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ?**

■■ ଓଡ଼ିଆ ଭାଷା, ସାହିତ୍ୟର ଭବିଷ୍ୟତ ଉଜ୍ଜଳ । ଏହାର ଏକ ଦୀର୍ଘ ସମୁଜ୍ଜଳ ଇତିହାସ ରହିଛି । ଭାରତରେ ମଧ୍ୟ ଏହା ଶାସ୍ତ୍ରୀୟ ଭାଷା ରୂପେ ସ୍ୱୀକୃତି ପାଇଛି । ଅନେକ ଓଡିଆ ସାହିତ୍ୟିକଙ୍କ କୃତି ଭାରତର ଅନ୍ୟ ଭାଷାରେ ତଥା ବିଦେଶୀ ଭାଷାରେ ଅନୁଦିତ ହେବା ଫଳରେ ଓଡିଆ ସାହିତ୍ୟର ପ୍ରଚ଼ର ପ୍ରସାର ହୋଇପାରୁଛି । ବର୍ତ୍ତମାନ ଓଡିଆ ଭାଷାରେ ପୂର୍ବାପେକ୍ଷା ବହୁ ଅଧିକ ପୁସ୍ତକ ପ୍ରକାଶ ପାଉଛି । ଏବେ ବହୁ ସାହିତ୍ୟିକ ଅନୁଷ୍ଠାନ ଗଢି ଉଠିଲାଣି ତଥା ଅନେକ ସାହିତ୍ୟୋତ୍ସବ ଓ ପୁସ୍ତକ ମେଳାର ଆୟୋଜନ ହେଉଛି । ସରକାର ଏବେ ପ୍ରତି ଜିଲ୍ଲାରେ ପ୍ରତିବର୍ଷ ସରକାରୀ ସ୍ତରରେ ପୁସ୍ତକମେଳା ଆୟୋଜନ କରିବାକୁ ସ୍ଥିର କରିଅଛନ୍ତି । ସରକାର ମଧ୍ୟ 'ଓଡ଼ିଆ ପକ୍ଷ' ପାଳନ କରିଅଛନ୍ତି ଓ ଏବର୍ଷ ବାଲିଯାତ୍ରାରେ ବହୁ ମୌଳିକ ଓଡିଆ ପୁସ୍ତକ ବଣ୍ଟନ କରିଅଛନ୍ତି । ଆମାଜନ୍ ତଥା ଅନ୍ୟାନ୍ୟ ଅନ୍‌ଲାଇନ୍ ସଂସ୍ଥା ଜରିଆରେ ପୃଥିବୀର ଯେକୌଣସି ଦେଶରେ ଥିବା ଓଡ଼ିଆ ଲୋକଙ୍କ ପାଖରେ ଓଡିଆ ଭାଷାର ବିଭିନ୍ନ ବିଭାଗର ପୁସ୍ତକ ସହଜରେ ଉପଲବ୍ଧ ହୋଇପାରୁଛି । ଆସ୍ତେ ଆସ୍ତେ ଓଡିଆ ଲେଖକ ଓ ପାଠକଙ୍କ ସଂଖ୍ୟା ବଢିବାରେ ଲାଗିଛି ତଥା ଓଡିଆ ପତ୍ରପତ୍ରିକା ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି ଯାହା ଓଡିଆ ଭାଷା ଓ ସାହିତ୍ୟ ପାଇଁ ଏକ ଶୁଭ ସଙ୍କେତ । ଓଡିଆ ଭାଷାର ବହୁ କାଳଜୟୀ ପୁସ୍ତକର ମଧ୍ୟ ଡିଜିଟାଲାଇଜେସନ୍ ହେଲାଣି । ଓଡିଆ ଭାଷାରେ ପ୍ରାୟ ଦୁଇ ଲକ୍ଷରୁ ଅଧିକ ପ୍ରାଚୀନ ତାଳପତ୍ର ପୋଥି ରହିଛି ଯାହା ଭାରତରେ ସଂସ୍କୃତ ପରେ ଦ୍ୱିତୀୟ ବୃହତ୍ତମ ସ୍ଥାନରେ ଅଛି । ଏସବୁ ଦୃଷ୍ଟିରୁ ଦେଖିବାକୁ ଗଲେ ଓଡିଆ ଭାଷା, ସାହିତ୍ୟର ଭବିଷ୍ୟତ ଯେ ଉଜ୍ଜଳମୟ ଏଥିରେ ସନ୍ଦେହ ନାହିଁ ।

■ **ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?**

■■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କିଛି ପରିମାଣରେ ରହିଛି, କିନ୍ତୁ ସମ୍ପୂର୍ଣ୍ଣ ଭାବରେ ନୁହେଁ । ପାଠକୀୟ ସ୍ୱୀକୃତି ହେଉଛି ଲେଖକଙ୍କ ପାଇଁ ସବୁଠୁ ବଡ଼ ପୁରସ୍କାର । କ୍ଲାସିକ୍ ଓଡିଆ ଉପନ୍ୟାସ 'ଅମାବାସ୍ୟାର ଚନ୍ଦ୍ର'ର ଲେଖକ ବାରିଷ୍ଟର ଗୋବିନ୍ଦ ଚନ୍ଦ୍ର ଦାସ କୌଣସି ବିଶେଷ ସାହିତ୍ୟିକ ପୁରସ୍କାର ପାଇ ନଥିଲେ କିନ୍ତୁ ତାଙ୍କର ଏହି କାଳଜୟୀ ଉପନ୍ୟାସ ସାରା ଓଡିଶାରେ ବିପୁଳ ପାଠକୀୟ ଆଦୃତି ଲାଭ କରିଅଛି ଓ ଏହାର ଅନେକ ସଂସ୍କରଣ ପ୍ରକାଶିତ । ଅତଏବ ପୁରସ୍କାର ବିନା ମଧ୍ୟ ସେ ଓଡିଆ ସାହିତ୍ୟରେ ଅମର ହୋଇ ରହିବେ । ଅବଶ୍ୟ ବର୍ତ୍ତମାନ ସମୟରେ ରାଜ୍ୟ ବା କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ତଥା ଅନ୍ୟାନ୍ୟ ବିଶିଷ୍ଟ ପୁରସ୍କାର ଲେଖକ ତଥା ପାଠକ ମହଲରେ ଗୁରୁତ୍ୱ ବହନ କରୁଅଛି ଓ ପୁରସ୍କାରପ୍ରାପ୍ତ ଲେଖକ ଲେଖିକାମାନଙ୍କୁ ବିଭିନ୍ନ ଅନୁଷ୍ଠାନରୁ ସମ୍ବର୍ଦ୍ଧିତ କରାଯାଉଛି । କିନ୍ତୁ ପୁରସ୍କାର ଚୟନରେ ଏବେ ସ୍ୱଚ୍ଛତା ଆସ୍ତେ ଆସ୍ତେ କମି ଆସୁଛି ଯାହା ଲେଖକମାନଙ୍କ ମନରେ ନକରାତ୍ମକ ପ୍ରଭାବ ସୃଷ୍ଟି କରୁଛି । ଓଡିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ମଧ୍ୟ ନଅ ବର୍ଷ ହେଲା ଦିଆଯାଇ ନାହିଁ ଯାହା ଏକ କ୍ଷୋଭର ବିଷୟ । କର୍ତ୍ତୃପକ୍ଷ ଏଥିପାଇଁ ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଓଡିଆ ଅସ୍ମିତାକୁ ଅଗ୍ରଗାମୀ କରିବା ବିଧେୟ । ସାହିତ୍ୟ ମାଧ୍ୟମରେ ସମାଜକୁ ସମସ୍ତ ପ୍ରକାର ବାର୍ତ୍ତା ଦେଇହେବ, କାରଣ ସାହିତ୍ୟ ହେଉଛି ସମାଜର ଦର୍ପଣ । କିନ୍ତୁ ବର୍ତ୍ତମାନ ପରିପ୍ରେକ୍ଷୀରେ ଓଡିଆ ଭାଷା ଓ ସାହିତ୍ୟ କିପରି ଗତିଶୀଳ ଓ ଦୀର୍ଘସ୍ଥାୟୀ ହେବ ତଥା ଆଗାମୀ ପିଢି କିପରି ଏଥିପ୍ରତି ଆକୃଷ୍ଟ ହେବେ ସେହି ବାର୍ତ୍ତାଟି ଓଡିଆ ସାହିତ୍ୟର ବିଭିନ୍ନ ବିଭାଗ ମାଧ୍ୟମରେ ଜନସାଧାରଣଙ୍କ ପାଖରେ ପହଞ୍ଚିବାର ଆବଶ୍ୟକତା ରହିଛି।


❤❤




ସାହିତ୍ୟ ସଭାରେ ଲେଖକ ଅରୁଣ ଚନ୍ଦ୍ର ସାହୁ...



ସମ୍ବର୍ଦ୍ଧିତ ହେବାର ସ୍ମରଣୀୟ ମୁହୂର୍ତ୍ତ...



ସୁଖୀ ପରିବାର : ଲେଖିକା ପତ୍ନୀ ଭାନୁମତୀ ସାହୁ, କନ୍ୟା ଡ. ଅନୋଜା ଅର୍ପିତା ଓ ପୁତ୍ର ଡ. ଅନୁଭବ ଅବିନାଶ ସାହୁଙ୍କ ସହ ଲେଖକ ଅରୁଣ ଚନ୍ଦ୍ର ସାହୁ...

**ଧାରାବାହିକ ଉପନ୍ୟାସ**

# ଭିନ୍ନ ଏକ ବିଦେଶିନୀ

**ଡ.ରତିକାନ୍ତ ବେହେରା**



**ଜୀବନ ଯେ ଜହର ନୁହଁ, ଅମୃତର ଗନ୍ତାଘର, ସକଳ ପ୍ରତିକୂଳତାକୁ ସମ୍ମୁଖୀନ ହୋଇ ଆତ୍ମପ୍ରତ୍ୟୟ ଆଧାରରେ ବଞ୍ଚିବାକୁ ପଡ଼େ, ଏହି ବାସ୍ତବତାକୁ ଜେନି ଚରିତ୍ର ମଧ୍ୟରେ ପ୍ରସ୍ଫୁଟିତ କରାଇଛନ୍ତି ଔପନ୍ୟାସିକ। ଧର୍ମ ଓ ଈଶ୍ୱରଙ୍କୁ ନେଇ ଏଠାରେ ଯେଉଁ ଅହରହ ସଂଘର୍ଷ ତାହାକୁ ପରିସମାପ୍ତି ପାଇଁ ସୂକ୍ଷ୍ମ ବିଚାରଟିଏ ଏହି ଉପନ୍ୟାସରୁ ପରିଦୃଷ୍ଟ ହୁଏ । ଅବଧୂତ ବାବାଙ୍କ ଭଳି ତ୍ୟାଗୀ ଫକୀର ଚରିତ୍ରଟିଏ ଖଞ୍ଜି ଦେଇ ତାଙ୍କ ଦ୍ୱାରା ଜେନିର ଚିନ୍ତାରାଜ୍ୟରେ ପରିବର୍ତ୍ତନ ଆଣି ଗୋସେବା, ପଶୁଜଗତରେ ଈଶ୍ୱରୀୟ ସତ୍ତାର ଉପଲବ୍ଧିକୁ ଦେଖାଇଛନ୍ତି ଔପନ୍ୟାସିକ ।**

**ଡ. ବେହେରାଙ୍କର 'ଭିନ୍ନ ଏକ ବିଦେଶିନୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

**ଭାଗ-୩୦**

ମନେ ମନେ ଭାବିଲା, ସେ ଖ୍ରୀଷ୍ଟିୟାନ୍ ବୋଲି ଆନନ୍ଦ କ'ଣ ପ୍ରତ୍ୟାଖାନ କରିଦେବେ ତା' ପ୍ରସ୍ତାବକୁ ? ତାଙ୍କ ଭିତରେ ବିଭେଦର ରଂଗ କେତେ ଗାଢ଼ ଥିବ, ଏ କଥା ସେ ଜାଣେନା। ତେବେ ଥରେ ଚେଷ୍ଟା କରିବା ବରଂ ଉଚିତ ହେବ।

ନୀଳାଚଳ ନାଥ ଜଗନ୍ନାଥ, ଶ୍ରୀମନ୍ଦିର ଓ ନିଜର ପୂର୍ବଜଙ୍କୁ ନେଇ ଜେନି ଭିତରେ ଯେଉଁ ଆବେଗ ଓ ପ୍ରବଣତା ପଲ୍ଲବିତ ହେଉଥିଲା, କ୍ରମେ ତାହା ତାକୁ ଆକର୍ଷିତ କରି ନେଇ ଯାଉଥିଲା ଆନନ୍ଦ ଆଡ଼କୁ। ଆନନ୍ଦ ଯେମିତି ତା' ସବୁ ସମସ୍ୟା ସମାଧାନର ଏକମାତ୍ର ମାଧ୍ୟମ । ଆନନ୍ଦ ବ୍ୟତୀତ ତା' ଜୀବନର ଅର୍ଥ ହିଁ କିଛି ନାହିଁ। ସମସ୍ତ ପ୍ରାପ୍ତି ଅପ୍ରାପ୍ତିର ହେତୁ ଏବଂ ସେତୁ ହିଁ ଆନନ୍ଦ । ପୁରୀରେ ଜୀବନର ଆରମ୍ଭ ହୋଇଥିଲା ଆନନ୍ଦ ସହିତ, ଆଉ ସମାପ୍ତି ହେବ ଆନନ୍ଦକୁ ନେଇ । ଲକ୍ଷ୍ୟ ହିଁ ଆନନ୍ଦ।

ଜେନି ଏବେ ନିରନ୍ତର ଭାବିବାକୁ ଲାଗିଲା ଆନନ୍ଦର କଥା। କଳ୍ପନାରେ ବୁଡ଼ି ରହିଲା ସବୁସମୟ। ସ୍ୱପ୍ନରେ ବି ଦେଖିଲା ଆନନ୍ଦକୁ, ଆନନ୍ଦର ସାହଚର୍ଯ୍ୟକୁ। ସେ ମଠଛାଡ଼ି ଚାଲିଆସିଛି ଆନନ୍ଦ ପାଖକୁ। ପତ୍ନୀବିହୀନ ଆନନ୍ଦ ତାକୁ ବିବାହ କରିବାକୁ ରାଜି ହୋଇଛି ଏବଂ ଆୟୋଜନ କରିଛି ବିବାହର। ହିନ୍ଦୁଧର୍ମର ରୀତିନୀତି ଅନୁସାରେ ବିବାହ କର୍ମ ସଂପନ୍ନ ହୋଇଛି। ବିବାହ ପରେ ଏକତ୍ର ସହାବସ୍ଥାନ ପାଇଁ ବାରଣ କରିଛି ସେ ଆନନ୍ଦକୁ। ପ୍ରଥମେ ମନ୍ଦିର ପ୍ରବେଶ ଓ ପ୍ରଭୁଙ୍କର ଆରାଧନା ଏବଂ ତା'ପରେ ଦାମ୍ପତ୍ୟ ଜୀବନ।

ଏଥିରେ ଆନନ୍ଦ ଅମତ ହୋଇନାହିଁ। ବିବାହର ସମସ୍ତ କାର୍ଯ୍ୟଦିବସଗୁଡ଼ିକ ଅତିକ୍ରମ କରିଗଲା ପରେ ସେମାନେ ଉଭୟ ଯାଇଛନ୍ତି ମନ୍ଦିର ଏବଂ ସେଠି ତାଙ୍କୁ ବାରଣ କରାଯାଇଛି। ଆନନ୍ଦ ପ୍ରମାଣ ଦେଇଛି ଏବଂ ସବୁକଥା ବ୍ୟାଖ୍ୟା କରି ବୁଝେଇ ଦେଇଛି ପଣ୍ଡା ଓ ସେବକମାନଙ୍କୁ, ତାପରେ ସେମାନେ ପ୍ରବେଶ କରିଛନ୍ତି ମନ୍ଦିର ଭିତରକୁ।

ଜେନିର ସୂକ୍ଷ୍ମ ଚେତନାରେ ଉନ୍ମୁକ୍ତ ହୋଇ ପଡୁଛି ମନ୍ଦିର ଭିତରର ଦୃଶ୍ୟ । ଆନନ୍ଦରେ ବିଭୋର ହୋଇ ବାଇଶି ପାହାଚ ଅତିକ୍ରମି ସେ ଯାଉଛି ମନ୍ଦିରର ଗର୍ଭଗୃହକୁ । ସେଠି ଦର୍ଶନ କରୁଛି ଚତୁର୍ଦ୍ଧାମୂର୍ତ୍ତିଙ୍କୁ । ପୂଜା ଆରାଧନାରେ ମଜ୍ଜି ରହିଛି ଘଣ୍ଟା ଘଣ୍ଟା । ତାପରେ ଆନନ୍ଦବଜାରରେ ପ୍ରସାଦସେବନ କରିଛି ପରମ ତୃପ୍ତିରେ।

ଜେନିର ମନଗହନରେ ପ୍ରତି ମୁହୂର୍ତ୍ତରେ ଏସବୁ କଳ୍ପନା ଓ ସ୍ୱପ୍ନ ପକ୍ଷ ବିସ୍ତାର କରିବାରେ ଲାଗିଥିଲା। ସେଇ ଏକା କଥାକୁ କଳ୍ପନାରେ ଦେଖୁଛି ଜେନି ବାରମ୍ବାର ବୁଲେଇ ବଂକେଇ, ଏପଟ ସେପଟ କରି । ତା'ରି ଭିତରେ ରାତିପାହି କରି ସକାଳ ହୋଇଛି। କାଉ ରାବିଛି ଇସ୍‌କନ୍ ମଠର ଆକାଶରେ, ରାବି ଉଡ଼ିଯାଇଛି ଦୂରକୁ, ବହୁ ଦୂରକୁ ।

ପ୍ରଭାତ ପରେ, ରାତିର ଏ ସବୁ ସ୍ୱପ୍ନ ଜେନିର ସଂକଳ୍ପକୁ ଆହୁରି ଦୃଢ଼ କରିଛି ଅନ୍ତର ଭିତରେ। ଯେମିତି ହେଲେବି ସେ ଯିବ ଆନନ୍ଦ ପାଖକୁ। ସାରାଦିନ ଅତିକ୍ରମ ହୋଇଯାଇଛି ତା'ର ଆନନ୍ଦ ଚିନ୍ତାରେ।

ପରଦିନ ପଥ ପଚାରି ପଚାରି ଯାଇ ପୂର୍ବାହ୍ନରେ ମଧୁସୂଦନପୁର ଗାଁରେ ପହଞ୍ଚି ଯାଇଥିଲା ଜେନି ଏବଂ ସେଠାରେ ଆନନ୍ଦଙ୍କର ଘର ଖୋଜି ପାଇବାରେ ଆଦୌ ଅସୁବିଧା ହେଲା ନାହିଁ। ବେଶ୍ ପରିଷ୍କାର ପରିଛନ୍ନ ଥିଲା ସେ ଗାଁ, ଗୋଟେ ବ୍ରାହ୍ମଣ ଶାସନ। ମଝିରେ ପକ୍‌କା ରାସ୍ତା ଓ ଦୁଇ ପାର୍ଶ୍ୱରେ ଲଗାଲଗି ଧାଡ଼ି ଧାଡ଼ି ହୋଇ ଘର । ବେଶିଭାଗ କୋଠା ଓ ପକ୍‌କାଘର। ଗାଁ ଶେଷମୁଣ୍ଡକୁ ଆନନ୍ଦଙ୍କ କୋଠାଘର, 'ଆନନ୍ଦ ନିଳୟ'। ତିନି ଚାରିଗୋଟି କୋଠରି ବିଶିଷ୍ଟ ଏକ ମହଲା ଘରଟି ହେଉଛି ତାଙ୍କର। ବୁଢ଼ୀଟିଏ ଚିହ୍ନେଇ ଦେଇଥିଲା ଜେନିକୁ । "ଏଇଟା ହେଉଛି ଆନନ୍ଦବାବୁଙ୍କ ଘର"

କୌଣସି ବିଦେଶିନୀ ଟୁରିଷ୍ଟ ବୋଧହୁଏ ଆନନ୍ଦର ସହାୟତା ଲୋଡ଼ି ଆସିଥାଇ ପାରନ୍ତି ! ଏମିତି ମନୋଭାବ ବୁଝା ପଡୁଥିଲା ବୁଢ଼ୀର ହାବଭାବରୁ । ସେ ଚିହ୍ନେଇ ଦେଇ ଲେଉଟି ଗଲାଣି ନିଜ ଘରକୁ । ବିନା କୌଣସି ସଂକୋଚରେ ଜେନି ପ୍ରବେଶ କରିଗଲା ଗେଟ୍ ଖୋଲି ଭିତରକୁ । ବାଧା ଦେବାକୁ ସେଠି କେହି ନଥିଲେ । ଏତେବଡ଼ ଘର ଓ ହତା ଭିତରଟା ଲାଗୁଥିଲା ଖାଁ ଖାଁ । ସାମ୍ନାରେ ଭିନ୍ନ ଭିନ୍ନ କିସମର ଫୁଲଗଛଗୁଡ଼ିଏ । ବାମପାର୍ଶ୍ୱରେ ଘରପାଖ ଦେଇ ଲମ୍ବିଯାଇଛି ଏକ ବିଶାଳ ବଗିଚା । ପଛକୁ ପଛ, କାହିଁ କେତେଦୂର । ଆଖି ପାଉନାହିଁ।

ତେବେ ଏତେବଡ଼ ପରିସରଟି ତେବେ ଶୂନ୍‌ଶାନ୍ କାହିଁକି ? ଗୋପପୁରର ନଈପଠା ପରି ଆହୁରି ଶୂନ୍‌ଶାନ୍, ଆହୁରି ନିରବ। ଘରର ସାମ୍ନା ଦୁଆର ଭିତରପଟୁ ବନ୍ଦଅଛି !

ଦୁଆର ମୁହଁରେ ଛିଡ଼ାହୋଇ କଲିଂବେଲ୍ ଖୋଜିଲା ଜେନି। ନା, ଆଦୌ କଲିଂବେଲ ସେଠି ନଥିଲା। କବାଟରେ କରାଘାତ କରି ଅପେକ୍ଷା କଲା, କିନ୍ତୁ କବାଟ ଖୋଲିବାର କୌଣସି ଶବ୍ଦ ବି ହେଲାନାହିଁ। ନିରୁପାୟ ହୋଇ ସେ ଫେରି ଆସିଲା ଦୁଆରବନ୍ଧ ସାମ୍ନାରୁ।

ଇତସ୍ତତଃ ହୋଇ ବଗିଚାରେ ବିଚରଣ କରିବାକୁ ଲାଗିଲା ସେ।

ତାହେଲେ ପିତାଙ୍କ ଅନ୍ତେ ଏତେବଡ଼ ଭୂ-ଖଣ୍ଡର ମାଲିକ ଏବେ ଆନନ୍ଦ। ଅବଶ୍ୟ ତାର ସହୋଦର ଭାଇ ଜଣକ ଦିଲ୍ଲୀରେ। ଜେନି ବୁଝିପାରୁନଥିଲା, ଏ ସବୁକୁ ଅବହେଳା କରି ଆନନ୍ଦ କାହିଁକି ଅଳ୍ପକିଛି ପାଉଣା ବିନିମୟରେ ଟୁରିଷ୍ଟ ଗାଇଡ୍ ଭାବେ ସମୟ ଅତିବାହିତ କରନ୍ତି ? କାହିଁକି ?

ଜେନିକୁ ଆଗ ଅପେକ୍ଷା ଆନନ୍ଦର ବ୍ୟକ୍ତିତ୍ୱ ଆହୁରି ଉଚ୍ଚା ହୋଇ ଦିଶିଲା। ଆନନ୍ଦ ତେବେ ବେଶିଭାଗ ଅପ୍ରକାଶ୍ୟ ଓ ଖୁବ୍ କମ୍ ପ୍ରକାଶ୍ୟ। ମନେ ମନେ ହସି ପକେଇଲା ଜେନି।

କୋଠାଘର ସଂଲଗ୍ନ ଭୂଖଣ୍ଡଟି ଜେନିକୁ ଖୁବ୍ ଚମତ୍କାର ମନେ ହେଲା। ଏଇଟିକୁ ଦେଖିଲା ପରେ ତା'ର ମନେପଡ଼ିଲା ନିଜ ପିଉସୀ ମା' ଜୁଲିଆନାଙ୍କ କଥା, ଯିଏ ଲଣ୍ଡନ ନଗରୀର ଶେଷପ୍ରାନ୍ତରେ ଗୋଟେ ଛୋଟ ପାହାଡ଼ର ପାଦଦେଶରେ ରହନ୍ତି ଏକା ଏକା, ପିଉସାଙ୍କୁ ହରେଇ। କାହିଁ କେତେବର୍ଷ ତଳେ ସେ ଥରେ ଯାଇଥିଲା ତାଙ୍କୁ ଦେଖା କରିବାକୁ, ପିଉସା ଜ୍ୟାକ୍‌ସନ୍‌ଙ୍କ ଦେହାନ୍ତ ପରେ। ପ୍ରଚୁର ମଦ୍ୟପାନ କରି କରି ଲୋକଟା ମରିଗଲା । ଆଉଜଣକୁ ବାହା ହୋଇଥିଲେ ପୀଉସୀ। କେତେବର୍ଷ ପରେ ସେ ବି ଛାଡ଼ି ପଳେଇ ଥିଲା ପିଉସୀମା'ଙ୍କୁ । ଜେନି ଭାବିଥିଲା ସବୁଦିନ ପାଇଁ ସେ ଚାଲିଯିବ ପିଉସୀ ମା'ଙ୍କ ପାଖକୁ। ତାଙ୍କ ଅପେକ୍ଷା, ତାଙ୍କର ସେ ବାଡ଼ିବଗିଚା ସମ୍ବଳିତ ଘରଟି ପ୍ରତି ଖୁବ୍ ବେଶି ଆକର୍ଷଣ ଥିଲା ତା'ର । ହେଲେ ଡେଭିଡ୍ ପାଇଁ ଯାଇପାରି ନଥିଲା।

ପିଉସୀ ଘର ଓ ଗୋପପୁର ଭଳି କିଛି ଗୋଟିଏ ନିଆରା ଆକର୍ଷଣ ଅନୁଭବ କରୁଛି ଜେନି ଏ ଘର ଓ ବାଡ଼ି ବଗିଚାକୁ ଦେଖି। ଏକ ନୈସର୍ଗିକ ଅନୁଭବ ଆସୁଛି ମନତଳେ, ଯାହା ମଠରୁ କି ହୋଟେଲ୍‌ରୁ ମିଳେନାହିଁ।

ଅନ୍ୟମନସ୍କ ଭାବେ ବଗିଚା ଭିତରେ କିଛିକ୍ଷଣ ବିଚରଣ କଲା ଜେନି । ଫୁଲ ଗୁଡ଼ିକରେ ହାତର ସ୍ପର୍ଶ ଦେଉଁ ଦେଉଁ ସେ ଅନେକ କଥା ଭାବି ହେଉଥିଲା। ମନତଳୁ ବିସ୍ମୃତ ହୋଇଗଲାଣି ତା' ଅତୀତରୁ ଅନେକ। ପୁଣି ଭାସି ଆସୁଛି ଗୋଟେ କଳ୍ପିତ ଭବିଷ୍ୟତ, ଯେଉଁଥିରେ ସଂଶୟ ବି ଲାଗି ରହିଛି।

ଜେନିର ହାତର ସ୍ପର୍ଶ ପାଇ ଫୁଲଗୁଡ଼ିକ ଉଲ୍ଲସିତ ହେଲେ। ଦୋଳି ଖେଳିଲେ ପବନରେ। ବଗିଚାର ଶେଷ ପ୍ରାନ୍ତରୁ ଆନନ୍ଦ ଲକ୍ଷ୍ୟ କଲା, କେହି ଜଣେ ବିଦେଶିନୀ ମହିଳା ଫୁଲ ବଗିଚାରେ ଘୁରି ବୁଲୁଛନ୍ତି। ନିଜ କାର୍ଯ୍ୟରୁ ନିବୃତ୍ତ ହୋଇ ସେ ଆସିଲା ଆଗନ୍ତୁକଙ୍କ ନିକଟକୁ।

ଖଣ୍ଡେ ଦୂରରୁ ଜେନିକୁ ଦେଖି ସ୍ତବ୍ଧ ହୋଇ ଛିଡ଼ା ହୋଇଗଲା ଆନନ୍ଦ। ନିଜ ଆଖିକୁ ବିଶ୍ୱାସ କରି ପାରିଲା ନାହିଁ। ଯାହା ଦେଖୁଛି ତାହା ସ୍ୱପ୍ନ ନା ବାସ୍ତବ ?

"ମୁଁ ଠିକ୍ ଜାଣି ପାରୁଛି ଆନନ୍ଦ, ମୋତେ ଦେଖି ଚକିତ ହେଉଛ। ସନ୍ଦେହର ଘୂର୍ଣ୍ଣି ଭିତରେ ଉବେଇ ଟୁବେଇ ହେଉଛ ନିଶ୍ଚୟ। ମୁଁ ମରିନାହିଁ, ବଞ୍ଚିଛି। ଆସିଛି ତୁମର ସାକ୍ଷାତ ନିମିତ୍ତ।" ସେଇ ଦୂରରୁ ଥାଇ କହିଲା ଜେନି। ଏ କଥା ବି କହିଲା, "ତୁମ ଘର ଖୋଜି ପାଇବା ଆଦୌ କଷ୍ଟ ହେଲାନାହିଁ। ଏଇଥିପାଇଁ ଯେ, ତୁମ ଗାଁ ନାମଟି ମୋର ସ୍ମରଣ ଥିଲା। ପଚାରି ପଚାରି ତ ଏମିତି ଅନେକ ଅଜଣା, ଅଦେଖା ରାଇଜ ଭ୍ରମଣ କରାଯାଇ ପାରେ। ନୁହେଁ ?" ଜେନିର ବାକ୍ୟରେ ଭାରି କୌତୁକ ପୂରି ରହିଥିଲା।

ସନ୍ଦେହ ମୁକ୍ତ ହେଲା ଆନନ୍ଦ। ଜେନି ବଞ୍ଚିଛି ଏବଂ ଦୀର୍ଘ ଦିନର ବ୍ୟବଧାନ ପରେ ଆଜି ସାକ୍ଷାତ ହେଉଛି। ସେଥିପାଇଁ ସେ କିଛି ପୁଲକ ଅନୁଭବ କଲା ଅନ୍ତରରେ। ପ୍ରଭୁ ମଙ୍ଗଳମୟ, ଜେନିର ପ୍ରାର୍ଥନା ଶୁଣିଛନ୍ତି।

ଏତେବେଳେକେ ଆନନ୍ଦ ସଂଭାଷଣ କଲା, ଆଉ ଜେନି ବି।

ସେମାନେ କଥା ହେଉହେଉ ଆଗେଇଲେ ବଗିଚା ଭିତରକୁ। କେତେ ଆଗକୁ ଲମ୍ବିଛି ବିଗିଚା। ଭିନ୍ନ ଭିନ୍ନ କିସମର ଫଳଗଛ। ଆମ୍ବ, ପଣସ, ନଡ଼ିଆ, ଗୁଆ, ଲିଚୁ, ସପେଟା ଆଦି ଗଛଗୁଡ଼ିକ ଫଳଭାରରେ ନଇଁ ଆସିଛନ୍ତି। ଏତେସବୁ ସଂଭାର ଦେଖି ଚକିତ ହେବା ସଂଗେସଂଗେ ଉଲ୍ଲସିତ ହେଉଥିଲା ଜେନି।

ଘରପଛ ପାଖରେ ଗୋଟେ କୂଅ ଓ ତତ୍‌ସଂଲଗ୍ନ ଏକ ଗାଧୁଆଘର। ଭିତରେ କେହି ଜଣେ ଗାଧୋଉ ଥିବାର ଶବ୍ଦ ଶୁଭୁଛି । ସେ ଆଡ଼କୁ ମନ ନ ଦେଇ ଜେନି ଆହୁରି ଆଗକୁ ଚାଲିଲା । ବାମପାର୍ଶ୍ୱରେ ଏକ ବିରାଟ ଆମ୍ବଗଛ । ଅସଂଖ୍ୟା ଆମ୍ବ ଝୁଲିଛି ଡାଳରୁ । ତହିଁରୁ କେତୋଟି ପାଚି ତଳେ ପଡ଼ିଛି ଏଣେ ତେଣେ । ତାରି ମୂଳରେ ଗୋଟେ ସିମେଣ୍ଟ୍ ବେଞ୍ଚ୍।

"ଏଠି ସିମେଣ୍ଟ୍ ବେଞ୍ଚ ?" ଜିଜ୍ଞାସୁ ହୋଇ ପ୍ରଶ୍ନ କଲା ଜେନି।

"ଦୀର୍ଘ ସମୟ ଏବେ ମୋତେ ଏଇ ଉଦ୍ୟାନ ଭିତରେ କଟେଇବାକୁ ହେଉଛି। ଏଣୁ କ୍ଲାନ୍ତି ମେଣ୍ଟେଇବା ପାଇଁ ଏ ବେଞ୍ଚର ପରିକଳ୍ପନା", କହିଲା ଆନନ୍ଦ।

ସେଇ ବେଞ୍ଚ ଉପରେ ଉପବିଷ୍ଟ ହେଲା ଜେନି। କହିଲା, "ବସ ଆନନ୍ଦ। ଅନେକ ଦିନ ଅନ୍ତରରେ ସାକ୍ଷାତ ହୋଇଛି ଯେତେବେଳେ, ତୁମକୁ ମୋର ଆଜି ଅନେକ କଥା କହିବାର ଅଛି। ପରସ୍ପର ପରସ୍ପରକୁ ନେଇ ମନ ଭିତରେ ବେଶ୍ ଜିଜ୍ଞାସା ସୃଷ୍ଟି ହୋଇଥିବ ନିଶ୍ଚୟ। ସେ ସବୁ ପରିଷ୍କୃତ ହେବା ଦରକାର। ବସ !"

ଏଇ ମୁହୂର୍ତ୍ତରେ ଗାଧୁଆଘର କବାଟ ଖୋଲି ବାହାରିଲା ପ୍ରଶାନ୍ତି। ଜେନିର ତୀର୍ଯ୍ୟକ୍ ଦୃଷ୍ଟି ଯାଇ ପଡ଼ିଲା ପ୍ରଶାନ୍ତି ଉପରେ। ଆଖି ସହିତ ଆଖି ମିଶିଗଲା। ଚମକି ପଡ଼ିଲା ଜେନି। ଆଶ୍ଚର୍ଯ୍ୟ ମଧ୍ୟ ହେଲା ପ୍ରଶାନ୍ତି ବିଦେଶିନୀ ପାଗିଳୀ ମାମ୍‌ଙ୍କୁ ଦେଖି। ସ୍ତବ୍ଧ ହୋଇଗଲେ ଉଭୟ। ଏ କି ଅପୂର୍ବ ସଂଯୋଗ।

ଅନ୍ତବସ୍ତ୍ର ବିହୀନ ପ୍ରଶାନ୍ତିର ନିଟୋଳ ଦେହରୁ କିୟଦଂଶ ଦୃଶ୍ୟ ହେଉଛି ଜେନିକୁ। ବାଃ, ଚମତ୍କାର ସେ ଦେହ ବଲ୍ଲରୀର ସୌନ୍ଦର୍ଯ୍ୟ। ଶାଢ଼ୀ କାନିକୁ ଟାଣିଟୁଣି ଢାଙ୍କି ଦେଇ ତରତରରେ ଗୃହାଙ୍ଗନ ଭିତରକୁ ପଶିଗଲାଣି ତନ୍ୱୀ। ଜେନିର ଦୃଷ୍ଟି କିନ୍ତୁ ସେମିତି ସ୍ଥିର ରହିଛି ସେହି ଶୂନ୍ୟ ସ୍ଥାନରେ। ଭାବନା କିନ୍ତୁ ଅସ୍ଥିର।


ପ୍ରଥମ ଦୃଷ୍ଟି ବିନିମୟରେ ଯାହାଙ୍କୁ ସେ ଦେଖିଲା ଏବଂ ନରମ ଚାହାଣୀର କଟାକ୍ଷରେ ଯିଏ ଜର୍ଜରିତ କରି ଘର ଭିତରକୁ ପଶିଗଲା, ସେ କ'ଣ ପ୍ରକୃତରେ ପ୍ରଶାନ୍ତି ?

(କ୍ରମଶଃ)

♥ କୃଷ୍ଣନଗର, ଅଙ୍ଗାରଗଡ଼ିଆ,
ବାଲେଶ୍ୱର - ୭୫୬୦୦୧
(ମୋ): ୯୪୩୯୪୪୨୯୪୨

**ପଢ଼ିବା ପରେ**

## 'ନୀଳ ପ୍ରେମିକର ଦୁଃଖ' - ବିରହରେ ଗାଢ଼ ହେଉଥିବା ଅମୃତ ପ୍ରେମର ଚୌପଦୀ




ଅନୁପ କୁମାର ଦଳବେହେରାଙ୍କ ଏହି ସଂକଳନ ସିଧାସଳଖ ରାଧା-କୃଷ୍ଣଙ୍କ ଶାଶ୍ୱତ ପ୍ରେମଗାଥାର ଆଧୁନିକ ବ୍ୟାଖ୍ୟା। ଏଠି କୃଷ୍ଣ କେବଳ ଭଗବାନ ନୁହଁନ୍ତି, ସେ ସେହି 'ନୀଳ ପ୍ରେମିକ' ଯିଏ ବାସ୍ତବର ବାଧବାଧକତାରେ ରାଧାଙ୍କୁ ଛାଡିଦିଏ। ଆଉ ରାଧା ହେଉଛନ୍ତି ପ୍ରତ୍ୟେକ ବିରହିଣୀର ପ୍ରତୀକ, ଯାହାଙ୍କ ଦୁଃଖର ରଙ୍ଗ 'ନୀଳ'।



କବିଙ୍କ କୃଷ୍ଣ ବଂଶୀଧର, ରାସରସିକ ନୁହଁନ୍ତି। ସେ 'ନୀଳ ତ୍ୟାଗ'ର ପ୍ରତୀକ। 'ଅନ୍ତିମ ଭେଟ', 'ଅନ୍ତିମ ବେଳା' ଭଳି କବିତା ସେହି ମୁହୂର୍ତ୍ତକୁ ଧରେ ଯେତେବେଳେ କୃଷ୍ଣ ମଥୁରା ଯିବା ପାଇଁ ରାଧାଙ୍କୁ ବିଦାୟ ଦିଅନ୍ତି। ଏଠି କୃଷ୍ଣଙ୍କ ନୀଳ ଶରୀର ପ୍ରେମର ପ୍ରତୀକ ହୋଇଥିଲେ ବି, ଶେଷରେ ତାହା 'ନୀଳ ଅଭିଶାପ' ପାଲଟି ଯାଏ। କର୍ତ୍ତବ୍ୟ ପାଇଁ ପ୍ରେମର ବଳିଦାନ ଦେବାର ଯନ୍ତ୍ରଣା କୃଷ୍ଣଙ୍କୁ ବି ଜଣେ ସାଧାରଣ ପ୍ରେମିକ ଭଳି ଦୁଃଖୀ କରିଦିଏ। 'ବିଚଳିତ ପ୍ରାଣ' କୃଷ୍ଣଙ୍କର ବି, କେବଳ ରାଧାଙ୍କର ନୁହେଁ।

ସଂକଳନର ମୁଖ୍ୟ ସ୍ୱର ରାଧାଙ୍କର। 'ପ୍ରତୀକ୍ଷାର ପୀଡ଼ା'ରୁ 'କାହିଁକି କାନ୍ଦିନି ମୁଁ' ଯାଏଁ ସବୁଠି ରାଧାଙ୍କ ଅପେକ୍ଷା ଓ ଭାଙ୍ଗିପଡିବା ଅଛି। କୃଷ୍ଣଙ୍କ ନୀଳ ରଙ୍ଗ ରାଧାଙ୍କ ଆଖିରେ 'ନୀଳ ଅଶ୍ରୁ' ହୋଇ ଝରେ। 'ନୀଳ ଛାୟା'ରେ ରାଧା କୃଷ୍ଣଙ୍କ ଅନୁପସ୍ଥିତିରେ ବି ତାଙ୍କ ଛାୟାକୁ ଧରି ବଞ୍ଚନ୍ତି। ସମାଜ ପାଇଁ ସେ 'ନିନ୍ଦୁକ'ର ଲକ୍ଷ୍ୟ ବନନ୍ତି, କିନ୍ତୁ ତାଙ୍କ ପ୍ରେମ ଅପବିତ୍ର ନୁହେଁ। 'ମୋର ଅଭିଳାଷ'ରେ ଥିବା ଛୋଟ ଆଶାଟି ହେଉଛି ଥରେ କୃଷ୍ଣଙ୍କୁ ଦେଖିବା, ଯାହା କେବେ ପୂରଣ ହୁଏ ନାହିଁ।

ରାଧା-କୃଷ୍ଣ କଥାରେ ମିଳନ ଅପେକ୍ଷା ବିଚ୍ଛେଦ ଅଧିକ କାବ୍ୟମୟ। କବି ସେହି ବିଚ୍ଛେଦକୁ ହିଁ ଉତ୍ସବ କରିଛନ୍ତି। 'ଆଦ୍ୟ ଆରାଧନା' ଯେତେବେଳେ ମିଳନର ଆରମ୍ଭ, 'ବିଦାୟୀ ମୁହୂର୍ତ୍ତ' ସେତେବେଳେ ଚିର ବିଚ୍ଛେଦର ଘୋଷଣା। ଏଠି ରାସଲୀଳା ନାହିଁ, 'ଅନ୍ତିମ ବେଳା'ର ନୀରବତା ଅଛି। କବି କହିବାକୁ ଚାହୁଁଛନ୍ତି ଯେ ପ୍ରେମର ପ୍ରକୃତ ପରୀକ୍ଷା ମିଳନରେ ନୁହେଁ, ବିରହରେ ହୁଏ।

କବି ପୌରାଣିକ ଚରିତ୍ରଙ୍କୁ ଆଜିର ଭାଷାରେ ଗଢିଛନ୍ତି। 'ନୀଳ' ଶବ୍ଦଟି କୃଷ୍ଣଙ୍କ ଗାତ୍ରବର୍ଣ୍ଣ ଓ ରାଧାଙ୍କ ବିଷାଦ ଦୁଇଟାକୁ ଯୋଡେ। ଏଠି କୀର୍ତ୍ତନ ନାହିଁ, ଆଧୁନିକ ମଣିଷର ଏକାକୀପଣର ସ୍ୱର ଅଛି। ଯେମିତି ରାଧା ଆଜିର ପ୍ରେମିକା, କୃଷ୍ଣ ଆଜିର କର୍ତ୍ତବ୍ୟନିଷ୍ଠ ପ୍ରେମିକ।

'ନୀଳ ପ୍ରେମିକର ଦୁଃଖ' ରାଧା-କୃଷ୍ଣଙ୍କ ପ୍ରେମକୁ ମନ୍ଦିରରୁ ଆଣି ମଣିଷ ହୃଦୟରେ ବସାଇଛି। ଏଠି ଭଗବାନ ବି କାନ୍ଦନ୍ତି, ଭକ୍ତ ବି ପ୍ରଶ୍ନ କରେ। କବିଙ୍କ ଭାଷା ସରଳ କିନ୍ତୁ ବ୍ୟଞ୍ଜନାଧର୍ମୀ। ସେ କଠିନ ଶବ୍ଦ ବ୍ୟବହାର କରନ୍ତି ନାହିଁ, କିନ୍ତୁ ସାଧାରଣ ଶବ୍ଦରେ ଗଭୀର ଅର୍ଥ ଭରନ୍ତି। ପ୍ରତୀକ ବ୍ୟବହାର ବହୁତ ଶକ୍ତିଶାଳୀ। 'ଅଶ୍ରୁ', 'ଛାୟା', 'ଭେଟ', 'ବେଳା', 'ତ୍ୟାଗ', 'ଅଭିଶାପ' – ସବୁ ଶବ୍ଦ ଗୋଟେ ଦୃଶ୍ୟ ତିଆରି କରେ। ଛନ୍ଦ ଅପେକ୍ଷା ଭାବ ଉପରେ ଗୁରୁତ୍ୱ ଅଧିକ। କବିତାଗୁଡ଼ିକ ପଢିଲାବେଳେ ଲାଗେ ଯେମିତି ଜଣେ ଭଙ୍ଗା ହୃଦୟର ଡାଏରୀ ।

'ନୀଳ ପ୍ରେମିକର ଦୁଃଖ' ଆଧୁନିକ ଓଡ଼ିଆ କବିତାରେ ପ୍ରେମର ଅନ୍ଧାର ଦିଗକୁ ଦେଖାଇବାରେ ସଫଳ। ଏହା ପ୍ରେମର ଗୀତ ନୁହେଁ, ପ୍ରେମର ଶୋକଗୀତ। ସତଚାଳିଶିଟି କବିତାରେ କବି ଗୋଟେ ନୀଳ ପ୍ରେମିକର ଜୀବନକୁ ପୁରା ନିଗାଡି ଦେଇଛନ୍ତି। ଯେଉଁମାନେ ବିରହ ଓ ଆତ୍ମ-ସଂଘର୍ଷର କବିତାକୁ ଭଲପାଆନ୍ତି, ସେମାନଙ୍କ ପାଇଁ ଏହା ଏକ ଶକ୍ତିଶାଳୀ ସଂକଳନ। କବିତାଗୁଡିକୁ ପଢିଲା ପରେ ଲାଗିବ ଯେ ପ୍ରତ୍ୟେକ ପ୍ରେମ ଭିତରେ ଗୋଟେ ରାଧା ଓ ଗୋଟେ କୃଷ୍ଣ ଲୁଚି ରହିଛନ୍ତି। ଆଉ ସେମାନଙ୍କ ମିଳନ ଅପେକ୍ଷା ବିଚ୍ଛେଦ ଅଧିକ ଅମର। କବିଙ୍କର ଏହି ରସକଲ୍ଲୋଳ ପାଠକ ମାନଙ୍କ ହୃଦୟକୁ ଏକ ନୀଳ ଆନ୍ଦୋଳନରେ ଆନ୍ଦୋଳିତ କରିବ ନିଶ୍ଚୟ ।



ସମୀକ୍ଷା :
ବିକାଶୀ ପ୍ରିୟଦର୍ଶିନୀ ରାଉତ
ବଡ଼ପଲ୍ଲୀ, ରାଜନଗର, କେନ୍ଦ୍ରାପଡ଼ା



**ଡଃ ଅମୂଲ୍ୟ କୁମାର ପଣ୍ଡା**

# ଶବ୍ଦ ବ୍ରହ୍ମ ସୃଷ୍ଟିର ମୂଳ କାରଣ

ମାନବ ସଭ୍ୟତାର ଆରମ୍ଭରୁ ଶବ୍ଦର ଅପାର ମହତ୍ତ୍ୱ ରହିଛି। ଶବ୍ଦ ହେଉଛି ଚିନ୍ତାଧାରାର ପ୍ରକାଶ, ଜ୍ଞାନର ବାହକ ଏବଂ ସମାଜ ସୃଷ୍ଟି ପଛରେ ମୌଳିକ ଶକ୍ତି। ଭାରତୀୟ ଦାର୍ଶନିକ ଚିନ୍ତାଧାରାରେ 'ଶବ୍ଦ ବ୍ରହ୍ମ' ନାମକ ଏକ ଗଭୀର ଧାରଣା ଅଛି। ଏହାର ଅର୍ଥ ହେଉଛି ଶବ୍ଦ ହେଉଛି ପରମ ସତ୍ୟ ଓ ସୃଷ୍ଟିର ମୂଳ କାରଣ। ବେଦ, ଉପନିଷଦ ଏବଂ ପୁରାଣରେ, ଶବ୍ଦକୁ ଦିବ୍ୟ ଶକ୍ତି ଭାବରେ ବର୍ଣ୍ଣନା କରାଯାଇଛି। 'ଓମ୍' ଶବ୍ଦକୁ ସମଗ୍ର ବ୍ରହ୍ମାଣ୍ଡର ମୌଳିକ ଶବ୍ଦ ଭାବରେ ବିବେଚନା କରାଯାଏ। ତେଣୁ ଜୀବନ ସଂହିତା ହେଉଛି ମାନବ ଜୀବନ ପାଇଁ ନୀତି, ଆଦର୍ଶ, ମୂଲ୍ୟବୋଧ ଏବଂ ଆଚରଣର ଏକ ସଂଗ୍ରହ। ଏହା ମଣିଷକୁ ସଠିକ୍ ପଥ ଅନୁସରଣ କରିବାକୁ ଶିଖାଏ। ଜୀବନକୁ ସୁନ୍ଦର, ଶାନ୍ତିପୂର୍ଣ୍ଣ ଏବଂ ସଫଳ କରିବା ପାଇଁ ଜୀବନ ସଂହିତା ଅତ୍ୟାବଶ୍ୟକ। ଶବ୍ଦ ବ୍ରହ୍ମର ଆତ୍ମାକୁ ଜାଗ୍ରତ କରୁଥିବା ବେଳେ ଜୀବନ ସଂହିତା ମଣିଷକୁ ନୈତିକତାର ପଥରେ ମାର୍ଗଦର୍ଶନ କରେ। 'ଶବ୍ଦ' ଅର୍ଥ ଶବ୍ଦ, ଭାଷା ଏବଂ ଅର୍ଥର ପ୍ରକାଶ। 'ବ୍ରହ୍ମ' ଅର୍ଥ ହେଉଛି ପରମ ସତ୍ୟ କିମ୍ବା ସର୍ବଶକ୍ତିମାନ ନୀତି। ତେଣୁ 'ଶବ୍ଦ ବ୍ରହ୍ମ' ଅର୍ଥ ହେଉଛି ସେହି ଶବ୍ଦ ଯେଉଁଠାରୁ ସମସ୍ତ ସୃଷ୍ଟି ଉତ୍ପନ୍ନ ହୋଇଛି। ଭାରତୀୟ ସଂସ୍କୃତିରେ ଶବ୍ଦଗୁଡ଼ିକୁ କେବଳ କୁହାଯାଇ ନାହିଁ ବରଂ ଏକ ଆଧ୍ୟାତ୍ମିକ ଶକ୍ତି ଭାବରେ ବିବେଚନା କରାଯାଏ। ବେଦ କହେ ଯେ ସୃଷ୍ଟି 'ନାଦ' ସହିତ ଆରମ୍ଭ ହୋଇଥିଲା। ଏହି ନାଦ ହେଉଛି ବ୍ରହ୍ମ ଶବ୍ଦ। 'ଓମ୍' ଶବ୍ଦକୁ ଏହି ବ୍ରହ୍ମ ଶବ୍ଦର ପ୍ରତୀକ ଭାବରେ ବିବେଚନା କରାଯାଏ। ଏହି ଶବ୍ଦ ଯୋଗ, ଧ୍ୟାନ ଏବଂ ତପସ୍ୟାରେ ବିଶେଷ ଗୁରୁତ୍ୱ ରଖେ। ଏହା ମନକୁ ଶାନ୍ତ କରେ ଏବଂ ଆତ୍ମାକୁ ପରମ ପୁରୁଷଙ୍କ ସହିତ ସଂଯୋଗ କରେ।

ବେଦ ଶବ୍ଦର ଏକ ଅଦ୍ଭୁତ ସଂଗ୍ରହ। ଧ୍ୟାନ ଏବଂ ତପସ୍ୟା ମାଧ୍ୟମରେ ଋଷିମାନେ ଯେଉଁ ଦିବ୍ୟ ଶବ୍ଦ ଅନୁଭବ କରନ୍ତି ତାହା ପରବର୍ତ୍ତୀ ସମୟରେ ବୈଦିକ ମନ୍ତ୍ର ଭାବରେ ଉଭା ହୋଇଥିଲା। ବେଦ କହେ ଯେ ଶବ୍ଦ ଅନନ୍ତ ଏବଂ ଅବିନାଶୀ। ଉପନିଷଦ 'ନାଦ ବ୍ରହ୍ମ' ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରେ। ନାଦ ଅର୍ଥ ଶବ୍ଦ, ଯାହା ସମଗ୍ର ବ୍ରହ୍ମାଣ୍ଡରେ ବ୍ୟାପି ରହିଛି। ଯେତେବେଳେ ଜଣେ ବ୍ୟକ୍ତି ଧ୍ୟାନ କରେ, ସେ ଏହି ଅନ୍ତର୍ନିହିତ ଶବ୍ଦକୁ ଅନୁଭବ କରିପାରିବ। ଏହି ଶବ୍ଦ ପରମ ସତ୍ୟକୁ ପ୍ରବେଶ ପ୍ରଦାନ କରେ। ଭାରତୀୟ ସଂସ୍କୃତିରେ ଶବ୍ଦକୁ ଏକ ଦିବ୍ୟ ଶକ୍ତି ଭାବରେ ବିବେଚନା କରାଯାଏ। ମନ୍ତ୍ର, ସ୍ତୁତି, ଏବଂ ସ୍ତୋତ୍ର ମାଧ୍ୟମରେ ବ୍ୟକ୍ତି ଆଧ୍ୟାତ୍ମିକ ଶକ୍ତି ଲାଭ କରେ। ଗାୟତ୍ରୀ ମନ୍ତ୍ର ଏବଂ ମହାମୃତ୍ୟୁଞ୍ଜୟ ମନ୍ତ୍ର ଭଳି ମନ୍ତ୍ରର ଶବ୍ଦ ମନକୁ ଶୁଦ୍ଧ କରେ। ପ୍ରାଚୀନ କାଳରେ ଗୁରୁମାନେ ସେମାନଙ୍କ ଶିଷ୍ୟମାନଙ୍କୁ ଶବ୍ଦ ମାଧ୍ୟମରେ ଜ୍ଞାନ ପ୍ରଦାନ କରୁଥିଲେ। ଏହା ପ୍ରମାଣିତ କରେ ଯେ ଶବ୍ଦ ହେଉଛି ଜ୍ଞାନର ମୂଳଦୁଆ। ଧର୍ମ, ସଂସ୍କୃତି ଏବଂ ପରମ୍ପରା ପିଢ଼ି ପରେ ପିଢ଼ି ଶବ୍ଦ ମାଧ୍ୟମରେ ଚାଲିଆସିଛି। ଶବ୍ଦରେ ଅପାର ଶକ୍ତି ଅଛି। ଏକ ମଧୁର ଶବ୍ଦ କାହାର ହୃଦୟ ଜିତିପାରେ ଏବଂ ଏକ କଠୋର ଶବ୍ଦ ସମ୍ପର୍କକୁ ଭାଙ୍ଗିପାରେ। ଶବ୍ଦ ଜଣେ ବ୍ୟକ୍ତିଙ୍କୁ ପ୍ରେରଣା ଦେଇପାରେ କିମ୍ବା ହତାଶା ଆଡ଼କୁ ନେଇଯାଇପାରେ। ସ୍ୱାମୀ ବିବେକାନନ୍ଦ ଏବଂ ଅନ୍ୟାନ୍ୟ ମହାନ ବ୍ୟକ୍ତିମାନେ ସେମାନଙ୍କ ଶବ୍ଦର ଶକ୍ତିରେ ସମାଜକୁ ପରିବର୍ତ୍ତନ କରିଥିଲେ। ସେମାନଙ୍କର ଭାଷଣ ଏବଂ ଶିକ୍ଷା ଲକ୍ଷଲକ୍ଷ ଲୋକଙ୍କୁ ନୂତନ ଜୀବନ ଦେଇଥିଲା। ସଙ୍ଗୀତକୁ ମଧ୍ୟ ନାଦ ବ୍ରହ୍ମ କୁହାଯାଏ। ସଙ୍ଗୀତର ଶବ୍ଦ ମନ ଏବଂ ଆତ୍ମାକୁ ପ୍ରଭାବିତ କରେ। ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତରେ ରାଗ ଏବଂ ତାଳର ବିଶେଷ ଗୁରୁତ୍ୱ ଅଛି। ସଙ୍ଗୀତ ମନକୁ ଶାନ୍ତ କରେ, ଦୁଃଖ ଦୂର କରେ ଏବଂ ଆତ୍ମାକୁ ଈଶ୍ୱରଙ୍କ ସହିତ ଯୋଡେ। ମୀରାବାଇ ଏବଂ ଜୟଦେବଙ୍କ ପରି ସନ୍ଥମାନେ ସଙ୍ଗୀତ ମାଧ୍ୟମରେ ଭକ୍ତିକୁ ପ୍ରୋତ୍ସାହିତ କରିଥିଲେ।

ଜୀବନ ସଂହିତା ହେଉଛି ଜୀବନକୁ ସଠିକ୍ ଭାବରେ ବଞ୍ଚିବା ପାଇଁ ନିୟମ ଏବଂ ନୀତିଗୁଡ଼ିକର ଏକ ପ୍ରକ୍ରିୟା । ଏହା ଜଣେ ବ୍ୟକ୍ତିକୁ ଭଲ ମଣିଷ ହେବା ପାଇଁ ମାର୍ଗଦର୍ଶନ କରେ। ସତ୍ୟ, ଅହିଂସା, କରୁଣା, କଠିନ ପରିଶ୍ରମ, ସମର୍ପଣ, ଶୃଙ୍ଖଳା ଏବଂ ସେବା ଭଳି ମୂଲ୍ୟବୋଧ ଜୀବନ ସଂହିତାର ଅଂଶ। ଜୀବନ ସଂହିତା ପାଳନ କରୁଥିବା ବ୍ୟକ୍ତି ସମାଜରେ ସମ୍ମାନ ପାଏ। ଜୀବନ ସଂହିତା କେବଳ ସଫଳତା ଆଣିଥାଏ ତାହା ନୁହେଁ ବରଂ ମନର ଶାନ୍ତି ମଧ୍ୟ ଆଣିଥାଏ। ଜୀବନ ସଂହିତାର ମୌଳିକ ନୀତିଗୁଡ଼ିକ ହେଉଛି ସତ୍ୟ, ଅହିଂସା, କରୁଣା, ଶୃଙ୍ଖଳା ଏବଂ ସେବା। ସତ୍ୟ ହେଉଛି ଜୀବନର ସର୍ବୋଚ୍ଚ ମୂଲ୍ୟ ଓ ଜଣେ ସତ୍ୟବାଦୀ ବ୍ୟକ୍ତି ସର୍ବଦା ସମ୍ମାନ ଆଦେଶ ଦିଅନ୍ତି। ଅହିଂସା ଅର୍ଥ କାହା ବିରୁଦ୍ଧରେ ହିଂସା ବ୍ୟବହାର ନକରିବା। ଏହା କେବଳ ଶାରୀରିକ ହିଂସା ନୁହେଁ ବରଂ ଚିନ୍ତା ଏବଂ ବାଣୀରେ ହିଂସା ତ୍ୟାଗ କରିବା ମଧ୍ୟ। ଅନ୍ୟମାନଙ୍କର ଯନ୍ତ୍ରଣା ଅନୁଭବ କରିବା ଏବଂ ସେମାନଙ୍କୁ ସାହାଯ୍ୟ କରିବା ହେଉଛି କରୁଣା। ଏହା ମାନବତାର ପ୍ରତୀକ। ଶୃଙ୍ଖଳା ବିନା ଜୀବନ ବିଫଳତା। ସମୟକୁ ମନରେ ରଖି କାମ କରିବା ସଫଳତା ଆଡ଼କୁ ନେଇଯାଏ। ସମାଜ ଏବଂ ଦେଶ ପାଇଁ କାମ କରିବା ଜୀବନର ସର୍ବୋତ୍ତମ କର୍ତ୍ତବ୍ୟ। ଶବ୍ଦ ବ୍ରହ୍ମ ଏବଂ ଜୀବନ ସଂହିତା ପରସ୍ପର ନିର୍ଭରଶୀଳ। ଶବ୍ଦ ମାଧ୍ୟମରେ ଜଣେ ବ୍ୟକ୍ତି ଜୀବନ ସଂହିତା ଶିଖେ। ଧାର୍ମିକ ଗ୍ରନ୍ଥ, ଶିକ୍ଷା, ଭାଷଣ ଏବଂ ସାହିତ୍ୟ ନୈତିକ ମୂଲ୍ୟବୋଧ ଶିଖାଏ। ଯଦି ଶବ୍ଦ ଭଲ, ଜୀବନ ମଧ୍ୟ ଭଲ। ମଧୁର ଶବ୍ଦ ଏବଂ ସତ୍ୟବାଦୀ ଆଚରଣ ଜଣେ ବ୍ୟକ୍ତିକୁ ମହାନ କରିଥାଏ। ଏପରି ଶବ୍ଦ ଜୀବନର ନିୟମର ମୂଳଦୁଆ। ଯଦି ଆମେ ସାହିତ୍ୟରେ ଶବ୍ଦ ବ୍ରହ୍ମ ବିଷୟରେ ଆଲୋଚନା କରିବା ତେବେ ଆମେ ଅନୁଭବ କରିପାରୁଛୁ ଯେ ସାହିତ୍ୟ ହେଉଛି ଶବ୍ଦର ଏକ କଳାତ୍ମକ ରୂପ। କବି, ଲେଖକ ଏବଂ ସାହିତ୍ୟିକମାନେ ଶବ୍ଦ ମାଧ୍ୟମରେ ସମାଜକୁ ଶିକ୍ଷା ଦିଅନ୍ତି। ଓଡ଼ିଆ ସାହିତ୍ୟରେ ସରଳା ଦାସ, ଉପେନ୍ଦ୍ର ଭଞ୍ଜ, ଫକୀରମୋହନ ସେନାପତି ଏବଂ ଗଙ୍ଗାଧର ମେହେରଙ୍କ ଭଳି ମହାନ ସାହିତ୍ୟିକମାନେ ସେମାନଙ୍କ କୃତିରେ ଜୀବନର ନିୟମ ଶିକ୍ଷା ଦେଇଛନ୍ତି। ଆଜିର ଯୁବପିଢ଼ି ଦେଶର ଭବିଷ୍ୟତ। ଯଦି ସେମାନେ ଜୀବନର ନିୟମ ପାଳନ କରନ୍ତି ତେବେ ସମାଜର ଉନ୍ନତି ହେବ। ଯୁବପିଢ଼ି ସତ୍ୟବାଦୀ, ଶୃଙ୍ଖଳିତ ଏବଂ ନୀତିବାଦୀ ହେବା ଉଚିତ। ଶବ୍ଦର ସଠିକ୍ ବ୍ୟବହାର ମାଧ୍ୟମରେ ସେମାନେ ସମାଜରେ ଶାନ୍ତି ଏବଂ ଏକତା ସ୍ଥାପନ କରିପାରିବେ।

ଶିକ୍ଷା କେବଳ ପୁସ୍ତକରୁ ଜ୍ଞାନ ଆହରଣ କରିବା ନୁହେଁ। ଶିକ୍ଷାର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ଜଣେ ବ୍ୟକ୍ତିକୁ ଭଲ ମଣିଷ କରିବା। ଶିକ୍ଷା ମାଧ୍ୟମରେ ଜୀବନର ନିୟମର ମୂଲ୍ୟବୋଧ ଶିକ୍ଷା ଦିଆଯିବା ଉଚିତ। ଯଦି ସ୍କୁଲ ଏବଂ କଲେଜରେ ନୈତିକ ଶିକ୍ଷା ଦିଆଯାଏ, ତେବେ ଛାତ୍ରମାନେ ସଠିକ୍ ପଥ ଅନୁସରଣ କରିବେ। ଆଧ୍ୟାତ୍ମିକ ଜୀବନରେ ଶବ୍ଦ ବ୍ରହ୍ମର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମନ୍ତ୍ର ଜପ, ଧ୍ୟାନ ଏବଂ ସ୍ତୁତି ଗାନ ଦ୍ୱାରା ଆଧ୍ୟାତ୍ମିକ ଶାନ୍ତି ମିଳିଥାଏ। ଯେତେବେଳେ ଜଣେ ବ୍ୟକ୍ତି ଅନ୍ତରର ସ୍ୱର ଶୁଣିପାରି, ସେତେବେଳେ ସେ ସତ୍ୟକୁ ଅନୁଭବ କରେ ଆଉ ଏହା ହେଉଛି ଆତ୍ମ-ଜ୍ଞାନର ପଥ। ଶବ୍ଦଗୁଡ଼ିକ ମାନବ ସମ୍ପର୍କର ମୂଳଦୁଆ। ଆମେ ଜାଣିଛନ୍ତି ମିଠା ଶବ୍ଦ ସମ୍ପର୍କକୁ ମଜବୁତ କରେ ଆଉ କଟୁ ଶବ୍ଦ ସେଗୁଡ଼ିକୁ ଭାଙ୍ଗିଦିଏ। ପରିବାର, ସମାଜ ଏବଂ ରାଷ୍ଟ୍ରରେ ଶାନ୍ତି ବଜାୟ ରଖିବା ପାଇଁ ଦୟାଳୁ ଶବ୍ଦ କହିବା ଆବଶ୍ୟକ। ଆଜିର ଭୌତିକବାଦୀ ସମାଜରେ ଲୋକମାନେ ନୈତିକ ମୂଲ୍ୟବୋଧକୁ ଭୁଲି ଯାଉଛନ୍ତି। ଲୋଭ, ଘୃଣା, ମିଛ ଏବଂ ସ୍ୱାର୍ଥ ସମାଜରେ ଅଶାନ୍ତି ବୃଦ୍ଧି କରୁଛି। ଏପରି ସମୟରେ ଜୀବନର ମର୍ଯ୍ୟାଦା ଲୋକଙ୍କୁ ସଠିକ୍ ପଥ ଦେଖାଏ। ଏହା ଲୋକଙ୍କୁ ମାନବତା, ପ୍ରେମ ଏବଂ ସେବାର ମୂଲ୍ୟ ଶିଖାଏ। ବ୍ରହ୍ମ ଶବ୍ଦ ଏବଂ ଜୀବନର ମର୍ଯ୍ୟାଦା ମାନବ ଜୀବନର ଦୁଇଟି ଅମୂଲ୍ୟ ସମ୍ପତ୍ତି। ଶବ୍ଦଗୁଡ଼ିକ ଜ୍ଞାନର ଆଲୋକ ଏବଂ ଜୀବନର ମର୍ଯ୍ୟାଦା ସଠିକ୍ ପଥ ଦେଖାଏ। ଶବ୍ଦ ମାଧ୍ୟମରେ ଲୋକମାନେ ଜ୍ଞାନ, ଭକ୍ତି ଏବଂ ନୈତିକତା ଶିଖନ୍ତି। ଆଜିର ସମାଜରେ ଯଦି ଲୋକମାନେ ଶବ୍ଦଗୁଡ଼ିକୁ ସଠିକ୍ ଭାବରେ ବ୍ୟବହାର କରନ୍ତି ଏବଂ ଏକ ନିର୍ଦ୍ଦିଷ୍ଟ ଆଚରଣ ସଂହିତା ପାଳନ କରନ୍ତି ତେବେ ଏ ବିଶ୍ୱ ଏକ ସୁନ୍ଦର, ଶାନ୍ତିପୂର୍ଣ୍ଣ ଏବଂ ମାଧୁର୍ଯ୍ୟମୟ ହୋଇ ଉଠିବ ।

♥ ଅରଙ୍ଗାବାଦ, ବରୀ, ଯାଜପୁର
(ମୋ) ୮୨୪୯୫୦୨୭୭୬

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୫ ଜୁଲାଇ ୨୦୨୬

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



# ସାହିତ୍ୟିକମାନଙ୍କର ଏକତାରେ ହିଁ ଓଡ଼ିଆ ଭାଷା ସାହିତ୍ୟ ସମୃଦ୍ଧ ହେବ

ହଳଧର ଧୀର

ଓଡ଼ିଆ ଭାଷା ସାହିତ୍ୟ ଅଭିବୃଦ୍ଧି ଓ ସୁରକ୍ଷାକୁ ନେଇ ବିଭିନ୍ନ ମହଲରେ ସ୍ୱର ଉଠୁଥିଲେ ବି ସତରେ କଣ ଆନ୍ତରୀକତାର ସହ ଓଡ଼ିଆ ଅସ୍ମିତାର ବାସ୍ତବତାକୁ କେହି ବୁଝି କାର୍ଯ୍ୟ କରୁଛି କି? କେବଳ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି କଥାର ଉଦ୍ଧାରଣ ସମସ୍ତଙ୍କ ମୁଖରେ ସୁନ୍ଦର ଶୁଭୁଛି ।

ଆଜିକାଲି ନିଜର ଅନ୍ତଃର୍ନିହତ ଉଦେଶ୍ୟ, ବିତ୍ତିୟ ଅଭିବୃଦ୍ଧି, ନିଜର ଓ ନିଜ ସମ୍ବାଦପତ୍ରର ପ୍ରଚାର, ପ୍ରସାର ଓ ଅଭିବୃଦ୍ଧି ଲାଗି ବଡ଼ବଡ଼ ସମ୍ବାଦପତ୍ର ହେଉକି ଓ ଛୋଟ ସମ୍ବାଦପତ୍ର ହେଉ ଭିନ୍ନଭିନ୍ନ ଉପାୟରେ, କୌଶଳର ମାପ କାଠିରେ ବିଭିନ୍ନ କାର୍ଯ୍ୟକ୍ରମ ଗୁଡ଼ିକ କରୁଛନ୍ତି । ନିଜ ସଂସ୍ଥାର ଅଭିବୃଦ୍ଧି ଘଟୁ ଏଥିରେ କିଏବା କାହିଁକି ବାଧା ଦେବ । ନିଜର ଅନ୍ତଃର୍ନିହିତ ଉଦ୍ଦେଶ୍ୟ ସାଧନା ଲାଗି ସାହିତ୍ୟକୁ ଆୟୁଦ୍ଧ କରି ସାହିତ୍ୟିକମାନଙ୍କ ମଧ୍ୟରେ ଭେଦଭାବ ସୃଷ୍ଟି କରାନଯାଉ । ସାହିତ୍ୟର ପ୍ରଚାର ପ୍ରସାର ନାଁରେ ଚତୁରତାର ସହ ନିଜର ପ୍ରଚାର ପ୍ରସାର ଅଭିବୃଦ୍ଧିର ଅଭିଳାସକୁ ଚରିତାର୍ଥ କରିବାକୁ ଭିନ୍ନ ଉପାୟରେ ସାହିତ୍ୟ ସଭାମାନ ଆୟୋଜନ କରିଆସୁଛନ୍ତି। ପ୍ରକୃତରେ ଆନ୍ତରୀକତାର ସହ ଓଡ଼ିଆ ଭାଷା ସାହିତ୍ୟର ଉନ୍ନତି ଲାଗି ଉତ୍ସର୍ଗୀକୃତ କାର୍ଯ୍ୟକରିବା ତ ସ୍ୱାଗତଯୋଗ୍ୟ ପଦକ୍ଷେପ । ଯଦି ଏହା ମୂଳ ଲକ୍ଷଠାରୁ ଅନ୍ତଃର୍ନିହିତ ଉଦ୍ଦେଶ୍ୟ ସାଧନାଲାଗି କାର୍ଯ୍ୟ କରାଯାଏ ସେହିଠାରେ ହିଁ ଲକ୍ଷ୍ୟଚ୍ୟୁତ ଚିନ୍ତା ଓ ଚେତନାର ଗତି ଓ ଧାରା ଭିନ୍ନ ରୂପ ନେଇଥାଏ । ତାହିଁତ ଆଜିକାଲି ପ୍ରତିଫଳିତ ହୋଇ ଆସୁଛି ଏହି କାର୍ଯ୍ୟକ୍ରମ ପ୍ରତିପାଦିତ କରି ଆସୁଥିବା ସମ୍ବାଦପତ୍ର ସଂସ୍ଥା ଗୁଡ଼ିକରେ । ଏହି କାର୍ଯ୍ୟକ୍ରମ ପ୍ରତିପାଦନ ସମ୍ପାଦାନ କ୍ଷେତ୍ରରେ ବେଶ ବାରି ହୋଇ ପଡୁଛି ସେମାନଙ୍କର ଅସଲ ଉଦ୍ଦେଶ୍ୟ । ଭାଷା ସାହିତ୍ୟର ବିକାଶ କଥା କହିବାତ ସ୍ୱାଗତ ଯୋଗ୍ୟ । କିନ୍ତୁ ସାହିତ୍ୟିକ ମାନଙ୍କ ମଧ୍ୟରେ ବାଛ ବିଚାର କରିବା, କିଏ ଛୋଟ ସାହିତ୍ୟିକ କିଏ ବଡ଼ ସାହିତ୍ୟିକ, କେଉଁ ଅନୁଷ୍ଠାନ ବଡ଼ ଅନୁଷ୍ଠାନ, କେଉଁ ଅନୁଷ୍ଠାନ ଛୋଟ ଅନୁଷ୍ଠାନ । ଏହି ପରି ଭେଦଭାବ ସୃଷ୍ଟି କରିବାର ଅଧିକାର ଏହି କାର୍ଯ୍ୟକ୍ରମ ସଂପାଦନ କରୁଥିବା ସମ୍ବାଦପତ୍ର ମାନଙ୍କୁ ଦେଲା କିଏ ?

ସମ୍ପାଦପତ୍ର ମାନଙ୍କର ଶୁଭେଚ୍ଛୁ ସାହିତ୍ୟିକ ପରାମର୍ଶଦାତା ମାନଙ୍କର ସଂକୀର୍ଣ୍ଣ ମନାଭାବରେ ପ୍ରଭାବିତ ହୋଇ ସାହିତ୍ୟିକ ମାନଙ୍କ ଭିତରେ ବିଭେଦ ସୃଷ୍ଟି କରାଯାଇ ସାହିତ୍ୟ ସମାବେଶମାନ ଆୟୋଜନ କରିଆସୁଛନ୍ତି । ଖାଲି ସେତିକି ନୁହେଁ କର୍ପୋରେଟ ହାଉସଗୁଡ଼ିକୁ ପ୍ରଭାବିତ କରାଇ ସେମାନଙ୍କ ସହିତ ମିଶି ସାହିତ୍ୟ ସଭାମାନ ମଧ୍ୟ ଆୟୋଜନ କରାଯାଇଥାଏ । ସେଥିରେ ମଧ୍ୟ ସାହିତ୍ୟିକ ମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରାଯାଇଥାଏ । କେବଳ ଏତିକିରେ ଅଟକି ଯାଇ ନଥାଏ, ସେମାନଙ୍କ ଭାବନାର ବିଭେଦ ସୃଷ୍ଟିକାରୀ କାର୍ଯ୍ୟ । ସେମାନଙ୍କର ସାହିତ୍ୟ ପୃଷ୍ଠା ଓ ସାହିତ୍ୟ ପତ୍ରିକାଗୁଡ଼ିକ ମଧ୍ୟ ସମ୍ମାନ ଢଙ୍ଗରେ ସମୃଦ୍ଧ ହୋଇଥାଏ । ଏହି ଭଳି କାର୍ଯ୍ୟକରୁଥିବା ସଂସ୍ଥା ଓ ବ୍ୟକ୍ତିମାନଙ୍କର ମନୀଷା କେବେ ସଫଳ ହୋଇ ପାରିନଥାଏ ।

ଯେଉଁ ଲେଖକଲେଖିକାମାନେ ସମ୍ବାଦପତ୍ର ହେଉ ବା ସରକାରୀ ଏକାଡ଼େମୀ ଗୁଡ଼ିକ ପାଖରେ ମୁହଁ ଦେଖାଇବା, ସେମାନଙ୍କର ସାନିଧ୍ୟ ଲାଭ କରିବା, କିମ୍ବା ପୁରସ୍କାର ପାଇବାର ମୋହରନୀତିକୁ ଆପଣେଇଥାନ୍ତି, ସେହିମାନଙ୍କ ପ୍ରଭାବର ରଙ୍ଗ ଛିଟା ଦ୍ୱାରା ବିଭିନ୍ନ ସଂସ୍ଥା ଗୁଡ଼ିକ ଯଦି ରଙ୍ଗେଇ ହୋଇ ଯାଇଥାନ୍ତି, ତାହାହେଲେ ଏ କ୍ଷେତ୍ରରେ ନିରପେକ୍ଷତା ରକ୍ଷା କରାଯାଇ ପାରିଛି ବୋଲି କିପରି କୁହାଯାଇପାରିବ ? ତଥାପି ସମୟ ଅଛି ଅନୁଷ୍ଠାନଗୁଡ଼ିକ ଯେଉଁ ମହତ ଉଦ୍ଦେଶ୍ୟ ରଖି କାର୍ଯ୍ୟ କରୁଛନ୍ତି ତାହା ସ୍ୱାଗତଯୋଗ୍ୟ । ଯଦି ଏହି ଛୋଟ ଛୋଟ ତ୍ରୁଟିକୁ ଧ୍ୟାନ ଦିଆଯାଇ ତାହାର ପ୍ରତିକାର କରାଯାଇ ପାରନ୍ତା, ତେବେ ସେହି ଅନୁଷ୍ଠାନଗୁଡ଼ିକ ହେଉ କି ସମ୍ବାଦପତ୍ର ଗୁଡ଼ିକ ହେଉ କି ଏକାଡ଼େମୀଗୁଡ଼ିକ ହେଉ ସେମାନଙ୍କର ସୁନାମବୃଦ୍ଧି ହେବା ସଙ୍ଗେ ସଙ୍ଗେ ଓଡ଼ିଶାବାସୀଙ୍କ ହୃଦୟରେ ଏକ ସ୍ୱତନ୍ତ୍ରସ୍ଥାନ ଅଧିକାର କରିପାରନ୍ତେ, ଓଡ଼ିଶାବସୀଙ୍କ ସ୍ନେହ ଶ୍ରଦ୍ଧା ଲାଭ କରିପାରନ୍ତେ ଓ ସେମାନଙ୍କ ଚଲାପଥ କୁସୁମିତ ହୋଇପାରନ୍ତା । ଓଡ଼ିଆ ଭାଷା, ସାହିତ୍ୟର ପ୍ରଚାର ପ୍ରସାର ସହ ଅଭିବୃଦ୍ଧି ଘଟି ପାରନ୍ତା । ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା ଓ ପ୍ରଚାର ପ୍ରସାର କ୍ଷେତ୍ରରେ ସମ୍ବାଦ ପତ୍ର, ସାହିତ୍ୟ ଏକାଡ଼େମୀର ଓ ଜନ ସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ ।

ସମୟ ଥିଲା ଯେତେବେଳେ ସାହିତ୍ୟର ମୂଲ୍ୟବୋଧ ଥିଲା । ସାହିତ୍ୟିକ ମାନେ ସମ୍ମାନର ସହ ସେମାନଙ୍କର ସୃଜନ ସୃଷ୍ଟିକୁ ପାଠକ ଓ ସମାଲୋଚକ ମାନଙ୍କ ନିକଟରେ ଉପସ୍ଥାପିତ କରି ପାରୁଥିଲେ। ସେହିପରି ସାହିତ୍ୟିକ ମାନେ ସାହିତ୍ୟ ସଂଗଠନ ଗୁଡ଼ିକ ମର୍ଯ୍ୟାଦାର ସହ କାର୍ଯ୍ୟ କରୁଛି କି ନାହିଁ ବା ଠିକ୍ ଢଙ୍ଗରେ ପରିଚାଳିତ ହେଉଛିକି ନାହିଁ ତାର ମୂଳଦୁଆ ଓ ତାର ଏନ୍ତୁଡ଼ିଶାଳ ପର୍ଯ୍ୟନ୍ତ ଠିକ୍ ଭାବେ ବୁଝିବାକୁ ଚେଷ୍ଟା କରୁଥିଲେ । ସଦା ସର୍ବଦା ସାହିତ୍ୟିକ ମାନେ ମର୍ଯ୍ୟାଦାର ସହ ବଞ୍ଚିବାକୁ ସଂଗ୍ରାମ କରୁଥିଲେ । ଗୋଟିଏ ଅନୁଷ୍ଠାନ ବା ବ୍ୟକ୍ତି ବିଶେଷ ତାଙ୍କୁ ନିମନ୍ତ୍ରଣ କଲେ ହଠାତ୍ ସେ ସଂସ୍ଥାକୁ ଯିବାକୁ କୁଣ୍ଠାବୋଧ କରୁଥିଲେ । ଉଚିତ ଢଙ୍ଗରେ ସମ୍ମାନର ସହ ନ ଡାକିଲେ ସେ ସ୍ଥାନକୁ ସେମାନେ ଯିବା ଲାଗି ଅନିଚ୍ଛା ପ୍ରକାଶ କରୁଥିଲେ । ବିଶେଷ କରି କରର୍ପୋରେଟ ହାଉସ, ଶିଳ୍ପ ସଂସ୍ଥା, ଆଉ ବାଣିଜ୍ୟିକ ସଂସ୍ଥାମାନେ ସାମାଜିକ କଲ୍ୟାଣ ନାଁରେ ସାହିତ୍ୟ ସଭା, କି ସମ୍ମିଳନୀ କଲେ ମଧ୍ୟ ସେମାନେ ସେ ସମୟରେ ବିଶେଷ ସଫଳ ହେଉନଥିଲେ । ଆଉ ସାହିତ୍ୟିକମାନଙ୍କର ନାନା ପ୍ରଶ୍ନର ସମ୍ମୁଖିନ ହେଉଥିଲେ । ସାଂପ୍ରତିକ ସ୍ଥିତିରେ ତାହାର ଚିତ୍ର ଓ ଚରିତ୍ର ସମ୍ପୂର୍ଣ୍ଣ ବଦଳିଯାଇଛି । ଅତୀତରେ ଯାହା ହେଉନଥିଲା ତାହା ବର୍ତ୍ତମାନ ହେଉଛି । ବିନା ନିମନ୍ତ୍ରଣରେ ନିଜର ସ୍ୱାଭିମାନକୁ ବଳି ଦେଇ ସାହିତ୍ୟିକ ମାନେ ସଭାସ୍ଥଳରେ ପହଞ୍ଚି ଯାଇଥାନ୍ତି । ଏହା ସତ୍ୟ ଯେ ସାହିତ୍ୟିକ ମାନଙ୍କର ଏହି ଦୁର୍ବଳତାକୁ ଅସ୍ତ୍ରଭାବେ କରର୍ପୋରେଟ ହାଉସ ହେଉ ବା ଯେକୌଣସି ସଂସ୍ଥା ହେଉ ନିଜର ପ୍ରଚାର ପ୍ରସାର ଲାଗି ଏଇ ମୌକାକୁ ହାତଛଡ଼ା ନକରି ନିଜର ଉଦ୍ଦେଶ୍ୟ ପୁରଣ କରିପାରୁଛନ୍ତି । ଫଳରେ ସାହିତ୍ୟିକ ମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟି ହେବା ଏକ ସ୍ୱାଭାବିକ ଘଟଣା ହୋଇଯାଇଛି । ଯେଉଁ କେତେକ ସେମାନଙ୍କର ସ୍ୱାଭିମାନଙ୍କୁ ବଜାୟରଖି କାର୍ଯ୍ୟ କରୁଛନ୍ତି । ସେହି କବି, ଲେଖକ, ସାହିତ୍ୟିକମାନେ ସାହିତ୍ୟିକ ପଦବାଚ୍ୟ ହୋଇ ପାରୁନାହାନ୍ତି । ସେମାନେ ଗୋଷ୍ଠି କନ୍ଦଳ, ଛୋଟ ସାହିତ୍ୟିକ ବଡ଼ ସାହିତ୍ୟିକଙ୍କର ହୀନମାନତାର ଚକ୍ରବ୍ୟୁହରେ ଫସିଯାଉଛନ୍ତି । ତଥାପି ସେମାନେ ନିଜର ଆତ୍ମସମ୍ମାନକୁ ବଜାୟ ରଖିବାକୁ ସେମାନେ ସେମାନଙ୍କର ସଂଗ୍ରାମ ଅବ୍ୟାହତ ରଖିଛନ୍ତି। ସାଂପ୍ରତିକ ସ୍ଥିତିରେ ଯେଉଁ ମେରୀଖୁଣ୍ଟ ବା କୌଣସି ଅନୁଷ୍ଠାନ, ବ୍ୟକ୍ତି ବିଶେଷ, ବଡ଼ ସାହିତ୍ୟିକ ବୋଲାଉଥିବା ସାହିତ୍ୟିକ ମାନଙ୍କ ଆଖପାଖରେ ଆତଯାତ ହୋଇ ଯେଉଁ ସାହିତ୍ୟିକମାନେ ନିଜର ସ୍ଥିତି ଯାହିର କରିବାରେ ମାହୀରି ହୋଇଥାନ୍ତି । ସେହିମାନେ ହିଁ ସବୁଠାରୁ ବଡ଼ ସାହିତ୍ୟିକ ହେବାର ଅଭିନୟ କରି ସେମାନେ ସବୁଠାରୁ ବଡ଼ ସାହିତ୍ୟିକ ବୋଲି ସାଂପ୍ରତିକ ସ୍ଥିତିରେ ଗଣା ହୋଇଥାନ୍ତି । ଏହି ଭଳି ସାହିତ୍ୟିକ ମାନେ ସବୁକ୍ଷେତ୍ରରେ ନିଜର ସ୍ଥିତିକୁ ଦୃଢ଼ କରିବାରେ ସଫଳ ହୋଇଥାନ୍ତି । ସରକାରୀ ସାହିତ୍ୟ ସଂସ୍ଥାଠାରୁ ବେସରକାରୀ ସାହିତ୍ୟ ସଂସ୍ଥା ପର୍ଯ୍ୟନ୍ତ ନିଜର ସ୍ଥିତି ମଜଭୁତ କରି ଅନ୍ୟର ସ୍ୱପ୍ନକୁ ସାକାର ହେବାରେ ପ୍ରତିବନ୍ଧକ ସାଜିଥାନ୍ତି । ଆଉ ଅନ୍ୟ ସରଳ ବିଶ୍ୱାସୀ ସାହିତ୍ୟିକ ମାନଙ୍କୁ ନିତୀବାଣୀ ଶୁଣାଇବାକୁ ପଛାଇନଥାନ୍ତି । ସେ ଯାହା ହେଉନା କାହିଁକି ସ୍ୱାଭିମାନୀ ସାହିତ୍ୟିକ ମାନେ ସେମାନଙ୍କର ସ୍ୱାଭିମାନକୁ ବଜାୟ ରଖିପାରିଲେ, ଦିନେନା ଦିନେ ସେମାନଙ୍କୁ ଭିନ୍ନ ଦୃଷ୍ଟିରେ ଦେଖି ଆସୁଥିବା ସାହିତ୍ୟିକ ଓ ଅନୁଷ୍ଠାନ ମାନେ ସ୍ୱାଭିମାନୀ ସାହିତ୍ୟିକ ମାନଙ୍କ ପ୍ରତି ନିଜର ସମ୍ମାନ ପ୍ରଦର୍ଶନ କରିବେ । ସେମାନଙ୍କ ଦୃଷ୍ଟି ଭଙ୍ଗିର ପରିବର୍ତ୍ତନ ଘଟିବ । କାଳ ସଦାକାଳ ସତ୍ୟ ଓ ନ୍ୟାୟର ବାଟ ଦେଖାଇଥାଏ ।

ସାଂପ୍ରତିକ ସମୟରେ କେତକ ସମ୍ବାଦପତ୍ର ଓ କରପୋରେଟ ହାଉସ୍ ବିତ୍ତିୟ ଅଭିବୃଦ୍ଧି ଚିନ୍ତାଧାରା ନେଇ ସାହିତ୍ୟର ନାରାଦେଇ ସାହିତ୍ୟିକମାନଙ୍କୁ ମୋହଗ୍ରସ୍ତ କରାଇ ସାହିତ୍ୟ ନାଁରେ ନିଜର ଅନଃର୍ନିହିତ ଉଦ୍ଦେଶ୍ୟ ସାଧନ ଲାଗି ହୀନ ପ୍ରଚେଷ୍ଟା ଚଳାଇ ଆସୁଛନ୍ତି । ସେହି ସାହିତ୍ୟ ସଂଗଠନ ଗୁଡ଼ିକ ମଧ୍ୟ ସେମାନଙ୍କର ମାୟା ଜାଲରେ ଛନ୍ଦି ହୋଇପଡ଼ିଛନ୍ତି । ତାହାର ଅର୍ଥ ନୁହେଁ ଯେ ସମଗ୍ର ସାହିତ୍ୟ ସଙ୍ଗଠନ ଓ ସାହିତ୍ୟିକମାନେ ସେମାନଙ୍କ ମୋହରେ ମୋହଗ୍ରସ୍ତ । ବହୁ ସ୍ୱାଭିମାନୀ ସାହିତ୍ୟିକ ଓ ସଙ୍ଗଠନର ସଙ୍ଗଠକ ମାନେ ସେମାନଙ୍କର ଅସ୍ତିତ୍ୱ ବଜାୟ ରଖି ସେମାନଙ୍କ ଠାରୁ ନିଜକୁ ଦୂରେଇ ରଖିଥାନ୍ତି । ସେମାନେ ଭଲ ରୂପେ ଅନୁଭବ କରିଛନ୍ତି ଯେ ସ୍ୱାର୍ଥନେସୀ ସଂସ୍ଥାମାନେ ସାହିତ୍ୟିକ ମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରିବା ସେମାନଙ୍କର ଏହା ଏକ ବୃଥା ପ୍ରୟାସ । ସାମ୍ପ୍ରତିକ ସ୍ଥିତିରେ ସାହିତ୍ୟିକ ମାନଙ୍କ ମଧ୍ୟରେ ଏକତାର ଅଭାବ । ଆପେ ବଞ୍ଚିଲେ ବାପର ନାଁ ନ୍ୟାୟରେ କିଏ ବା କାହିଁକି ଚାହିଁବ ଅନ୍ୟମାନଙ୍କର ସ୍ୱାଭିମାନ ଲାଗି ସ୍ୱର ଉତ୍ତୋଳନ କରବାକୁ । ସ୍ୱାଭିମାନୀ ସାହିତ୍ୟିକ ମାନଙ୍କୁ ବାଦଦେଲେ ଝରୀପୋକପରୀ ସେମାନଙ୍କର ଲୋଭନୀୟ ଆଲୋକର ମୋହରେ ଝାସ ଦେଇଥାନ୍ତି । ଯେଉଁ ସମ୍ପୃକ୍ତ ସମ୍ବାଦପତ୍ର ଓ କରର୍ପୋରେଟ ହାଉସ୍ ବା ବିଭିନ୍ନ ସଂସ୍ଥାର ଚାରିପାଖରେ ଯେଉଁମାନେ ଘୁରିବୁଲୁଥାନ୍ତି ସମୟାନୁକ୍ରମେ ସେହିମାନେ ହିଁ ଶେଷରେ ସେମାନଙ୍କ ନିକଟରେ ନିଜର ସ୍ଥିତି ଯାହିର କରି ସେମାନଙ୍କ ଦୃଷ୍ଟିରେ ମହାନ ସାହିତ୍ୟିକ ଭାବେ ପରିଗଣିତ ହୋଇଥାନ୍ତି । କାଳକ୍ରମେ ସେମାନଙ୍କର ପରାମର୍ଶଦାତା ଭାବେ କାର୍ଯ୍ୟକରି ବଡ଼ ସାହିତ୍ୟିକ, ଛୋଟ ସାହିତ୍ୟିକ ଭିତ୍ତିକ ସୃଷ୍ଟି କରି ସାହିତ୍ୟିକ ମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରିବାରେ ସହାୟକ ହୋଇଥାନ୍ତି । ସାହିତ୍ୟିକ ମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରିବାର ପ୍ରୟାସ ସଂପୃକ୍ତ ସମ୍ବାଦ ପତ୍ର ଓ କରର୍ପୋରେଟ ହାଉସ୍ ବା ବିଭିନ୍ନ ସଂସ୍ଥା ଗୁଡ଼ିକର ନୈତିକ ଅଧିକାର ଆସିଲା କେଉଁଠାରୁ । ଯେଉଁମାନେ ନିଜର ପ୍ରକୃତ ସ୍ୱରୁପକୁ କଇଁଛର ଖୋଳପା ଭିତରେ ଢ଼ାଙ୍କିରଖି କାର୍ଯ୍ୟ କରିବାକୁ ପ୍ରୟାସ କରିଥାନ୍ତି । ସତରେ କଣ ସେମାନଙ୍କର ବିତ୍ତିୟ ଭାବନା ଭିତରେ କେତେ ଦେଲେ କେତେ ମିଳିବ ଓ ପ୍ରକୃତ ଅଭିଳାସପୂର୍ଣ୍ଣ ହୋଇଥାଏ । ଏହା ମହା ସତ୍ୟଯେ ପ୍ରତିଟି ସାମାଜିକ ଓ ସାଂସ୍କୃତିକ ଏବଂ ସାହିତ୍ୟ କ୍ଷେତ୍ରରେ ସେମାନଙ୍କର ପ୍ରୟାସ କେବେ ଫଳବତୀ ହୋଇ ପାରିନଥାଏ । ସାମ୍ପ୍ରତିକ ସମୟରେ ସାହିତ୍ୟିକମାନଙ୍କର ଏକତାରେ ହିଁ ଓଡ଼ିଆ ଭାଷା ସାହିତ୍ୟ ସମୃଦ୍ଧ ହେବ।

+ ଭୁବନେଶ୍ୱର

# ମାଁ ଭୈରବୀ ପୀଠ- ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞ କଥା

ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି (ହାରିତସ୍)



ଆମ ରାଜ୍ୟ ଓଡ଼ିଶା ଜଗତର ନାଥ ଜଗନ୍ନାଥଙ୍କ ଦେଶ, ପବିତ୍ର ଭାରତ ଚାରିକୋଣରେ ଚାରିଟି ଯେଉଁ ମୁକ୍ତିଧାମ ରହିଛି ତନ୍ମଧ୍ୟରୁ ପୂର୍ବଖଣ୍ଡରେ ଥିବା ଜଗନ୍ନାଥ ଧାମ ଏକ ଓ ଅନନ୍ୟ । ନୀଳାଚଳରେ ପ୍ରଭୁଙ୍କୁ ଦର୍ଶନ କରିବା ଭାଗ୍ୟରେ ଥିଲେ ମିଳେ । ଶ୍ରୀମନ୍ଦିର ନୀଳକନ୍ଦର ବଡ଼ଦେଉଳରେ ରତ୍ନ ସିଂହାସନ ଉପରେ ଆଦିନାଥ ପ୍ରଭୁ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ




ଚକ୍ର ସୁଦର୍ଶନଙ୍କୁ ସର୍ବ ସମର୍ପଣର ହୃଦୟ ନେଇ ନିରୀକ୍ଷଣ କଲେ, ଆପଣାଛାଏଁ ମନରେ ଅପୂର୍ବ ସ୍ୱଚ୍ଛ ନିର୍ମଳ ଭାବାନ୍ତର ଆସେ। ଶାନ୍ତି, ପ୍ରେମମୟ ଭାବନାର ଐଶ୍ୱରୀୟ ଚିନ୍ତନ ଓ ଆଧ୍ୟାତ୍ମିକ ଅନୁଭବ ଆସେ । ବିଶ୍ୱାସ ହିଁ ମୂଳ । ବିଶ୍ୱାସରେ ଭଗବାନଙ୍କୁ ଉପଲବ୍ଧ କରିହୁଏ କିନ୍ତୁ ତର୍କରେ ନୁହଁ। ସୀମିତ ଜୀବନର ମନୁଷ୍ୟ ତା'ର ଜଞ୍ଜାଳମୟ ଜୀବନକୁ ଅପେକ୍ଷାକୃତ ସହଜ ଭାବରେ ଚଳେଇ ନେବାକୁ ହେଲେ ଆବଶ୍ୟକ ହୁଏ ନିରହଂକାର, ନିମିତ୍ତ ମାତ୍ର ପରିଶୋଧିତ ମନ । ନୋହିଲେ ତ' ଏ ସଂସାର ପାରାବାରାରେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ବଞ୍ଚି ରହିବା ବି କଷ୍ଟସାଧ ହୋଇପଡ଼େ। ତେଣୁ ପ୍ରତ୍ୟେକଙ୍କୁ ଦରକାର ପଡ଼େ ଏକ ଈଶ୍ୱରଲବ୍ଧ ବିଶ୍ୱାସର ପୃଥିବୀ । ଯେଉଁ ସୃଷ୍ଟିରେ ସେ କର୍ତ୍ତା ନୁହେଁ କେବଳ ଜଣେ ନିମିତ୍ତ ମାତ୍ର ଭୃତ୍ୟ । ଈଶ୍ୱରଙ୍କ ଇଚ୍ଛାକୁ ପୂର୍ଣ୍ଣ କରିବା ପାଇଁ ତା'ର ସମସ୍ତ କର୍ମ । ନିଜ ପାଇଁ କିଛି ହିଁ ନୁହଁ। ସବୁ ସେଇ ପରମାତ୍ମାଙ୍କ ଇଚ୍ଛା ଓ ନିର୍ଦ୍ଦେଶ । ଅଶାନ୍ତିର ଘୂର୍ଣ୍ଣିବଳୟରେ ପଡ଼ି ସଢୁଥିବା ଏ' ଆତ୍ମା ବିନା ପରମାତ୍ମାଙ୍କ ଦର୍ଶନାନୁଭବରେ ନିସ୍ତାର ପାଏ ନାହିଁ। ଏଣୁ ସେ' ଚାହେଁ ସବୁଠାଇଁ ଈଶ୍ୱରଙ୍କ ମନ୍ଦିର ଗଢ଼ି ଉଠୁ । ଠାକୁରମାନଙ୍କର ପ୍ରତିମା ପ୍ରତିଷ୍ଠା ହେଉ ଓ ଭକ୍ତମାନେ ତାଙ୍କରି ଆରାଧନା କରି ଏ' ସଂସାରରୁ ମୁକ୍ତି ପାଆନ୍ତୁ । ଏଥିରୁ ଆରମ୍ଭ ହୁଏ ଈଶ୍ୱରଙ୍କ ମନ୍ଦିର ପୂଜାପାଠର ନୀତି ନିର୍ଣ୍ଣୟ । ପ୍ରତି ଅଞ୍ଚଳରେ ଓ ପ୍ରତିଟି ହୃଦୟ କନ୍ଦିରରେ ପ୍ରଭୁ ନୀଳାଦ୍ରୀନାଥ ସ୍ମରଣ ।

ଓଡ଼ିଶାର ଦକ୍ଷିଣ ଉପାନ୍ତ ଅଞ୍ଚଳ ଗଞ୍ଜାମ ଜିଲ୍ଲାର ଦକ୍ଷିଣରେ ଆନ୍ଧ୍ର ପ୍ରଦେଶ ସୀମାନ୍ତକୁ ଲାଗି ରହିଛି ମାଁ ଶକ୍ତିମୟୀଙ୍କ ଦେବୀ ପୀଠ ମା' ସିଦ୍ଧ ଭୈରବୀ। କାହିଁ କେଉଁ ସହସ୍ରାଧିକ ତଥା ଖ୍ରୀପୂ. ୪୦୦ ବର୍ଷ ତଳରୁ ମା'ଙ୍କର ଅବିର୍ଭାବ ଏହି ଅଞ୍ଚଳରୁ । ଅଯୋଧ୍ୟାପତି ରାମଚନ୍ଦ୍ରଙ୍କ ପତ୍ନୀ ସୀତାଦେବୀଙ୍କ ଭୂମି ମଧ୍ୟରୁ ପରିପ୍ରକାଶ ଭଳି ମା'ଙ୍କ ଆବିର୍ଭାବ ହୋଇଥିଲା ବାରହାତରୁ ଅଧିକା ଭୂତଳରୁ । ଜଙ୍ଗଲ, ଲତା ଗୁଳ୍ମ ପରିପୂର୍ଣ୍ଣ ଏକ ବନାକୀର୍ଣ୍ଣ ପରିବେଶରୁ କଷକର ଲଙ୍ଗଳ ସିଆରରୁ । ଏକ ପ୍ରାକୃତିକ ଶୋଭା ବିମଣ୍ଡିତ କ୍ଷେତ୍ର । ତମାଳ ତାଳଚ୍ୟୁତି ବକୁଳ ବନରାଜି, ପଦ୍ମ-କୁମୁଦ, କିଆ-କେତକୀ ଫୁଲର ମହକ ସାଙ୍ଗକୁ ଅଦୂରରେ ବାହୁଦା ନଦୀର କୂଳକଳନିନାଦିନୀ, ପୂର୍ବ ବଙ୍ଗୋପସାଗରର ବନ୍ଦର ଭୂଇଁ ଅଭ୍ର, ଶୁଭ୍ର, ଊର୍ମୀମାଳା ସହ ପଶ୍ଚିମରେ କେରାଣ୍ଡିମାଳ ପର୍ବତଶ୍ରେଣୀର ସାଂଧ୍ୟକାଳୀନ ଲୋହିତ ଲାଲ ବର୍ଣ୍ଣର ବିଦାୟୀ ସୂର୍ଯ୍ୟର ସୌନ୍ଦର୍ଯ୍ୟ ମୁକୁଟ ପିନ୍ଧିଥିବା ଅତୀତର ବନ୍ଦର ଗ୍ରାମ ମନ୍ଦିଡ଼ିର ପର୍ଯ୍ୟାପ୍ତ ନିଶବ୍ଦ ନିରାଳା ପୀଠସ୍ଥଳ ଦର୍ଶନର ତନୁମନ ହରଣ କରିଥାଏ। ମନ୍ଦିର ପଛରେ କାହିଁ କେଉଁ ଅତୀତ କାଳର ମହାବିଷ୍ଣୁ ବୃକ୍ଷ ବରରାଜ। ଦିନେ ଜଣେ ଦେବୀଭକ୍ତଙ୍କୁ ନିର୍ଦ୍ଦେଶ ହେଲା, 'ତୁମେ ଯାଅ ମୋ ପୀଠରେ ଯାତ୍ରା କରିବ, ଯଜ୍ଞ କରିବ, ମୁଁ କାହିଁ କେତେ ଯୁଗରୁ ଏଠାରେ ଭୈରବୀ ଭାବରେ ପୂଜା ପାଉଛି ସତ ଏବେ କିନ୍ତୁ ତୁମେ ମୋର ପଛ ଭାଗରେ ଜଗନ୍ନାଥଙ୍କୁ ପ୍ରତିଷ୍ଠା କରିବ । ପାଶ୍ୱର୍ ଦେବତାମାନଙ୍କୁ ବସାଇ ଏହି କ୍ଷେତ୍ରକୁ ଶହେ ଆଠ ଦେବାଦେବୀଙ୍କ ଏକ ସ୍ୱୟଂ ସମ୍ପୂର୍ଣ୍ଣ କ୍ଷେତ୍ର ଭାବରେ ପ୍ରତିଷ୍ଠା କରାଇ ସାରା ବିଶ୍ୱରେ ଏକ ପ୍ରସିଦ୍ଧ ଖ୍ୟାତି ସମ୍ପର୍ଣ୍ଣ ଶାନ୍ତ-ଶୈବ-ବୈଷ୍ଣବ ତଥା ବିଷ୍ଣୁକ୍ଷେତ୍ର ଭାବରେ ପରିପ୍ରକାଶ କରିବ । ଭକ୍ତ ! ତୁମେ ଚିନ୍ତା କରନାହିଁ । ନିର୍ଦ୍ୱନ୍ଦ୍ୱରେ ସେଠାରେ ପହଞ୍ଚ । ସବୁ କାର୍ଯ୍ୟ କର- ମୋତେ ଡାକ ମୁଁ ସବୁ କାମ ପୂର୍ଣ୍ଣ କରିବି ।' ମା'ଙ୍କ ଆଜ୍ଞାକୁ କିଏ ବା ଅବଜ୍ଞା କରିବ ? ମା'ଙ୍କ ପୀଠରେ ସଭା ହେଲା, ଆଲୋଚନା ହେଲା ମା' ଭୈରବୀଙ୍କ ପୀଠକୁ ଏକ ସ୍ୱର୍ଗଭବନରେ ପରିଣତ କରିବାକୁ । ବ୍ରହ୍ମପୁରର କେତେକ ଭକ୍ତଙ୍କ ଦ୍ୱାରା ସଂକ୍ରାନ୍ତୀ ପୂଜା କମିଟି ଗଠନ ହେଲା । ମନ୍ଦିର ସେବାୟତମାନଙ୍କର ଟ୍ରଷ୍ଟର ବୈଠକ ବସିଲା । ଆଖପାଖ ଚାରିପାଖରେ ଥିବା ସମସ୍ତ ଓଡ଼ିଆ ଓ ତେଲୁଗୁ ଭାଷୀ ଗ୍ରାମ ମୁଖିଆମାନଙ୍କର ନିମନ୍ତ୍ରଣ କରି ପରମ ବୈଷ୍ଣବୀ ଦେବୀ ମା' ସିଦ୍ଧ ଭୈରବୀଙ୍କ ଆଜ୍ଞା- ନୂତନ ଜଗନ୍ନାଥ ଓ ୧୦୮ ଦେବାଦେବୀଙ୍କ ବିହାରସ୍ଥଳ ବିଷୟରେ ଏକତ୍ର ନିଷ୍ପତ୍ତି ହେଲା । ଭକ୍ତମାନଙ୍କ ମନରେ ଏକ ଗଭୀର ମାର୍ମିକ ଭକ୍ତି ଜାଗରଣ ଆସିଲା । ପ୍ରତି ସଂକ୍ରାନ୍ତି ଦିନ ମା'ଙ୍କ ପୀଠରେ ନିଷାର୍ଦ୍ଧ କାଳରେ ପୀଠ ପରିକ୍ରମା, ଷୋଡ଼ଶ ଉପଚାରର ପୂଜା, ଧୂପ, ଦୀପ, ନୈବେଦ୍ୟ ସହ ଘଣ୍ଟ, ଝାଞ୍ଜ, ଶଙ୍ଖ, କାହାଳୀ, ତୂରୀ, ଘୁମୁରା ଶବ୍ଦରେ ଦେବୀ ପୀଠ କମ୍ପି ଉଠିଲା। ଭକ୍ତମାନେ ମା'ଙ୍କ ନୂତନ ରୂପ ଦର୍ଶନରେ ବିମୋହିତ ହୋଇ କହିଲେ, 'ଜୟ ମା' ଆଦ୍ୟାଶକ୍ତି ସିଦ୍ଧ ଏକପାଦ ଭୈରବୀ ଦେବୀଙ୍କର ଜୟ', ଶଙ୍କଟ ନାଶିନୀ ଦେବୀ ଭୈରବୀଙ୍କର ଜୟ!! ଜଗତ୍ ଜନନୀ ମା' ଦନ୍ତୁଜ ନାଶିନୀ ଦେବୀ ଆଦ୍ୟାଶକ୍ତିର ଜୟ!!!

ଭୈରବୀ ପୀଠର ପୂର୍ବରେ ବୟାଳୀ ଗ୍ରାମ୍, ମନ୍ଦିଡ଼ି, ଦକ୍ଷିଣରେ ଦୂରଡଙ୍ଗ ଗ୍ରାମ ଅବସ୍ଥିତ । କଥିତ ଯେ, ମା'ଙ୍କର ପ୍ରତ୍ୟେକ ପୂଜା, ଯାତ୍ରା ଉତ୍ସବରେ ଏହି ତିନି ଗ୍ରାମର ମୁଖିଆଙ୍କର ସମ୍ପୃକ୍ତି ଓ ଉପସ୍ଥିତି ନିତାନ୍ତ ଭାବେ ଆବଶ୍ୟକ । ଏହି ତିନି ଗ୍ରାମରେ ଆବାଳ ବୃଦ୍ଧ ବନିତାଙ୍କ ମନରେ ମା'ଙ୍କ ପୀଠ ସ୍ଥାନରେ ଏକ ସୁଉଚ୍ଚ ଜଗନ୍ନାଥ ମନ୍ଦିର ନିର୍ମାଣ ହେବା ନେଇ ଅଫୁରନ୍ତ ଆନନ୍ଦ । ତିନି ଗ୍ରାମବାସୀ ମା'ଙ୍କ ପୀଠରେ ଦିବାରାତ୍ରୀ କରସେବା ପାଇଁ ଆଗଭର ହେଲେ । ମନ୍ଦିର ସାମ୍ନାରେ ଥିବା ଅସମତଳ ହଳଦୀମାଟିର ପାହାଡ଼କୁ କଟାଯାଇ ସମତଳ ହେଲା । ସାମ୍ନାରେ ଥିବା ରାଣୀବନ୍ଧ, ପାଶ୍ୱର୍ର ଭୈରବୀ ମା'ଙ୍କର ଠାକୁରାଣୀ ବନ୍ଧ ଆଦି ପରିଷ୍କାର କରାଗଲା । ମନ୍ଦିର ସିଂହଦ୍ୱାରର ସାମ୍ନାରେ ବିସ୍ତୀର୍ଣ୍ଣ ପଡ଼ିଆ ସୃଷ୍ଟି କରି ନାରୀକେଳ ବୃକ୍ଷ, ନାଗେଶ୍ୱର, ଚମ୍ପା, କନିଅର, ଟଗର ଆଦି ଫୁଲ ଚାରା ଲଗାଯାଇ ସୁନ୍ଦର ଉଦ୍ୟାନ ସୃଷ୍ଟି କରାଗଲା । ଭୈରବୀଙ୍କ ନିର୍ଦ୍ଦେଶ ଅନୁସାରେ ଭୈରବୀ ମନ୍ଦିର ପଛ ଘେର ପାଚେରୀକୁ ଲାଗି ରହିଥିବା କାହିଁ କେତେ ବର୍ଷର ମହାବିଷ୍ଣୁ ବୃକ୍ଷକୁ ପୂଜା ଉପାସନା ପରେ ବିଧି ଅନୁଯାୟୀ ଛେଦନ କରାଗଲା । ରାତ୍ର ଦିନ ଦ୍ୱିପହରରେ ଗ୍ରାମବାସୀମାନଙ୍କ ଶ୍ରମ ଦାନରୁ ଭୈରବୀ ଦେବୀଙ୍କ ଚତୁଃପାଶ୍ୱର୍ରେ ଏକ ସୁନିର୍ମଳ ପରିବେଶର ସଂରଚନା କରାଗଲା । ତା' ପରେ ଆରମ୍ଭ ହେଲା ଭୂମି ପୂଜନ, ଶୁଭଖୁଣ୍ଟି ସ୍ଥାପନ ତୀଥିବାର ନକ୍ଷତ୍ରର ଶୁଭ ଅନୁକୂଳ ମୁହୂର୍ତ୍ତ ନିରୂପଣ କରି ନିଷ୍ପତ୍ତି ହେଲା ମା'ଙ୍କ ପୀଠରେ ଏକ ବିଶ୍ୱଶାନ୍ତି ଗାୟତ୍ରୀ ଯଜ୍ଞ ପର୍ବ ଅନୁଷ୍ଠାନ କରିବାକୁ। ଏସବୁ ଥିଲା ୧୯୮୨ ଓ ତା' ପୂର୍ବ ପ୍ରସ୍ତୁତିର କଥା । ୧୯୮୨ ମସିହା ଏପ୍ରିଲ ୪ ତାରିଖରେ ବିଶ୍ୱଶାନ୍ତି ଯଜ୍ଞ କାର୍ଯ୍ୟ ଆରମ୍ଭ ପାଇଁ ହେଲା ଘଟଯାତ୍ରା । ଅଙ୍କୁର ରୋପଣ, ଅଧିବାସ। ଦୀର୍ଘ ଏଗାର ଦିନ ଧରି ଦେବକାର୍ଯ୍ୟ ଅନ୍ନଯଜ୍ଞ, ନାମଯଜ୍ଞ, ଘୃତ ଯଜ୍ଞର ପ୍ରସ୍ତୁତି । ଦିନକୁ ଦିନ ଭକ୍ତଙ୍କ ସଂଖ୍ୟା ବଢ଼ି ବଢ଼ି ଗଲା । ଯଜ୍ଞ କାର୍ଯ୍ୟ ପରିଚାଳନା କିଭଳି କରାଯାଇ ଶାନ୍ତି, ସୌଖ୍ୟରେ ମା'ଙ୍କର ଏହି ଯଜ୍ଞାନୁଷ୍ଠାନ କିଭଳି ଭଲରେ ସରିବ ଏ'ଥିଲା ସମସ୍ତ ଯଜ୍ଞ ଅନୁଷ୍ଠାନର ଆୟୋଜକମାନଙ୍କର ଚିନ୍ତା । ମା'ଙ୍କ ପାଖରେ ଗୁହାରୀ ହେଲା, ମା' ତୋ କାର୍ଯ୍ୟ ତୁ ହିଁ ସମ୍ଭାଳେ। ଆମ୍ଭେମାନେ ଅକିଞ୍ଚନ ମଣିଷ ମାତ୍ର । ତୋରି ଇଚ୍ଛାରେ ଏ' କାର୍ଯ୍ୟର ଆରମ୍ଭ ହେଉଛି, ତାକୁ ତୁ ହିଁ ସମ୍ଭାଳିବୁଲୋ ମା' । ଆମ ଦୋଷାଦୋଷ ଧରିବୁନି । ଏ' ଅସମ୍ଭାଳ ଭକ୍ତ ସମାବେଶ ତୋରି ଇଚ୍ଛାରେ- ତୋ'ର ବ୍ୟାପ୍ତି ପାଇଁ ତୋରି ସଂକଳ୍ପ ପାଇଁ... ତୁ ହିଁ ସୁରୁଖୁରୁରେ ନିର୍ବିଘ୍ନରେ ସଂପୂର୍ଣ୍ଣ କରିବୁ ଲୋ ମା' !!! (କ୍ରମଶଃ)

♥ ସଂସ୍କୃତି ସଦନ, ବୟାଳୀ, ମନ୍ଦିଡ଼ି,
ବ୍ରହ୍ମପୁର, ଗଂଜାମ
(ମୋ) ୯୩୩୭୯୬୦୬୮୮

ଛୋଟ ଗଳ୍ପ

# ନୋଟ୍ ଫଟୋରେ ବାପୁ ନାରାଜ



ସୁଧାଂଶୁ ଶେଖର ଦ୍ୱିବେଦୀ




ମୁନ୍ନାଭାଇ ଲାଗେ ରହୋ ଚଳଚିତ୍ରରେ ମୁନ୍ନାଭାଇ ସବୁଠି ଅସଲି ଗାନ୍ଧୀଙ୍କୁ ଦେଖିବାକୁ ପାଉଥିଲା। ତାଙ୍କ ସହିତ କଥାବାର୍ତ୍ତା କରୁଥିଲା। ଗାନ୍ଧିଜୀଙ୍କ ଭଳି କାର୍ଯ୍ୟ କରିବାକୁ ମନୋବଳ ଦୃଢ଼ କରିଥିଲା।

ଜୟକୃଷ୍ଣ ବାବୁ ଗାନ୍ଧୀ ଛକରେ ଠିଆହୋଇ ଏକଧ୍ୟାନରେ ଗାନ୍ଧୀଙ୍କ ପ୍ରତିମାକୁ ଅନେଇଥାନ୍ତି। ପୁଣି ନିଜେ ନିଜେ ଗୁଣୁଗୁଣୁ ହେଇ କଣ ସବୁ କହି ହେଉଥାନ୍ତି। ଧୂଳି ଧୂସରିତ ଗାନ୍ଧୀଙ୍କ ପ୍ରତିମା ଚାରିପଟେ ତିନି ଚାରିଟି ରାଜନୈତିକ ପାର୍ଟିର ଲାଲ-ହଳଦୀ-ସବୁଜ ରଙ୍ଗର ପତାକା ଉଡୁଥାଏ। ବଡ଼ ମୁସ୍କିଲରେ ସେ ଗାନ୍ଧୀଙ୍କ ମୁଖମଣ୍ଡଳକୁ ଦେଖି ପାରୁଥିଲେ। ଆକସ୍ମିକ ସେ ଗାନ୍ଧୀ ପ୍ରତିମାର ମୁଖମଣ୍ଡଳକୁ ଦେଖିବା ମାତ୍ରେ ଅନୁଭବ କଲେ ବାପୁ କିଛି କହିବା ପାଇଁ ପାଖକୁ ଡାକୁଛନ୍ତି। ତୁରନ୍ତ ସେ ପ୍ରତିମା ନିକଟକୁ ଯାଇ ଚଷମାରେ ଚପା ହେଇଥିବା ରାଜନୈତିକ ଦଳୀୟ ଚିହ୍ନର ଷ୍ଟିକର ବାହାର କରି ପଚାରିଲେ-ବାପୁ! ମୋତେ କିଛି କହୁଛନ୍ତି କି?

ସତକୁ ସତ ପ୍ରତିମାର ଓଠରେ ବ୍ୟତିକ୍ରମ ଲକ୍ଷ୍ୟ କଲେ ସେ। ତାଙ୍କୁ ଅନୁଭବ ହେଲା ଗାନ୍ଧୀ ଯେମିତି କହୁଛନ୍ତି-ଏବେ ଏ ଦଶରେ କାହା କଥା କେହି ଶୁଣୁ ନାହାନ୍ତି।

ହଠାତ୍ ଜୟକୃଷ୍ଣ ବାବୁ ମୁଣ୍ଡ ଟୁଙ୍ଗାରି କହିଲେ-ଆପଣ ଯାହା କହୁଛନ୍ତି ଶହେ ପ୍ରତିଶତ ସତ ବାପୁ!

ଗାନ୍ଧୀଙ୍କ ପ୍ରତିମା ପୁଣିଥରେ କହିଲେ-ଗତବର୍ଷ ଅକ୍ଟୋବର ଦୁଇରେ ନଗର ନିଗମର ଦୁଇଜଣ କର୍ମଚାରୀ ମୋ ପ୍ରତିମାରୁ ଧୂଳି-ମଳି ଧୋଇ ସଫା-ପରିଷ୍କାର କରି ଯାଇଥିଲେ। ତାପରେ ଭୋଟ ଭିକାରୀମାନେ ମୋ ଚଷମାରେ ତାଙ୍କ ମତଦାନର ଷ୍ଟିକର ଲଗେଇ ଚାଲିଗଲେ। ସେବେଠାରୁ ମୁଁ ବାହାରର ଦୃଶ୍ୟ ଆଦୌ ଦେଖିପାରୁ ନଥିଲି।

ବାପୁଙ୍କ ଦୁଃଖଭରା କଥା ଶୁଣି ଜୟକୃଷ୍ଣ ବାବୁଙ୍କ ହୃଦୟ ଦ୍ରବିତ ହେଇଗଲା।ହେଲେ ପୂର୍ବପରି ବାପୁ କହି ଚାଲିଥାନ୍ତି-ଆଚ୍ଛା ତୁମେ ଗୋଟେ କଥା କହିଲ! ଏ ଦେଶର ନୋଟ୍ ଉପରେ ମୋ ଫଟୋ ଲଗେଇବାକୁ ମୁଁ କେବେ କହିଥିଲି?

ଜୟକୃଷ୍ଣ ବାବୁ ସହଜ ମୁଦ୍ରାରେ ଠିଆହୋଇ କହିଲେ-ଆପଣ କହି ନଥିଲେ ସତ ହେଲେ ଏଥିରେ ତ ଆପଣଙ୍କର ମାନ-ସମ୍ମାନ ବଢ଼ିଛି। ଆପଣଙ୍କ ମୃତ୍ୟୁ ଅନ୍ତେ ଏହାଠାରୁ ଆଉ ଖୁସି କଣ ଥାଇପାରେ.... ? ଦେଶବାସୀ ଆପଣଙ୍କୁ ମନେ ପକାଉଛନ୍ତି। ଆପଣ ଆମକୁ ସ୍ୱାଧୀନତା ଦେଇଛନ୍ତି ବୋଲି ଗର୍ବ କରୁଛନ୍ତି।

ହଠାତ୍ ଗାନ୍ଧୀଙ୍କ ପ୍ରତିମାର ମୁଖ ବୁଲେଇ ଛକରେ ଥିବା ଏକ ମଦ ଦୋକାନକୁ ଇଶାରା କରି କହିଲେ- ତୁମେ ସେଠିକୁ ଯାଇ ଦେଖି ଆସ କଣ ହେଉଛି? ଆସିବ ନିଶ୍ଚୟ! ତୁମେ ହିଁ ତ ମୋ ଦୁଃଖର କଥା ବୁଝିପାରିଛ।

ଜୟକୃଷ୍ଣ ବାବୁ ସହସା ମଦ ଦୋକାନ ନିକଟକୁ ଗଲେ। କାଉଣ୍ଟରରେ ଗୋଟେ ମଦ ବୋତଲ ତଳେ ୫୦୦ ଟଙ୍କାର ନୋଟ୍ ଚପାହୋଇ ରହିଥାଏ। ତାକୁ ଦେଖି ଲେଉଟି ଆସି କହିଲେ-ହଁ ବାପୁ! ମଦ ବୋତଲ ତଳେ ୫୦୦ ଟଙ୍କାର ନୋଟ୍‌ଟିଏ ରହିଛି।

ବାପୁ ଉତକ୍ଷିପ୍ତ ହୋଇ ଗମ୍ଭୀର କଣ୍ଠରେ କହିଲେ-ସେଇ କଥା ତ କହୁଛି। ଯେଉଁ ମଦକୁ ମୁଁ ଜୀବନସାରା ବିରୋଧ କରିଥିଲି ଆଜି ସେଇ ବୋତଲ ସହିତ ମୁଁ ଚାପିହୋଇ ପଡି ରହୁଛି। ଏସବୁ କଣ ମୁଁ କହିଥିଲି ମଦର ପ୍ରତିବନ୍ଧ ହେବା ବଦଳରେ ଅନୁବନ୍ଧ ହେଉ?

ଜୟକୃଷ୍ଣ ବାବୁଙ୍କ କପାଳରେ ଚିନ୍ତାର ରେଖା ତ୍ରିଶୁଳ ଆକାର ଧାରଣ କଲା। ଅତିଶୟ ଦୁଃଖିତ ହୋଇ କହିଲେ-ବାପୁ! ଆପଣ ମନ କଷ୍ଟ କରନ୍ତୁ ନାହିଁ। ନୋଟ୍ ହେଇଛି, ମୁଦ୍ରାହେଇଛି। ତା' ବଦଳରେ ଜିନିଷପତ୍ର ତ କ୍ରୟବିକ୍ରୟ ହେବ।

ବାପୁ କହିଲେ-ମୁଦ୍ରା କହିଲ ଠିକ୍ ଅଛି। ହେଲେ ସେସବୁ ମୁଦ୍ରା ଉପରେ ମୋ ହସନ୍ତ ମୁଖମୁଦ୍ରାର ସ୍ଥିତିକୁ କେବେ ଲକ୍ଷ୍ୟ କରିଛ? ପାରୁଛ ତ ତାକୁ ବଦଳାଇ ଦିଅ। ନୋଟ୍‌ରେ ଆଉ କାହାର ଫଟୋ ଲଗେଇ ଦେଶ ଚଳଅ।

ଜୟକୃଷ୍ଣ ବାବୁ ସାନ୍ତ୍ୱନା ଦେଇ କହିଲେ-ବାପୁ! ଏ ସମୟ ଆପଣଙ୍କ ଯୁଗ ଚାଲିଛି। ଯାହାଙ୍କ ପାଖରେ ଆପଣ ରହୁଛନ୍ତି ତା'ର ଇଜ୍ଜତ ଦି'ଗୁଣା ବଢ଼ିଯାଇଛି।

ହଁ ଯାହା ପାଖରେ ମୁଁ ଥାଏ ତା'ର ଇଜ୍ଜତ ବଢ଼ିଯାଏ। ତଥାପି ନୋଟ୍ ବଦଳି ବେଳେ ବୁରାରେ ପୂରେଇ ଜାଳିଦେଲେ, ନଦୀ ସମୁଦ୍ରରେ ଫିଙ୍ଗିଦେଲେ। କେବେ କାହା ଗାଡି ଡିଗିରେ ତ କେବେ ଟଏଲେଟ୍ ସିଟ୍ ତଳେ ରଖିଛନ୍ତି। ଯେଉଁଠି ଗୋଟେ ମିନିଟ ରହିବା ଅସହଜ ହୋଇଥାଏ। ଆଉଗୋଟେ କମାଲ କଥା ଏହା ଯେ ଧରା ପଡିଲେ ମୋ ଫଟୋ ଥିବା ନୋଟ୍ କାହାର ହେବ ଭୁଲି ଯାଉଛନ୍ତି। ମୋ ଫଟୋ ଥିବା ନୋଟ୍‌କୁ ଏଠି ସେଠି ଫିଙ୍ଗା ହେଉଛି। କେବେ ମିଛ କହି ତ କେବେ ବାଇମାନି କରି। ମିଛ କହି ଆଇନକୁ ଠକି ଚାଲିଛନ୍ତି। ତଥାପି ସେଇ ବେଇମାନମାନେ ନୋଟ୍‌ରେ ମୋ ଫଟୋ ରଖୁଛନ୍ତି। ବ୍ୟାଙ୍କ୍ ଗୁଡିକରେ ରବର ବ୍ୟାଣ୍ଡରେ ଗୁଡେଇ ମୋ ଫଟୋରେ ଯେଉଁ ଅତ୍ୟାଚାର ହେଉଛି କେହି ନିଜ ଫଟୋରେ ବି ଏଭଳି ଅତ୍ୟାଚାର କରୁନଥିବ?

ବାପୁ ଅତି ଭାବୁକ ଅବସ୍ଥାରେ କହି ଚାଲିଥାନ୍ତି-ହଉ ହେଲା ଫଟୋ କି ପ୍ରତିମା ବନେଇଲ ହେଲେ ସେଥିରୁ କିଛି ଅଧା ହେଉଛି। କେବେ ଆଖିରେ ଚଷମା ରହୁନାହିଁ ତ କେବେ ହାତରେ ଲାଠି ରହୁ ନାହିଁ।

ଏ ଦେଶର ସିଷ୍ଟମ୍‌କୁ ମୁଁ କି ଆପଣ କେହି ବଦଳାଇ ପାରବେନି ବାପୁ! ଦେଶ ଯେମିତି ଚାଲିଛି ସେମିତି ଚାଲିଥାଉ। ଆପଣ ବି ଆମ ସହିତ ସାମିଲ ହୋଇ କେବେ ଅଧା ଗଢ଼ା ପ୍ରତିମା କେବେ ମଦ ବୋତଲ ତଳେ ଚାପାହୋଇ କେବେ ଚଷମା ବିନା ଅନ୍ଧତ୍ୱର ଶିକାର ହେଉଥାନ୍ତୁ। ଜୟକୃଷ୍ଣ ବାବୁ ଦୁଃଖରେ ମ୍ରିୟମାଣ ହେଇ ଏତକ କହିଲେ।

ବାପୁ ଅନୁରୋଧ ସ୍ୱରରେ କଣ୍ଠକୁ କଅଁଳେଇ କହିଲେ- ତୁମେ ମୋ ପାଇଁ ଗୋଟେ କାମ କରିପାରିବ?

କୁହନ୍ତୁ ବାପୁ! ସକ୍ଷମ ଅନୁସାରେ ଯେତିକି ପାରିବି କରିବି। ଜୟକୃଷ୍ଣ ବାବୁ ସମ୍ମତି ଜଣାଇଲେ।

ବାପୁ କହିଲେ- ତୁମେ ଏ ଦେଶର ନୋଟ୍‌ରେ ଥିବା ଫଟୋରୁ ମୋତେ ମୁକ୍ତି ଦେଇପାରିବ?

ଠିକ୍ ସେଇବେଳେ ଜୟକୃଷ୍ଣ ବାବୁଙ୍କ ମୋବାଇଲ୍ ଗର୍ଜି ଉଠିଲା। ଅଗତ୍ୟା ପକେଟ୍‌ରୁ ମୋବାଇଲ୍ ବାହାର କରି ଦେଖିଲେ ଘରୁ ଘରଣୀ ଫୋନ୍ କରିଛନ୍ତି। ସହସା ସେ ଛାନିଆ-ମାନିଆ ହେଇ କହିଲେ- ବାପୁ! ମୁଁ ଯାଉଛି...ଘରୁ ଡାକରା ଆସିଲାଣି।

ବାପୁ ପଛରୁ ପୁଣିଥରେ ଅନୁରୋଧ କଲେ-ଯାଉଛ! ହଉ ଯାଅ- ହେଲେ ଯିବା ପୂର୍ବରୁ ତୁମେ ମୋ ଚଷମାରୁ ବାହାର କରିଥିବା ଷ୍ଟିକର ଲଗେଇ ଦେଇଯାଅ! ମୁଁ କିଛି ଦେଖିବାକୁ ଚାହୁଁନାହିଁ। ପ୍ଲିଜ....।

♥ ବିସି-୭୪, ସଲ୍ଟ ଲେକ୍,
କଲକତା-୬୪
ମୋ-୯୬୮୧୩୭୩୫୧୨

# ବାରିପଦାରେ ପିଏମଏୱାଇ (ସହରୀ) ୨.୦ ର ୫ମ ପର୍ଯ୍ୟାୟ କାର୍ଯ୍ୟାଦେଶ ବଣ୍ଟନ

ବାରିପଦା, ୦୪/୭ (ନି.ପ୍ର): ବାରିପଦା ପୌରସଭା କନ୍ଫରେନ୍ସ ହଲ୍‌ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ) ୨.୦ ର ୫ମ ପର୍ଯ୍ୟାୟର ୭୧ ସଂଖ୍ୟକ କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ। ଉପନଗରପାଳ ଶ୍ରୀମତୀ ସୀମା ଦାସ ଏବଂ ସମସ୍ତ ୱାର୍ଡ କାଉନ୍ସିଲରମାନେ ମଧ୍ୟ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେଓ ପ୍ରାରମ୍ଭରେ ନଗରପାଳ



ଶ୍ରୀ ମହାନ୍ତି କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ପୌରାଞ୍ଚଳର ୨୮ଟି ୱାର୍ଡରେ ଯୋଗ୍ୟ ଭାବେ ଚିହ୍ନଟ କରାଯାଇଥିବା ହିତାଧିକାରୀ ଙ୍କୁ ମନ୍ତ୍ରୀ କର୍ଯ୍ୟଦେଶ ପ୍ରଦାନ କରିଥିଲେ । ଏହି ଅବସରରେ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ଦେବୀପ୍ରସାଦ ରାଉତ, ମ୍ୟୁନିସିପାଲ ଯନ୍ତ୍ରୀ, ପୌରପାଳିକାର ଅନ୍ୟାନ୍ୟ କର୍ମଚାରୀ ବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଯୋଜନାର ଲାଭାନ୍ୱିତମାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ନଗର ଉନ୍ନୟନକୁ ଆଗକୁ ବଢ଼ାଇବା ସହ ଗରିବ ଓ ଆବାସହୀନ ପରିବାରମାନଙ୍କୁ ସ୍ଥାୟୀ ବାସଗୃହ ସୁବିଧା ଯୋଗାଇବା ପ୍ରତି ଗୁରୁତ୍ୱ ଆରୋପ କରାଯାଇଥିଲା।

# ଡ୍ରେନ ନଥିବାରୁ ଅସୁବିଧାରେ ୬ ପରିବାର ଓ ବିଦ୍ୟାଳୟ କର୍ତ୍ତୃପକ୍ଷ



ଖଇରା, ୦୪/୭ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଖଇରା ପଞ୍ଚାୟତ ଆଳଦା ମୌଜା ଅଧୀନସ୍ଥ ସାଇମନ୍ଦିର ପଛପଟ ରାସ୍ତା ଉପରୁ ଜଳନିଷ୍କାସନ ହୋଇ ପାରୁନଥିବାରୁ ୬ ପରିବାର ଜଳଘେରରେ ରହିଛନ୍ତି । ସେହିଭଳି ଏହି ମୌଜାରେ ଥିବା ଆଦର୍ଶ ବିଦ୍ୟାଳୟକୁ ଯାଉଥିବା ଛାତ୍ରୀଛାତ୍ର ମାନେ ପାଣି ଭିତରେ ଆତଙ୍କିତ ଅବସ୍ଥାରେ ସ୍କୁଲକୁ ଯିବାକୁ ବାଧ୍ୟ ହେଉଛନ୍ତି । ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଜଳ ନିଷ୍କାସନର ବ୍ୟବସ୍ଥା କରିବା ସହ ଡ୍ରେନେଜ ନିର୍ମାଣ ପାଇଁ ବସବାସ କରୁଥିବା ପରିବାର ଓ ବିଦ୍ୟାଳୟର ଅଭିଭାବକ ମାନେ ଦାବି କରିଛନ୍ତି । ଏହି ମୌଜାରୁ ଜଳ ନିଷ୍କାସନ ପାଇଁ ନକ୍ସାରେ କୌଣସୀ ପାଣିନାଳ ର ବ୍ୟବସ୍ଥା ନଥିବା ବେଳେ ସରକାରୀ ଜମି ଦେଇ ପାଣି ନିଷ୍କାସନ ହେଉଥିଲା । ଏବେ ଏହି ସରକାରୀ ଜମିକୁ ଅଧିକାଂଶ ନିଜ ନାମରେ କରାଇ ମାଟିପକାଇ ପୋତି ବ୍ୟକ୍ତିଗତ କାମ ପାଇଁ ବ୍ୟବହାର କରିବା ପରେ ସାମାନ୍ୟ ବର୍ଷାରେ ବନ୍ୟାଭଳି ପରିସ୍ଥିତି ସୃଷ୍ଟି ହେଉଛି । ଏ ସମ୍ପର୍କରେ ରାଜସ୍ୱ ନିରିକ୍ଷକ ବସନ୍ତ କୁମାର ପାତ୍ରଙ୍କ ପ୍ରତିକ୍ରିୟା ନିଆଯିବାରେ ନକ୍ସାରେ ନାଳ ନଥିବାରୁ ଏଠାରେ ରହୁଥିବା ପରିବାର ଓ ସ୍କୁଲ ପରିଚାଳନା କମିଟି ଆଲୋଚନା କରି ସହମତିରେ କିଛି କିଛି ଯାଗା ଦେଇ ନାଳର ବ୍ୟବସ୍ଥା କରିବା ଦରକାର ବୋଲି କହିଛନ୍ତି ।

# ରଘୁନାଥ ଜୀଉ ମଠରୁ ବେଆଇନ ଗଛକଟା ପ୍ରସଙ୍ଗ: କାମରେ ଲାଗିଲାନି ଗଛ, ଟ୍ରଷ୍ଟବୋର୍ଡ ସଭାପତି ନୀରବଦ୍ରଷ୍ଟା

ନୀଳଗିରି , ୦୪/୭ (ନି.ପ୍ର): ନୀଳଗିରିର ସର୍ବପୁରାତନ ମଠ ରଘୁନାଥଜୀଉ ମଠର ରଥନିର୍ମାଣ ପାଇଁ କାଠର ଆବଶ୍ୟକତା ଥିବାବେଳେ ମଠର ଟ୍ରଷ୍ଟବୋର୍ଡ କିମ୍ୱା କାର୍ଯ୍ୟନିର୍ବାହୀ ଅଧିକାରୀ ଜଙ୍ଗଲବିଭାଗକୁ ଚିଠି ନକରି କିମ୍ୱା କୌଣସି ବିଭାଗରୁ ଅନୁମତି ନନେଇ ମଠବେଢ଼ାରେ ଥିବା ଦୁଇଗୋଟି ନିମ୍ବଗଛ କଟାଯାଇଥିବା ଦେଖିବାକୁ ମିଳିଛି। ତେବେ ଗଛଦୁଇଟିକୁ କିଏ କାଟିଲା ଓ କାହା ନିର୍ଦ୍ଦେଶରେ କଟାଗଲା ତାକୁ ନେଇ ବିଭିନ୍ନ ମହଲରୁ ପ୍ରଶ୍ନବାଚୀ ଦେଖାଦେଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଗଛଦୁଇଟି କଟାସରିଥିବା ବେଳେ ତାହା କୌଣସି କାମରେ ଲାଗିନଥିବାରୁ ତାକୁନେଇ ବିଭିନ୍ନ ଅଭିଯୋଗ ଆସିବାକୁ ଲାଗିଲାଣି। ଗଛ କଟାଯିବା ସମୟରେ ବହୁ ସଦସ୍ୟ ଜାଣିନଥିବା କହୁଥିବା ବେଳେ କାହିଁକି ଗଛକଟାଗଲା ଓ ଏକଥା ବୋର୍ଡର ସଭାପତି ତଥା ତହସିଲଦାର ଅବଗତ ଅଛନ୍ତି କି



ବୋଲି ପ୍ରଶ୍ନବାଚୀ ଉଠିଛି ? ଗଛଗୁଡ଼ିକ ବର୍ତ୍ତମାନ ନଷ୍ଟହେବାକୁ ବସିଥିବା ବେଳେ ଏଥିପାଇଁ କିଏ ଦାୟୀ ରହିବ? ଯଦି ଆବଶ୍ୟକତା ନଥିଲା ଗଛଗୁଡ଼ିକ କଟାଗଲା କାହିଁକି ? ଏତେ ବଡ ଘଟଣା ମଠ ହତାଭିତରେ କରାଗଲା ବେଳେ କେହି ଜାଣିପାରିଲିନି କେମିତି ? ଘଟଣା ପ୍ରାୟ ୧୦/୧୫ଦିନ ତଳେ ଘଟିଥିବା ବେଳେ ବୋର୍ଡର ସଭାପତି ତଥା ତହସିଲଦାର ତଦନ୍ତ କଲେ ନାହିଁ କେମିତି ? ଗତ ରଥବୈଠକରେ ଆଲୋଚନା ହୋଇଥିଲେ ହେଁ ତହସିଲଦାର ତଦନ୍ତ ନକରି ଚୁପ ବସି ରହିଛନ୍ତି କାହିଁକି ? ମଠରେ ବହୁ ଅର୍ଥ ହେରଫେର ହୋଇଥିବା ବେଳେ ସଭାପତି ତଥା ତହସିଲଦାର ତଦନ୍ତ କିମ୍ବା ଅଡିଟ ନକରିବା ପଛରେ କାରଣ କଣ ? ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପାଉଥିଲେ ମଧ୍ୟ ଦେବୋତ୍ତର ଆୟୁକ୍ତ ନୀରବଦ୍ରଷ୍ଟା କାହିଁକି ବୋଲି ଚର୍ଚ୍ଚା ହେଉଛି। ମଠ ଦୁର୍ନୀତିର ତଦନ୍ତ ହେଲେ ବହୁ ରହସ୍ୟ ଲୋକଲୋଚନକୁ ଆସିପାରନ୍ତା ବୋଲି ଚର୍ଚ୍ଚା ହେଉଛି।

# ଚଳିତ ବର୍ଷ ସାରର ଅଭାବ ରହିବ ନାହିଁ: ସମବାୟ ମନ୍ତ୍ରୀ

ଭୁବନେଶ୍ୱର, ୦୪/୭ (ନି.ପ୍ର): ଚଳିତ ବର୍ଷ ସାରର ଅଭାବ ରହିବ ନାହିଁ । ରାଜ୍ୟରେ ସାର ଗଚ୍ଛିତ ଅଛି । ଅଭାବ ହେବନି କାରଣ ପୂର୍ବରୁ ୟୁରିଆ ସାର ସବୁ ପ୍ୟାକ୍ସରେ ମହାଜୁଦ ରଖାଯାଇଛି ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଛନ୍ତି । ସେ କହିଛନ୍ତି ଯେ, ଆଜି ୮୧ ହାଜର ଟନ ଷ୍ଟକ ଅଛି । ଆହୁରି ସାର ଆସୁଛି । ଗତ ବର୍ଷ ବି ସାରର ଅଭାବ ନଥିଲା । ଗତ ସରକାର ୧୦୦ ଟଙ୍କା ବୋନସ ଦେଇ ନଥିଲେ । ଯେଉଁଥିପାଇଁ ଲୋକ ଭୟ କଲେ କି କାଳେ ବିଜେପି ସରକାର ୮୦୦ ଟଙ୍କା ଦେବନି । ହେଲେ ବିଜେପି ସରକାର ୮୦୦ ଟଙ୍କା ଇନପୁଟ ସବସିଡି ଦେବା ପରେ ଧାନ ଚାଷ କଲେ ଚାଷୀ । ଗତ ବର୍ଷ ଚାଷ ଅନୁକୂଳ ପାଗ ହୋଇଥିଲା । ୨୦୨୪ ରେ ଯେତିକି ୟୁରିଆ ଦିଆଯାଇଥିଲା, ୨୦୨୫ ରେ ତା ଠାରୁ ୪ ଲକ୍ଷ ୧୩ ହଜାର ଟନ ଅଧିକ ସାର ଦେବା ପରେ ଅଭାବ ରହିଲା । ସରକାରଙ୍କ ଭୁଲ ନାହିଁ । ଅଧିକ ଚାଷ ହେଲା । ନିଜ ଜମି ସମେତ ସରକାରୀ ଜମି ଦଖଲ କରି ବି ଚାଷ ହେଲା । ଚଳିତ ବର୍ଷ ୟୁରିଆ ଅଛି ୮୦ ହଜାର ୬୬୯ ଟନ, ଏମଓପି ଅଛି ୯ ହଜାର ଟନ, ଡିଏପି ଅଛି ୧୭ ହଜାର ଟନ, ଏନପିକେଏସ ଅଛି ୨୯ ହଜାର ଟନ, ଏସଏସପି ୨୮୫ ଟନ ଅଛି । ସବୁ ପ୍ରକାର ସାର ଅଛି ବୋଲି ମନ୍ତ୍ରୀ କହିଛନ୍ତି ।

# ବାଲିଗୁଡ଼ାରେ ଅଜଣା ଗାଡ଼ି ଧକ୍କାରେ ୩ ମୃତ

ଭୁବନେଶ୍ୱର, ୦୪/୭ (ନି.ପ୍ର): ବାଲିଗୁଡ଼ାରେ ଅଜଣା ଗାଡ଼ି ଧକ୍କାରେ ୩ ମୃତ । ବାଲିଗୁଡ଼ା ଥାନା ମହାସିଂଙ୍ଗ ପୋଲ ଉପରେ ବିଳମ୍ବିତ ରାତିରେ ଘଟିଛି ଘଟଣା। ମହାସିଂଙ୍ଗ ପୋଲ ଉପରେ ବାଇକକୁ ଧକ୍କା ଦେଇ ଘଟଣା ସ୍ଥଳରୁ ଅଜଣା ଗାଡ଼ି ଫେରାର ହୋଇଯାଇଛି । ଘଟଣା ସ୍ଥଳରେ ଜଣେ ମୃତ୍ୟୁ ବରଣ କରିଥିବା ବେଳେ ଓ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ୨ମୃତ୍ୟୁବରଣ କରିଥିବା ବାଲିଗୁଡ଼ା ପୋଲିସ ସୂଚନା ଦେଇଛି। ଦୁଘଟଣା ଘଟିବା ପରେ ମହସିଙ୍ଗି ଗ୍ରାମବାସୀ ବାଲିଗୁଡ଼ା ପୋଲିସକୁ ସୂଚନା ଦେଇଥିଲେ।

# ଡିଜିଟାଲ୍ ସଶକ୍ତିକରଣ ପାଇଁ 'ଡିଜିଟାଲ୍ ଲର୍ଣ୍ଣିଂ ପ୍ଲାଟଫର୍ମ' କର୍ମଶାଳା ଅନୁଷ୍ଠିତ

ନୀଳଗିରି, ୦୪/୭ (ନି.ପ୍ର): ଶନିବାର ନୀଳଗିରି ବରିସାହି କଲ୍ୟାଣମଣ୍ଡପ ପରିସରରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ - ୨୦୨୬ ଅନ୍ତର୍ଗତ ଏକ ବର୍ଣ୍ଣାଢ୍ୟ 'ଡିଜିଟାଲ୍ ଲର୍ଣ୍ଣିଂ ପ୍ଲାଟଫର୍ମ' (ଡି.ଏଲ.ଏଫ୍) ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସଂଗଠନର କାର୍ଯ୍ୟଧାରାକୁ ସମୟୋପଯୋଗୀ ଓ ବୈଷୟିକ ଜ୍ଞାନକୌଶଳରେ ସମୃଦ୍ଧକରିବା ଲକ୍ଷ୍ୟ ନେଇ ଆୟୋଜିତ ଏହିକାର୍ଯ୍ୟକ୍ରମରେ ବହୁବରିଷ୍ଠ ନେତୃବୃନ୍ଦ ଯୋଗଦେଇ କର୍ମୀମାନଙ୍କୁ ଗୁରୁମନ୍ତ୍ର ପ୍ରଦାନ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ମୁଖ୍ୟଅତିଥି ଭାବେ ନୀଳଗିରି ବିଧାୟକ ଶ୍ରୀ ସନ୍ତୋଷ ଖଟୁଆ ଯୋଗଦେଇ ଆଧୁନିକ ଯୁଗରେ ସଂଗଠନକୁ ଅଧିକ ଦ୍ରୁତ ଓ ସ୍ୱଚ୍ଛ କରିବାପାଇଁ ଡିଜିଟାଲ୍ ମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଈଶ୍ୱର ଚନ୍ଦ୍ର ବେହେରା ଅଧକ୍ଷତା କରିଥିବା ଏହି କାର୍ଯ୍ୟକ୍ରମରେ ରାଜ୍ୟ ବିଜେପି ଉପସଭାପତି ତଥା ରାଜ୍ୟ ସଂଯୋଜକ ଡ଼ଃ ଯତୀନ କୁମାର ମହାନ୍ତି ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗଦେଇ ଡିଜିଟାଲ୍ ପ୍ଲାଟଫର୍ମର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥିଭାବେ ରାଜ୍ୟ ଉପସଭାପତି ଶ୍ରୀମତୀ ସିପ୍ରା ବାଜପେୟୀ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶ୍ରୀମତୀ ସୁଷମାରାଣୀ ବିଶ୍ୱାଳ ଉପସ୍ଥିତ ରହି କର୍ମୀମାନଙ୍କୁ ସାଂଗଠନିକ ଦକ୍ଷତାବୃଦ୍ଧି ପାଇଁ ଆହ୍ୱାନ ଦେଇଥିଲେ। ସେହିପରି ଜିଲ୍ଲା ସାଧାରଣ ସମ୍ପାଦକ ଶ୍ରୀ ପର୍ଶୁରାମ ପରିଡ଼ା, ଜିଲ୍ଲା ଗଣମାଧ୍ୟମ ସଂଯୋଜକ ଶ୍ରୀ ଶ୍ରୀନିବାସ ପ୍ରଧାନ ଓ ଡି.ଏଲ.ପି ସହସଂଯୋଜକ ଦିବ୍ୟାଭାରତୀ ଜେନା ପ୍ରଶିକ୍ଷଣର ବିଭିନ୍ନ ବୈଷୟିକ ଦିଗ ଉପରେ ମତବ୍ୟକ୍ତ କରିଥିଲେ।ଜିଲ୍ଲା ସାଧାରଣସମ୍ପାଦକ ଶ୍ରୀ ଚନ୍ଦ୍ରଶେଖର ନନ୍ଦ ମଞ୍ଚପରିଚାଳନା କରିଥିଲେ। ଏହି କର୍ମଶାଳା ମାଧ୍ୟମରେ ସଂଗଠନର ତୃଣମୂଳସ୍ତରରୁ ନେତୃତ୍ୱ ପର୍ଯ୍ୟନ୍ତ ସମସ୍ତ କର୍ମୀଙ୍କୁ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାରେ ସଜ୍ଜିତ କରିବାପାଇଁ ଏକ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରାଯାଇଛି।

# ନଡପୁର ଏବଂ ଶିଳପୁରିଆ ଗ୍ରାମରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ବିଦ୍ୟୁତ ବିଭାଗର ଭିଜିଲାନ୍ସ ଚଢାଉ

ବୈଶିଙ୍ଗା, ୦୪/୭ (ନି.ପ୍ର): ବୈଶିଙ୍ଗା ବିଦ୍ୟୁତ ସେକ୍ସନ ଅଧୀନ ନଡ଼ପୁର , ନୂଆଗାଁ, ଶିଳପୁରିଆ ଗ୍ରାମରେ ଶୁକ୍ରବାର ପୂର୍ବାହ୍ନ ସମୟରେ ବିଦ୍ୟୁତ ବିଭାଗର ମିଳିତ ଚଢାଉ କରାଯାଇଥିଲା । ଟିପିଏନଓଡିଏଲ ର ବାଲେଶ୍ୱର କର୍ପୋରେଟ ଅଫିସ, ଏନଫୋର୍ସମେଣ୍ଟ ଡିପାର୍ଟମେଣ୍ଟ ଏବଂ ବାରିପଦା ଭିଜିଲାନ୍ସ ସର୍କଲ ତରଫରୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ୧୪ ଟି ଘରକୁ ଚଢାଉ କରାଯାଇଥିଲା । ଏ ନେଇ ସମସ୍ତଙ୍କୁ ମୋଟା ଅଙ୍କର ଫାଇନ ମଧ୍ୟ କରାଯାଇଥିବାର ଜଣାଯାଇଛି । ମିଟର ଟେମ୍ପର , ପୂର୍ବରୁ ସେହି ଗ୍ରାମରେ ବିଦ୍ୟୁତ ବିଭାଗ ତରଫରୁ ବିଦ୍ୟୁତ ଚୋରି ରୋକିବା ନିମନ୍ତେ ବିଭାଗ ତରଫରୁ ଚଢ଼ାଉ କରାଯାଇଥିଲେ ମଧ୍ୟ



ବିରୋଧ ର ଶିକାର ହୋଇ ଫେରି ଆସିଥିଲେ । ଏହି ସମୟରେ ପାଖାପାଖି ୨୩ ଜଣ ଉପଭୋକ୍ତା ସମସ୍ତଙ୍କ ଉପସ୍ଥିତିରେ ନିଜର ଟଙ୍କା ପଇଠ କରିବା ପରେ ସେମାନଙ୍କର ସର୍ଭିସ ତାର ଏବଂ ମିଟର ବକ୍ସ ପରିବର୍ତ୍ତନ କରାଯାଇଥିଲା । ସମସ୍ତ ୧୪ ଜଣ ଉପଭୋକ୍ତା ମାନଙ୍କୁ ବିଭାଗ ତରଫରୁ ନୋଟିସ ଲଗାଯିବା ସହ ବେତନଟୀ ସବଡିଭିଜନରେ ନିଜର ଫାଇନ ପଇଠ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଚଢାଉ ସମୟରେ ମାଜିଷ୍ଟ୍ରେଟ ଭାବେ ବେତନଟୀ ତହସିଲଦାର ଚିରଞ୍ଜିତ ବେହେରା, ଭିଜିଲାନ୍ସ କର୍ପୋରେଟ ମୂଖ୍ୟ ଅଫିସର ସ୍ୱାଗତ ସରକାର , ଭିଜିଲାନ୍ସ କର୍ପୋରେଟ ଏସି ଅନନ୍ତ ନାରାୟଣ ବିଶୋଇ , ସିଭିଓ ଦିଲ୍ଲୀପ ଦାସ , ବିଦ୍ୟୁତ ଭିଜିଲାନ୍ସ ବିଭାଗର ସୁରେଶ ଜେନା , ବେତନଟୀ ଏସଡିଓ ଶୁଭଦୀପ୍ତ ମିଶ୍ର , ଏସଡିଓ ଏମ୍‌ଆରଟି ମନୋଜ କୁମାର ଝାଟିଆ , ବୈଶିଙ୍ଗା ଜେଇ ପ୍ରଶାନ୍ତ କୁମାର ନାଏକ , ଏଲଇଡି ଟିଏଲ ଦୀପଧୂପ ପଲେଇ , ପ୍ରକାଶ ଦେବ ଶର୍ମା , ଅଭିଶେକ ସିଂ , ନିଶିକାନ୍ତ ଜେନା , ରାଜେଶ ପରିଡ଼ା ଏବଂ ଅନ୍ୟ ମାନେ ଉପସ୍ଥିତ ଥିଲେ। ଏହି ଚଢାଉ ସମୟରେ ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ବୈଶିଙ୍ଗା ପୁଲିସ ମଧ୍ୟ ଘଟଣାସ୍ଥଳରେ ଉପସ୍ଥିତ ରହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ନଡ଼ପୁର ସରପଞ୍ଚ, ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ବ୍ରଜମୋହନ ବେହେର , ରଣଜିତ ସାହୁ ଏବଂ ଅନ୍ୟ ସମସ୍ତ ଗ୍ରାମବାସୀ ଉପସ୍ଥିତ ରହିଥିବା ବେଳେ ଏଥିରେ ସମସ୍ତେ ସହଯୋଗ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଜୁଲାଇ ୨୦ରୁ ସଂସଦର...

କମିଟିର ବୈଠକ ପୁଣି ଥରେ ଜୁଲାଇ ୧୭ ତାରିଖରେ ଡକା ଯାଇଛି। ଆଲୋଚନା ସମୟରେ ଅନେକ ଅଂଶୀଦାର ବିଲ୍‌ରେ ଥିବା ବ୍ୟବସ୍ଥାକୁ ନେଇ ଚିନ୍ତା ପ୍ରକଟ କରିବା ସତ୍ତ୍ୱେ କମିଟି ବିବାଦୀୟ ଧାରାଟିକୁ ବାଦ ଦେବା ପାଇଁ ସୁପାରିସ କରିବାର ସମ୍ଭାବନା କମ୍। ତେବେ ରିପୋର୍ଟରେ ରାଜନୈତିକ ପ୍ରତିଶୋଧ କିମ୍ବା ଉଦ୍ଦେଶ୍ୟ ପ୍ରଣୋଦିତ ମାମଲା ପାଇଁ ଏହି ବ୍ୟବସ୍ଥାର ଅପବ୍ୟବହାରକୁ ରୋକିବା ପାଇଁ ସୁରକ୍ଷା ବ୍ୟବସ୍ଥା ଅନ୍ତର୍ଭୁକ୍ତ ହେବାର ଆଶା କରାଯାଉଛି। ପ୍ରସ୍ତାବିତ ସମ୍ବିଧାନ ସଂଶୋଧନ ବିଲ୍‌କୁ ନେଇ ତୀବ୍ର ବିତର୍କ ଆରମ୍ଭ ହୋଇଯାଇଛି।

## ଲଘୁଚାପ ପ୍ରଭାବରେ ରାଜ୍ୟରେ...

ବରଗଡ଼ ଜିଲ୍ଲାର ସୋହେଲା ବ୍ଲକରେ ସର୍ବାଧିକ ୨୦୨ ମିଲିମିଟର ବର୍ଷା ହୋଇଛି। ରାଜ୍ୟର ୬ଟି ବ୍ଲକରେ ୧୦୦ ମିଲିମିଟରରୁ ଅଧିକ ଏବଂ ୩୮ଟି ବ୍ଲକ ସହ ୩ଟି ସହରାଞ୍ଚଳର ୪ଟି କେନ୍ଦ୍ରରେ ୫୦ରୁ ୧୦୦ ମିଲିମିଟର ମଧ୍ୟରେ ବର୍ଷା ରେକର୍ଡ ହୋଇଛି। ଜୁଲାଇ ୧ରୁ ୪ ତାରିଖ ମଧ୍ୟରେ ରାଜ୍ୟରେ ମୋଟ ୯୪.୨ ମିଲିମିଟର ବର୍ଷା ରେକର୍ଡ ହୋଇଥିବାବେଳେ ଏହା ସ୍ୱାଭାବିକ ହାର ୪୩.୭ ମିଲିମିଟର ତୁଳନାରେ ୧୧୫.୮ ପ୍ରତିଶତ ଅଧିକ ରହିଛି। ରାଜ୍ୟର ସମସ୍ତ ପ୍ରମୁଖ ନଦୀ ବର୍ତ୍ତମାନ ସତର୍କ ସ୍ତରରୁ ତଳେ ପ୍ରବାହିତ ହେଉଛନ୍ତି ଏବଂ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇନାହିଁ । ରେଡ୍, ଅରେଞ୍ଜ ଏବଂ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ସମସ୍ତ ଜିଲ୍ଲାରେ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ପ୍ରଶାସନିକ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ସଜାଗ ରଖିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ସ୍ଥାନୀୟ ଭାବେ ଜଳବନ୍ଦୀ, ତଳିଆ ଅଞ୍ଚଳରେ ଜଳଜମା, ସହରାଞ୍ଚଳର ଅଣ୍ଡରପାସ୍ ବନ୍ଦ, କଚ୍ଚା ରାସ୍ତା ଓ ଦୁର୍ବଳ ସଂରଚନାର କ୍ଷୟକ୍ଷତି, ଫସଲର ସମ୍ଭାବ୍ୟ କ୍ଷତିକୁ ଦୃଷ୍ଟିରେ ରଖି ଆବଶ୍ୟକ ପ୍ରତିଷେଧକ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲା ପ୍ରଶାସନକୁ କୁହାଯାଇଛି।

## ସ୍ମାର୍ଟ ସିଟିର ବିକଳ...

ସୂଚନା ମୁତାବକ ବ୍ୟକ୍ତିଜଣଙ୍କ ବାଣୀବିହାର ଛକ ନିକଟ ଦେଇ ଯାଉଥିବା ସମୟରେ ଅନ୍ଧାର ଓ ଖୋଲା ଡ୍ରେନ୍ ଯୋଗୁଁ ତଳକୁ ଖସି ପଡ଼ିଥିଲେ । ବାଣୀବିହାର ଅଞ୍ଚଳରେ ବର୍ଷ ବର୍ଷ ଧରି ଖୋଲା ଡ୍ରେନ୍ ଓ ମ୍ୟାନ୍‌ହୋଲ୍ ସମସ୍ୟା ରହିଆସିଛି। ବର୍ଷା ଋତୁରେ ଏପରି ଦୁର୍ଘଟଣା ବାରମ୍ବାର ଘଟୁଛି, କିନ୍ତୁ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉ ନାହାନ୍ତି । ପୂର୍ବରୁ ମଧ୍ୟ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ଡ୍ରେନ୍ ଦୁର୍ଘଟଣାରେ ଶିଶୁ ଓ ଯୁବକଙ୍କ ମୃତ୍ୟୁ ହୋଇଥିଲା ।

## ଡାକ୍ତର ଆନ୍ଦୋଳନ ସ୍ଥଗିତ...

ସାମିଲ ହେବାକୁ ଅନୁରୋଧ କରାଯାଇଥିଲା। ସରକାରଙ୍କ ପକ୍ଷରୁ କୁହାଯାଇଥିଲା ଯେ ଧର୍ମଘଟ ଆରମ୍ଭ ହେବା ପୂର୍ବରୁ ସ୍ୱାସ୍ଥ୍ୟ ମନ୍ତ୍ରୀ, ସଚିବ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପ୍ରମୁଖ ଓମ୍‌ସା ପ୍ରତିନିଧିଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ବିଭାଗ ତରଫରୁ ମଧ୍ୟ ବିଭିନ୍ନ ପର୍ଯ୍ୟାୟରେ ଆଲୋଚନା ଜାରି ରହିଥିଲା । ସରକାର ପୂର୍ବରୁ ଡାକ୍ତରଙ୍କ ବହୁ ଦାବିକୁ ଗ୍ରହଣ କରି ସେମାନଙ୍କ କ୍ୟାଡର ପୁନର୍ଗଠନ, ଡିଏସିପି, ସ୍ୱତନ୍ତ୍ର ପ୍ରୋତ୍ସାହନ ଭତ୍ତା ଓ ସ୍ଥାନଭିତ୍ତିକ ଭତ୍ତା ପରି ବିଭିନ୍ନ ସୁବିଧା ଲାଗୁ କରିଛନ୍ତି। ଡାକ୍ତରଙ୍କ ଉଚ୍ଚଶିକ୍ଷା ପାଇଁ ସରକାର ଅନେକ ସୁବିଧା କରିଛନ୍ତି। ସୂଚନାଯୋଗ୍ୟ, ବିଭିନ୍ନ ପ୍ରସଙ୍ଗ ଉପରେ ଦାବି କରି ଡାକ୍ତରମାନେ ଗତ ୧ ତାରିଖ ଠାରୁ ଆନ୍ଦୋଳନ ଆରମ୍ଭ କରିଥିଲେ। ଗତ ଗୁରୁବାର ଦିନ ବିଳମ୍ବିତ ରାତିରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଆନ୍ଦୋଳନରତ ଡାକ୍ତରମାନଙ୍କୁ ତୁରନ୍ତ ଆନ୍ଦୋଳନ ପ୍ରତ୍ୟାହାର କରି ସରକାରଙ୍କ ସହ ଆଲୋଚନାରେ ସାମିଲ ହେବାକୁ ଅନୁରୋଧ କରାଯାଇଥିଲା।

## ରାମ ମନ୍ଦିର ପରେ...

ପାଇଁ କମିଟି ନିର୍ଦ୍ଦେଶ ଦେଇଛି। ତଦନ୍ତ ପାଇଁ ସ୍ୱତନ୍ତ୍ର ପ୍ୟାନେଲ ଗଠନ କରାଯାଇଛି। ସେହିପରି ଦାନର ଗଣତି ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଜବାବ ତଲବ ହୋଇଛି। ତଦନ୍ତ ବେଳେ ଯଦି କୌଣସି କର୍ମଚାରୀ ଦୋଷୀ ସାବ୍ୟସ୍ତ ହୁଅନ୍ତି, ତା'ହେଲେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ବେଶ କିଛି ଦିନ ହେବ ସୋଶାଲ ମିଡିଆରେ ମନ୍ଦିରକୁ ଚାନ୍ଦା ସୂତ୍ରରେ ମିଳୁଥିବା ଅର୍ଥ ଓ ଅନ୍ୟାନ୍ୟ ଜିନିଷକୁ ଠିକ ଭାବେ ପରିଚାଳନା କରାଯାଉ ନଥିବା ଅଭିଯୋଗ ହୋଇ ଚାଲିଛି। ବାରମ୍ବାର ସୋଶାଲ ମିଡିଆରେ ଚାନ୍ଦା ଚୋରି ଅଭିଯୋଗ ଆସିବାରୁ ବିକେଟିସ ଘଟଣାକୁ ନିଜ ଆଡ଼କୁ ତଦନ୍ତ ପାଇଁ ନିଷ୍ପତ୍ତି ନେଇଛି।

## ବରିଷ୍ଠ ସାମ୍ବାଦିକ...

ଅନ୍ୟତମ ଅତିଥି ଧ୍ୱନି ପ୍ରତିଧ୍ୱନିର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ାଙ୍କୁ ସ୍ମୃତି କମିଟି ପକ୍ଷରୁ ମାନପତ୍ର ଉପଢ଼ୌକନ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ମାନିତ ଅତିଥି ଭାବରେ ସେଇଠୁ ଆରମ୍ଭ ଦୈନିକ ଖବରକାଗଜର ସମ୍ପାଦକ ଶୁଭେନ୍ଦୁ ଦାସ ଯୋଗଦେଇ ସ୍ମୃତିଚାରଣ କରିବା ସହ ମିହିର ଆଚାର୍ଯ୍ୟଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବାକୁ ଆହ୍ୱାନ ଦେଇଥିଲେ। ସେଇଭଳି ପ୍ରମାଦ ଖବର କାଗଜର ସମ୍ପାଦକ ଯୋଗଦେଇ ସ୍ମୃତିଚାରଣ କରିଥିଲେ ଓ କହିଥିଲେ କି ଏଭଳି ସଂଗଠନ ଗଠନ କରି ପୂଜ୍ୟପୂଜାକୁ ବଜାଇ ରଖୁଥିବାରୁ କମିଟିର ସମସ୍ତ ସଦସ୍ୟଙ୍କୁ ସାଧୁବାଦ। କମିଟିର ସମ୍ପାଦକ ଶ୍ରୀ ଗଗନ କୁମାର ସେଠୀ ସମସ୍ତ ସାମ୍ବାଦିକ ଭାଇମାନଙ୍କୁ ଅନୁରୋଧ କରିଥିଲେ କି ଆସନ୍ତା ମାସ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ ଏଣୁ ସମସ୍ତ ସାମ୍ବାଦିକ ଭାଇମାନେ କିଭଳି ଏହାକୁ ସରସ ସୁନ୍ଦର କରିହେବ ମତାମତ ଦେବାକୁ ଅନୁରୋଧ କରିଥିଲେ ଏହି ଅବସରରେ ସାମ୍ବାଦିକ ଶ୍ରୀ ବିଦ୍ୟାଧର ମହାନ୍ତିଙ୍କୁ ସ୍ମୃତି କମିଟି ପକ୍ଷରୁ ପୁଷ୍ପଗୁଚ୍ଛ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା ।ଏହି ଅବସରରେ ଶ୍ରୀ ମହାନ୍ତି କହିଥିଲେ କି ଆଜି ମୋ ପାଇଁ ଏକ ମନେରଖିବା ଭଳି ଦିନ ମୋ ଭଳି ସାମ୍ବାଦିକ କୁ ସମ୍ମାନିତ କରାଯାଇଥିବାରୁ ମୁଁ କମିଟି ପାଖରେ ଋଣୀ। ସର୍ବଶେଷରେ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ବେହେରା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ନୂଆ କଲେଜ ସ୍ଥାପନ...

ସେଲ୍ଫ-ଫାଇନାନ୍ସିଂ ଓ ପ୍ରଫେସନାଲ କଲେଜ ପାଇଁ ୫ ଲକ୍ଷ ଟଙ୍କା ଓ ବେସରକାରୀ ଅନୁଦାନପ୍ରାପ୍ତ କିମ୍ବା ବ୍ଲକ ଗ୍ରାଣ୍ଟ କଲେଜ ପାଇଁ ମାତ୍ର ୧ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଛି । ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବାଲେଶ୍ୱର, ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର ଓ ଜୟପୁରର ଆଂଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କ ସମେତ ସମସ୍ତ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାରମାନଙ୍କୁ ଚିଠି ଲେଖି ଅବଗତ କରାଯାଇଛି । ଉଚ୍ଚଶିକ୍ଷାର ପ୍ରସାର, ବ୍ୟବସାୟିକ ସହଜତା ଓ ଅଧିକ ନୂଆ ଶିକ୍ଷାନୁଷ୍ଠାନ ସ୍ଥାପନକୁ ପ୍ରୋତ୍ସାହିତ କରିବା ନିମନ୍ତେ ରାଜ୍ୟ ସରକାର ପ୍ରଚଳିତ ନିୟମକୁ କୋହଳ କରିଛନ୍ତି ।

## ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ...

ଅଧିକାରର ଆଳ ଦେଖାଇ ଏହି ପ୍ରମାଣଗୁଡ଼ିକୁ କୋର୍ଟରେ ଉପସ୍ଥାପନ କରିବାରୁ ରୋକାଯାଇପାରିବ ନାହିଁ । ଶୁକ୍ରବାର ଦିନ, ମାମଲାର ଶୁଣାଣି ସମୟରେ, ବିଚାରପତି ମନମୋହନ ଏବଂ ବିଚାରପତି କେ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ଦିଲ୍ଲୀ ହାଇକୋର୍ଟଙ୍କର ରାୟକୁ କାଏମ୍ ରଖି ସ୍ୱାମୀଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି। ସ୍ୱାମୀ ଯୁକ୍ତି ଦେଇଥିଲେ ଯେ, କୋର୍ଟଙ୍କ ପକ୍ଷରୁ ତାଙ୍କର ରେକର୍ଡ ଏବଂ ହୋଟେଲ ରହଣି ସୂଚନା ମାଗିବା ତାଙ୍କ ମୌଳିକ ଅଧିକାରର ଉଲ୍ଲଂଘନ। ଦିଲ୍ଲୀ ହାଇକୋର୍ଟ ଏହି ମାମଲାର ରାୟ ଶୁଣାଇବା ସମୟରେ କହିଥିଲେ ଯେ, ଗୋପନୀୟତାର ଅଧିକାର ସମ୍ପୂର୍ଣ୍ଣ ନୁହେଁ। କୋର୍ଟ କହିଥିଲେ, ଜନସ୍ୱାର୍ଥ ଏବଂ ନ୍ୟାୟ ସୁନିଶ୍ଚିତ କରିବା ପାଇଁ ଯୁକ୍ତିଯୁକ୍ତ ପ୍ରତିବନ୍ଧକ ଲଗାଯାଇପାରିବ।

GOVERNMENT OF ORISSA
OFFICE OF THE SUPERINTENDING ENGINEER
RURAL WORKS DIVISION KARANJIA (MAYURBHANJ)
E-mail ID: - eerwkaranjia@yahoo.com
Letter No.4377 / WE // Date:-.29.06.2026

25001/642/2627

"E-Procurement Noticefor Special Repair of Building works for year 2026-27.
Bid Identification No – RWDKNJ– 06 / 2026-27.

1. Name of the work : Building Works (As per Annexure)
2. Estimated Cost : Rs. 1.69 toRs.5.08 LakhsApproximately (As per Annexure).
3. Class of Contractor : 'D' &'C' Class, (As per Annexure)
4. Period of Completion :As per Annexure
5. Tender Paper Cost :Rs.4,000/-&Rs.2, 000/-towards cost of bid as mentioned in Annexure of Building Works.

Further details can be seen from the website www.tendersodisha.gov.in

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of Tender in O/O S.E. R.W. Division, Karanjia Technical & Financial Bid Financial Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Karanjia | Online RWDKNJ-06/ 2026-27. | Dt. 07.07.26 at 11.00 A.M | Dt.15.07.26 up to 5.00 P.M | Dt.14.07.26 up to 1.00 P.M. | Dt.17.07.26 at 11.00 P.M |

OIPR: 25001/25086/1/26-27/0008

Executive Engineer
R.W. Division, Karanjia

ଧ୍ୱନି ପ୍ରତିଧ୍ୱନି



# ପିଏମ୍ ଶ୍ରୀ କ୍ଷେତ୍ରବାସୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ୭୭ତମ ବନମହୋତ୍ସବ କାର୍ଯ୍ୟକ୍ରମ




ଭଦ୍ରକ , ୦୪/୭ (ନି.ପ୍ର): ଭଦ୍ରକ ବ୍ଲକ କଲେଇ ଗ୍ରା.ପ. ଅଧିନସ୍ଥ ପି.ଏମ୍.ଶ୍ରୀ କ୍ଷେତ୍ରବାସୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବନମହୋତ୍ସବ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ଭୀମ ଚରଣ ପରିଡ଼ାଙ୍କ ଅଧକ୍ଷତାରେ ଏକ ବର୍ଣ୍ଣାଢ଼୍ୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ଜିଲ୍ଲା ଓ ଦୌରାଜଜ୍ ଭଦ୍ରକ ଶ୍ରୀ ଲଲାଟେନ୍ଦୁ ଜେନା ମୁଖ୍ୟ ଅତିଥି ତଥା ଜିଲ୍ଲା ନ୍ୟାୟାଳୟର ଅନ୍ୟାନ୍ୟ ବିଚାରପତିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକାରୀ ଶ୍ରୀ ଅଂଶୁମାନ ଦ୍ୱିବେଦୀ ଏବଂ ବିଭାଗର ଅନ୍ୟକର୍ମକର୍ତ୍ତା ବୃନ୍ଦ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ଶ୍ରୀ ପୂର୍ଣ୍ୟଶ୍ଳୋକ ରଥ ଓ ଅନ୍ୟାନ୍ୟ କର୍ମକର୍ତ୍ତାବୃନ୍ଦ ତଥା ବନ ବିଭାଗ ଅଧିକାରୀ ଅରୁଣ କୁମାର ବିଶ୍ୱାଳ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶ୍ରୀମତୀ ସୁକାନ୍ତି ବେହେରା ପ୍ରମୁଖ ସମ୍ମାନୀତ ଅତିଥିଭାବେ ସଭାମଣ୍ଡନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଉପଦେଷ୍ଟା କମିଟିର ସଭ୍ୟସଭ୍ୟା, ଅଭିଭାବକ, ଗ୍ରାମବାସୀ ତଥା ବହୁମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ କରି ବୃକ୍ଷରୋପଣ କରିବା ସହିତ ଏହାର ମହତ୍ତ୍ୱ ଉପରେ ଆଲୋକପାତ କରିବା ସଂଗେ "ବୃକ୍ଷ ହିଁ ଜୀବନ" ଏହା ପରିବେଶର ସବୁଜସ୍ୱର୍ଣ୍ଣ । ଏପରି ଅନେକ ସ୍ଲୋଗାନ ମଧ୍ୟରେ ଏକ ଅଲୌକିକ ପରିବେଶ ସୃଷ୍ଟି ହୋଇଥିଲା । ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ନୃତ୍ୟ ତଥା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଶିକ୍ଷାକର୍ମଚାରୀ ସହଯୋଗ ପ୍ରଦାନ ପୂର୍ବକ କାର୍ଯ୍ୟକ୍ରମଟିକୁ ସାଫଲ୍ୟ ମଣ୍ଡିତ କରାଇଥିଲେ ।

# ପାରାଦୀପ ବନ୍ଦରରେ ଗ୍ରୀନ୍ ଟ୍ରାନଜିସନ ନିମନ୍ତେ ଉଚ୍ଚସ୍ତରୀୟ ବୈଠକ: ନିବେଶ ହେବ ୬୭ ହଜାର କୋଟି

## ଯୋଗ ଦେଲେ ଜାପାନ ଓ ଏସିଏମଇ ପ୍ରତିନିଧି



ପାରାଦୀପ, ୦୪/୭ (ନି.ପ୍ର): ପାରାଦୀପ ବନ୍ଦରରେ ଗ୍ରୀନ୍ ହାଇଡ୍ରୋଜେନ୍, ଗ୍ରିନ୍ ଆମୋନିୟା, ଗ୍ରୀନ୍ ମିଥାନଲ୍‌ର ହବ୍ ହେବାକୁ ଯାଉଛି । ଏହି ଅବସରରେ ପାରାଦୀପ ବନ୍ଦର ପ୍ରଶାସନିକ ଭବନ ବୋର୍ଡ ରୁମ୍‌ରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳଙ୍କ ଉପସ୍ଥିତ ରେ ବୈଠକ ଆୟୋଜିତ ହୋଇଯାଇଛି । ଏହି ବୈଠକରେ ଜାପାନ ମିଟସୁବିସି ଗ୍ୟାସ କେମିକାଲ୍ କମ୍ପାନୀର ବରିଷ୍ଠ ଅଧିକାରୀଙ୍କ ସମେତ ଏସିଏମଇ ଗ୍ରୁପ୍‌ର ଅଧିକାରୀମାନେ ଯୋଗ ଦେଇ ପାରାଦୀପ ବନ୍ଦରରେ ଗ୍ରୀନ୍ ହାଇଡ୍ରୋଜେନ୍, ଗ୍ରିନ୍ ଆମୋନିୟା, ଗ୍ରୀନ୍ ମିଥାନଲ୍‌ର ହବ୍‌ର କାର୍ଯ୍ୟକାରିତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ପାରାଦୀପ ବନ୍ଦର ପକ୍ଷରୁ ଅଧକ୍ଷ ପି.ଏଲ.ହରନାଦ, ଉପାଧକ୍ଷ ଟି.ଭେନୁ ଗୋପାଲ ଯୋଗ ଦେଇଥିବା ବେଳେ ଜାପାନ ପ୍ରତିନିଧି ମଣ୍ଡଳୀ ପକ୍ଷରୁ କାର୍ଯ୍ୟନିର୍ବାହୀ ପରିଚାଳକ ହିଡେଆକି ଆକାଶେ, ମିଟସିବିସି ନିର୍ବାହୀ ଅଧିକାରୀ ମାସାହିକୋ ନାଇଟୋ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପାରାଦୀପରେ ବିଶ୍ୱସ୍ତରୀୟ ଗ୍ରିନ୍ ଫୁଏଲ୍ ଆମଦାନୀ ନିମନ୍ତେ ଏକ ପ୍ରଶସ୍ତ କ୍ଷେତ୍ର ବୋଲି ବନ୍ଦର ଅଧକ୍ଷ ଶ୍ରୀ ହରନାଦ କହିବା ସହିତ ଆଗାମୀ ୧୦ ବର୍ଷ ନିମନ୍ତେ ଏସିଏମଇ ଗ୍ରୁପ୍ ୧୦୦,୦୦୦ଟନ୍ ଗ୍ରୀନ ମିଥାନେଲ୍ ବାର୍ଷିକ ମିଟସୁବିସି ଗ୍ୟାସ କେମିକାଲ୍ ଯୋଗାଇ ଦେବା ନିମନ୍ତେ ଚୁକ୍ତିନାମା ହୋଇଛି । ଏହି ପ୍ରକଳ୍ପ ନିମନ୍ତେ ୬୭ହଜାର କୋଟି ଟଙ୍କାର ପୁଂଜି ନିବୋଶ ହେବ । ପ୍ରକଳ୍ପ ଶେଷ ହେବା ପରେ ପାରାଦୀପ ବିଶ୍ୱର ସର୍ବବୃହତ୍ କ୍ଲିନ୍ ଏନର୍ଜି ହବ୍ ହେବ । ଭାରତ ବର୍ଷର ଆଗାମୀ ଦିନରେ ଲକ୍ଷ୍ୟ ପୂରଣ ହେବା ଦିଗରେ ଏହି ପ୍ରକଳ୍ପ ସହାୟକ ହେବ । ପାରାଦୀପ ବନ୍ଦର, ମିଟସୁବିସି ଗ୍ୟାସ୍ କେମିକାଲ୍ ଏବଂ ଏସିଏମଇ ଗ୍ରୁପ୍ ମିଳିତ ଭାବେ ଏହି ପ୍ରକଳ୍ପ କାର୍ଯ୍ୟକାରିତାରେ ଏକ ବିଶ୍ୱସ୍ତରୀୟ ଗ୍ରୀନ୍ ହାଇଡ୍ରୋଜେନ୍, ଗ୍ରିନ୍ ଆମୋନିୟା, ଗ୍ରୀନ୍ ମିଥାନଲ୍‌ର ହବ୍ ହେବାକୁ ଯାଉଛି । ଏହା ଓଡିଶାର ନୌବାଣିଜ୍ୟ କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ପାରାଦୀପ ବନ୍ଦର ପକ୍ଷରୁ ପ୍ରକାଶିତ ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି ।

# ଅର୍ବାନ ଫ୍ଲୋଡିଙ୍ଗକୁ ରୋକିବା ପ୍ରସ୍ତୁତ ହେଉଛି ମାଷ୍ଟର ପ୍ଲାନ

ଭୁବନେଶ୍ୱର, ୦୪/୭ (ନି.ପ୍ର): ଅର୍ବାନ ଫ୍ଲୋଡିଙ୍ଗକୁ ରୋକିବା ପ୍ରସ୍ତୁତ ହେଉଛି ମାଷ୍ଟର ପ୍ଲାନ । ଏନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ସହରାଞ୍ଚଳରେ ଟିକିଏ ବର୍ଷା ହେଲେ ପାଣି ଜମିବା, ରାସ୍ତା ଘାଟ ବନ୍ଦ ହେବା, ଲୋକେ ହଇରାଣ ହେବା ଏକ ବଡ଼ ସମସ୍ୟା । ଆଜି ସକାଳୁ ଭୁବନେଶ୍ୱର, କଟକ, ପୁରୀ ଏବଂ ଓଡ଼ିଶାର ବହୁତ ଜାଗାରେ ବର୍ଷା ପାଇଁ ବହୁତ ରାସ୍ତାରେ ପାଣି ଜମିଛି । ପାଣି ନିଷ୍କାସନ ପାଇଁ ୧୦୦ ଟି ପମ୍ପ ଆମେ ଫାୟାର ଡିପାର୍ଟମେଣ୍ଟକୁ ଦେଇଥିଲୁ ଏବେ ତାର ବ୍ୟବହାର ଚାଲିଛି ।ଅର୍ବାନ ଫ୍ଲୋଡିଙ୍ଗକୁ ରୋକିବା ପାଇଁ ଭୁବନେଶ୍ୱରର ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବା ପାଇଁ ଆଇଆଇଟି ରୁଡ଼କିକୁ ଦାୟିତ୍ୱ ଦିଆଯାଇଥିବା ନେଇ ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ।

# ନବାଗତ ଛାତ୍ରଛାତ୍ରୀଙ୍କୁ ଗଛ ଚାରାଦେଇ ବନମହୋତ୍ସବ ପାଳିଲା ଡିଭାଇନ ଚାରିଟେବୁଲ ଟ୍ରଷ୍ଟ



ନୀଳଗିରି, ୦୪/୭ (ନି.ପ୍ର): ଡିଭାଇନ ଚାରିଟେବୁଲ ଟ୍ରଷ୍ଟ ଓ ଟ୍ୟୁଟୋରିଆଲ ପକ୍ଷରୁ ନିଆରା ଢଙ୍ଗରେ ବନମହୋତ୍ସବ ସପ୍ତାହ ପାଳନ କରାଯାଇଛି। ଅନେକ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ନୂତନ ଛାତ୍ରଛାତ୍ରୀମାନଙ୍କୁ ଗିଫ୍ଟ ପ୍ରଦାନ କରାଯାଇ ସ୍ୱାଗତ କରାଯିବାର ଟ୍ରେଣ୍ଡ ଚାଲିଥିବା ବେଳେ ନୀଳଗିରିର ବେସରକାରୀ ଶିକ୍ଷାନୁଷ୍ଠାନ ଡିଭାଇନ୍ ଚାରିଟେବୁଲ ଟ୍ରଷ୍ଟ ଓ ଟ୍ୟୁଟୋରିଆଲ ପକ୍ଷରୁ ନୂତନ ଛାତ୍ରଛାତ୍ରୀଙ୍କୁ ଗୋଟିଏ ଗୋଟିଏ ଗଛପ୍ରଦାନ କରାଯାଇ ସ୍ୱାଗତ କରାଯାଇଛି। ଏହି ଉଦ୍ଦେଶ୍ୟରେ ଟ୍ରଷ୍ଟର ସମ୍ପାଦକ ସୁଶାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସଭାରେ ନୀଳଗିରି ରେଞ୍ଜର ମନୱର ଖାନ୍ ଓ ଚିତ୍ରଶିଳ୍ପୀ କେଶୁ ଦାଶ ଅତିଥିଭାବରେ ଯୋଗଦେଇ ବୃକ୍ଷରୋପଣ କରିବାସହ ଛାତ୍ରଛାତ୍ରୀଙ୍କ ପରିବେଶ ମନସ୍କ ହେବା ପାଇଁ ବାର୍ତ୍ତାପ୍ରଦାନ କରିଥିଲେ।ଏହା ପରେ ଟ୍ରଷ୍ଟ ପକ୍ଷରୁ ନୀଳଗିରି ସହର ପରିକ୍ରମା କରାଯାଇ ପରିବେଶ ବଞ୍ଚାଅ,ବୃକ୍ଷ ଲଗାଅର ସ୍ଲୋଗାନ ପ୍ରଦାନ କରାଯାଇ ଲୋକମାନଙ୍କୁ ସଚେତନ କରାଯାଇଥିଲା।ବୃକ୍ଷକୁ ନିଜର ଏକ ପରିବାରର ସଦସ୍ୟ ଭାବରେ ବଢାଇବା ପାଇଁ ଛାତ୍ରଛାତ୍ରୀମାନେ ଶପଥ ନେଇଥିଲେ।

# ଏଟିଏମରୁ ଟଙ୍କା ଉଠାଇ ଦେବା କହି ଅବସର ଶିକ୍ଷକଙ୍କଠାରୁ ଲୁଟ

ବୈଶିଙ୍ଗା , ୦୪/୭ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଗଡ଼ଦେଉଳିଆ ସ୍ଥିତ ଷ୍ଟେଟ୍ ବ୍ୟାଙ୍କ ଏଟିଏମରେ ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କ ସହ ଏକ ଚାଞ୍ଚଲ୍ୟକର ଏଟିଏମ ଠକେଇ ଘଟଣା ଘଟିଛି । ଏଟିଏମରୁ ଟଙ୍କା ଉଠାଇ ଦେବା ସାହାଯ୍ୟ ଆଳରେ ଜଣେ ଦୁର୍ବୃତ୍ତ ଶିକ୍ଷକଙ୍କ ଏଟିଏମ କାର୍ଡ ବଦଳାଇ ଦେଇ ତାଙ୍କ ଖାତାରୁ ୯ ଥରରେ ବିଭିନ୍ନ ସ୍ଥାନରୁ ମୋଟ ୧ ଲକ୍ଷ ୬ ହଜାର ଟଙ୍କା ଉଠାଇ ନେଇଥିବା ଅଭିଯୋଗ ହୋଇଛି । ସୂଚନା ଅନୁସାରେ, ବାଲେଶ୍ୱର ଜିଲ୍ଲା ପଦ୍ମପୁର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ହରିଶ ଚନ୍ଦ୍ର ଜେନା ଟଙ୍କା ଉଠାଇବା ପାଇଁ ଶୁକ୍ରବାର ନିଜ ଘର ଠାରୁ ଅନତି ଦୂର ଗଡ଼ଦେଉଳିଆ ଷ୍ଟେଟ୍ ବ୍ୟାଙ୍କ ଏଟିଏମକୁ ଯାଇଥିଲେ । ତେବେ ସେହି ସମୟରେ କୌଣସି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏଟିଏମରୁ ଟଙ୍କା ବାହାରି ପାରି ନଥିଲା । ସେହି ସମୟରେ ସେଠାରେ ଉପସ୍ଥିତ ଜଣେ ଯୁବକ ତାଙ୍କ ବୃଦ୍ଧାବସ୍ଥାର ସୁଯୋଗ ନେଇ ସାହାଯ୍ୟ କରିବାର ବାହାନା କରି ତାଙ୍କ ଏଟିଏମ କାର୍ଡ ନେଇ ଏକ ନକଲି ଏଟିଏମ କାର୍ଡ ତାଙ୍କୁ ଫେରାଇ ଦେଇଥିଲା । ହେଲେ ଶିକ୍ଷକ କାର୍ଡ ବଦଳି ଯାଇଥିବା କଥା ଜାଣିପାରି ନଥିଲେ । ପରେ ଦୁର୍ବୃତ୍ତ ଶିକ୍ଷକଙ୍କ ପ୍ରକୃତ ଏଟିଏମ କାର୍ଡ ବ୍ୟବହାର କରି ବିଭିନ୍ନ ସ୍ଥାନରେ ସପିଙ୍ଗ କରିବା ସହିତ ୯ ଥରରେ ମୋଟ ୧ ଲକ୍ଷ ୬ ହଜାର ଟଙ୍କା ଉଠାଇ ନେଇଥିବା ଜଣାପଡ଼ିଛି । ମୋବାଇଲକୁ ଆସିଥିବା ବ୍ୟାଙ୍କ ବାର୍ତ୍ତା ଦେଖି ଶିକ୍ଷକ ନିଜ ଖାତାରୁ ବାରମ୍ବାର ଟଙ୍କା କଟିଥିବା ଜାଣିବା ପରେ ସେ ବ୍ୟାଙ୍କ ଓ ବୈଶିଙ୍ଗା ଥାନାରେ ଶୁକ୍ରବାର ରାତିରେ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇବା ପରେ ବୈଶିଙ୍ଗା ପୋଲିସ ୩୪୩ ନଂ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି । ତେବେ ଏଟିଏମ କେନ୍ଦ୍ରର ସିସିଟିଭି ଫୁଟେଜ୍ ବ୍ୟାଙ୍କରୁ ମିଳିବା ପରେ ଏହାକୁ ଯାଞ୍ଚ କରାଯାଇ ଦୁର୍ବୃତ୍ତଙ୍କ ପରିଚୟ ଜାଣିବା ପାଇଁ ପ୍ରୟାସ କରାଯିବ ବୋଲି ଥାନାଧିକାରୀ ବାରିଣୀ ଦାସଙ୍କ ସୂତ୍ରରୁ ପ୍ରକାଶ ।

# ଲୁଟେରାଙ୍କୁ କାବୁ କରି ପୋଲିସକୁ ହସ୍ତାନ୍ତର କଲେ ଗ୍ରାମବାସୀ

ଖଇରା, ୦୪/୭ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ମହତୀପୁର ପଞ୍ଚାୟତ ଅଧୀନ ବଟେଶ୍ୱର ଗ୍ରାମରେ ଗ୍ୟାସ ଏଜେଣ୍ଟ ପରିଚୟ ଦେଇ ଲୁଟ ଉଦ୍ୟମ ବେଳେ ପ୍ରଥମେ ପରିବାର ଓ ପରେ ଗ୍ରାମବାସୀ ମାଡିବସି ଖଇରା ପୋଲିସକୁ ହସ୍ତାନ୍ତର କରିଛନ୍ତି । ସନିବାର ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ୨ଜଣ ଯୁବକ ଏକ ଗ୍ୟାସ ଟାଙ୍କି ସହ ବାଇକରେ ଆସିଥିଲେ । ଜଣେ ବାଇକ ଉପରେ ବସିରହିଥିବା ବେଳେ ଅନ୍ୟଜଣକ ଟାଙ୍କି ଧରି ସ୍ୱର୍ଗତ ଅଲେଖ ଜେନାଙ୍କ ଘରକୁ ଯାଇ ପୂର୍ବରୁ ବୁକିଂ କରାଯାଇଥିବା ଗ୍ୟାସ ଆସିଥିବା କହିଥିଲେ । ଅଲେଖ ଙ୍କ ପତ୍ନୀ ବୈଜୟନ୍ତ ଫୋନ କରି କୌଣସି ଗ୍ୟାସ ବୁକିଂ ହୋଇନଥିବା କହିବା ସମୟରେ ସେ ପିନ୍ଧିଥିବା ଗହଣାକୁ ଯୁବକ ଜଣକ ଝାମ୍ପିବାକୁ ଉଦ୍ୟମ କରିଥିଲା । ବୈଜୟନ୍ତୀ ସାହସ ଖଟାଇ ତାଙ୍କୁ ମାଡିବସିଥିଲେ ଏବଂ କିଛି ଦୁରରେ ଥିବା ଝିଅ ପାଟିକରିବା ପରେ ଗାଁ ଲୋକଆସି କାବୁକରି ପୋଲିସକୁ ହସ୍ତାନ୍ତର କରିଥିଲେ । ଗାଡି ଉପରେ ବସିଥିବା ଅନ୍ୟଯୁବକ ଜଣକ ଫେରାର ହୋଇ ଯାଇଥିଲା । ଉକ୍ତ ଯୁବକ ଜଣକ ନିଜଘର ବାଲେଶ୍ୱର କହୁଥିବା ବେଳେ ଖଇରା ପୋଲିସ ଅଟକ ରଖି ପଚରାଉଚୁରା କରୁଛି ।

# ପୁରୁଣାବଜାର ବରିଷ୍ଠ ନାଗରିକ ସଂଘର ମାଗଣା ସ୍ୱାସ୍ଥ୍ୟ ଶିବିର



ଭଦ୍ରକ, ୦୪/୭ (ନି.ପ୍ର): ପୁରୁଣାବଜାର ମଦିନା ମୈଦାନ ସଭାକକ୍ଷରେ ପୁରୁଣାବଜାର ବରିଷ୍ଠ ନାଗରିକ ସଂଘ ଦ୍ୱାରା ସକାଳ ୯ ଘଟିକା ଠାରୁ ୪ଘଟିକା ପର୍ଯ୍ୟନ୍ତ ପୂର୍ବ ଭାରତର ପ୍ରମୁଖ ପ୍ରାକୃତିକ ଚିକିତ୍ସାକେନ୍ଦ୍ର "ହେଲ୍‌ଥ ଭିଲ୍ଲା" ଭୁବନେଶ୍ୱର ସହାୟତାରେ ଭଦ୍ରକ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘର ସଭାପତି ଲଲାଟେନ୍ଦୁ ମହାନ୍ତିଙ୍କ ଦ୍ୱାରା ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଉଦ୍‌ଘାଟିତ ହୋଇଯାଇଛି । ସ୍ୱାସ୍ଥ୍ୟ ଶିବିର ପୂର୍ବରୁ ସଂଘର ବରିଷ୍ଠ ସଦସ୍ୟ ସୁଧାକର ରାଉତଙ୍କ ସଂଚାଳନାରେ ଏକ ସଚେତନତା ସଭାରେ ମହାସଂଘର ସଂପାଦକ କୈଳାସ ମହାପାତ୍ର, ପୁରୁଣାବଜାର ସଂଘର ସଭାପତି ଡ଼ା:ହକିମୁଦ୍ଦିନ ଖାଁ, ସଂପାଦକ ଶ୍ରୀରାମ ଚନ୍ଦ୍ର କର, ଉପଦେଷ୍ଟା ଅବଦୁଲ ମୋକିତ୍ ଖାଁ, ହେଲ୍?ଥ ଭିଲ୍ଲାର ମୁଖ୍ୟ ଚିକିତ୍ସାଧିକାରୀ ଡ଼ା ମିଳନ ଓ ସହଯୋଗୀ ନାରାୟଣ ମଲ୍ଲିକ, ସାଗର ମହାନ୍ତି ଯୋଗଦାନ କରିଥିଲେ । ଆଜିକାଲି ବିଭିନ୍ନ ନାମି ଓ ଦାମି ଔଷଧ ବ୍ୟବହାର ନକରି, ପ୍ରାକୃତିକ ଚିକିତ୍ସା, ଆୟୁବେଦିକ ଚିକିତ୍ସା, ଯୋଗ ଚିକିତ୍ସା ମାଧମରେ କିପରି ବିଭିନ୍ନ ରୋଗରୁ ମୁକ୍ତି ମିଳିବ ସେ ବିଷୟରେ ଡ଼ା: ମିଳନ ସଚେତନ କରାଇଥିଲେ । ଉକ୍ତ ଶିବିରରେ ମୋଟାପଣ, ମଧୁମେହ, ଆର୍ଥରିଟିସ, ଫ୍ୟାଟି ଲିଭର, ସ୍ପନ୍‌ଡ଼ିଲିଟିସ୍,କିଡ଼ନି, ଉଚ୍ଚ ରକ୍ତଚାପ, ଗ୍ରାଷ୍ଟିକ୍ ଓ କୋଷ୍ଠ କାଠିନ୍ୟ ଓ ଚକ୍ଷୁ ଚିକିତ୍ସା ପାଇଁ ଆସିଥିବା ପ୍ରାୟ୧୮୦ ରୋଗୀଙ୍କୁ ପରୀକ୍ଷା କରି ଅରୋଗ୍ୟ ପାଇଁ ଉପଯୁକ୍ତ ପରାମର୍ଶ ଦେଇଥିଲେ । ଚକ୍ଷୁ ପରୀକ୍ଷା କରି ମାଗଣା ଚଷମା ବଣ୍ଟନ କରିଥିଲେ । ଉକ୍ତ ଶିବିରକୁ ହରିପ୍ରସାଦ ନନ୍ଦୀ, ହବିବୁଲ୍ଲା ଖାଁ, ମୁମତାଜ ଅଲ୍ଲି, ଲାଲା ପ୍ରବୋଧ ରାୟ, ପୂର୍ଣ୍ଣ ଚନ୍ଦ୍ର ସେନ୍, ସୁଶ୍ରୀ ବସୁମିତ୍ରା ସାହୁ, କୟୁମ ଅଲ୍ଲି ସାହା, ଫକିରି ଆଲମ୍, ଅଶୋକ ଦାସ,ବିବେକ ମୁଖାର୍ଜୀ, ବିଜୟ ଘଡ଼େଇ, ଅବୁ ସୁଫିଆନ୍, ସଇଦ ସାହା, ଇଂ ମୁକ୍ତାର ଅହମ୍ମଦ, ସେକ୍ ମେହେବୁବ, ଅନୱାର ହୋସେନ୍, ମିର୍ଜା ସାଜିଦ୍ ବେଗ ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ବସ୍ତା ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳର ରାଜନୈତିକ ସୁନାମି




ବାଲିଆପାଳ , ୦୪/୭ (ନି.ପ୍ର): ବାଲେଶ୍ୱର ସଂସଦୀୟ କ୍ଷେତ୍ରର ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ବିଜୁ ଜନତାଦଳ ଏସଆଇ ସମ୍ବନ୍ଧରେ ଦଳ ଅନ୍ତର୍ଗତ ବିଏଲଏ ମାନଙ୍କୁ କର୍ମ ଶାଳା ମାଧ୍ୟମରେ ଟ୍ରେନିଂ ଦିଆ ଚାଲିଛି । ଏ ସଂକ୍ରାନ୍ତରେ ବସ୍ତାର ମଥାନି ନିକଟସ୍ଥ ପ୍ରିନ୍ସ କଲ୍ୟାଣ ମଣ୍ଡପରେ ବସ୍ତା ଓ ବାଲିଆପାଳ ବ୍ଲକର ବିଜୁ ଜନତା ଦଳର ସଂଯୋଜକ ଓ ବସ୍ତା ବ୍ଲକର ବିଜୁ ଜନତା ଦଳର ସଭାପତି ମହାଦେବ ଦାସଙ୍କ ପୌରାହିତ୍ୟରେ ଦୁଇ ଶହରୁ ଅଧିକ ବୁଥ ସ୍ତରୀୟ ବିଏଲଓ ମାନଙ୍କୁ ମଂଚାସୀନ ଅତିଥି ବାଲେଶ୍ୱର ଜିଲ୍ଲା ବିଜୁ ଜନତା ଦଳର ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ବିଜୁ ଜନତା ଦଳର ରାଜ୍ୟ ମୁଖ ପାତ୍ର ଓ ବାଲେଶ୍ୱର ୨୦୨୪ ସଂସଦୀୟ ନିର୍ବାଚନ ପ୍ରାର୍ଥୀନି ଲେଖାଶ୍ରୀ ସାମନ୍ତ ସିଂହାର ପୂର୍ବତନ ମନ୍ତ୍ରୀ ଓ ପାଞ୍ଚ ଥର ବସ୍ତା ବିଧାୟକ ଓ ରାଜ୍ୟ ବିଜୁ ଜନତା ଦଳର ଉପସଭାପତି ରଘୁନାଥ ମହାନ୍ତି , ପୂର୍ବତନ ବାଲେଶ୍ୱର ଜିଲ୍ଲା ପରିଷଦ ସଭାପତି ଗିରିଶ ଦାସ, ବାଲିଆପାଳ ବିଜୁ ଜନତା ଦଳର ସଭାପତି ଭଗବାନ ଗିରି,୧୪ ନଂବର ଜୁନର ଜିଲ୍ଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ଦେବୀ ବକ୍ତବ୍ୟ ଛଳରେ କହିଥିଲେ ଯେ ବାଲେଶ୍ୱର ବିଜୁ ଜନତା ଦଳରୁ ଅଳିଆ ସଫା ହୋଇଯାଇଛି । ସେମାନେ ଆପେ କରିଥିବା ଦୁର୍ନୀତିକୁ ଘଣ୍ଟ ଘୋଡାଇବା ପାଇଁ ବିଜୁ ଜନତା ଦଳ ଭଳି ସ୍ୱଚ୍ଛ ଦଳରୁ ଦୁରେଇ ଯାଇଛନ୍ତି । ଦଳ ଠାରୁ ଅର୍ଥ, ପଦପି ଓ କ୍ଷମତା ହାସଲ କରି ନିଜ ଲାଳସା ପୂର୍ଣ୍ଣ କରି ବେଇମାନି ପରି ଅନ୍ୟର ଛାୟଆ ରେ ଆଶ୍ରିତ ହୋଇଛନ୍ତି । ତୁତ ମୁତୁରା ମୁଁତ ମୁତୁରା ଭଳି ଅନ୍ୟତ୍ର ଆଶ୍ରୟ ନେଇଛନ୍ତି । ଏହାଛଡା ଅତିଥି ମାନେ ୬ ନମ୍ବର ଫର୍ମରେ ନୂଆ ଭୋଟର ଯୋଗ ହେବ, ୭ନମ୍ବର ଫର୍ମରେ ସଂଶୋଧନ ଓ ୮ନମ୍ବର ଫର୍ମରେ ବାଦ ହେବ ବୋଲି ବୁଝାଇ ଥିଲେ । ବିଏଲଏ ମାନେ ହେଉଛନ୍ତି ଗଣତନ୍ତ୍ରର ଜାଗ୍ରତ ପ୍ରହରୀ । କାରଣ ଜଣେ ଯୋଗ୍ୟ ଭୋଟର ବାଦ ନ ପଡନ୍ତି କିମ୍ବା ଅଯୋଗ୍ୟ ଭୋଟର ଭୋଟ ଦେଇ ନ ପାରନ୍ତି ସେମାନଙ୍କର କର୍ମ । ଗତ ରାଜ୍ୟ ନିର୍ବାଚନ ରେ ୫ଓଜ ମାଧ୍ୟମରେ ଶାସକ ଦଳ ଯୋଗ୍ୟ ଭୋଟର ମାନଙ୍କୁ ବାଦ ଦେଇ ଓ ଅଯୋଗ୍ୟ ଭୋଟର ମାନଙ୍କୁ ପ୍ରଶୟ ଦେଇ କ୍ଷମତା ହାସଲ କରିଛନ୍ତି ବୋଲି ଜଳ ଜଳ ଦିଶି ଲାଣି ।କର୍ମଶାଳାର ପ୍ରାରମ୍ଭରେ ବାଲିଆପାଳ ବ୍ଲକ ବିଜୁ ଜନତା ଦଳର ସମ୍ପାଦକ ଓ ସାମ୍ବାଦିକ ଡ଼ ସନ୍ନ୍ୟାସୀ ବେହେରା ବେଦ ମନ୍ତ୍ର ପାଠ କରିଥିବାବେଳେ ବାଲିଆପାଳ ବ୍ଲକର ମିଡ଼ିଆ ସଂଯୋଜକ ଶିବାନନ୍ଦ ଦାସ ଅଧିକାରୀ ଧନ୍ୟବାଦ ଦେଇଥିଲେ ।

# ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟରେ +୩ ବିଜ୍ଞାନ ଓ ସମ୍ମାନ ପାଠ୍ୟକ୍ରମ ଖୋଲିବା ପାଇଁ ଜେ.ଏମ୍.ଏମ୍. ଜଣାଇଲା ଦାବି



ଉଦଳା , ୦୪/୭ (ନି.ପ୍ର): ଉଦଳାସ୍ଥିତ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟ ସମଗ୍ର କପ୍ତିପଦା ଉପଖଣ୍ଡର ଏକମାତ୍ର ମହିଳା ମହାବିଦ୍ୟାଳୟ ହୋଇଥିବା ବେଳେ ଏହାର ରଜତ ଜୟନ୍ତି ଉତ୍ସବ ପାଳିତ ହୋଇଯାଇଛି । ଆଉକିଛି ବର୍ଷ ପରେ ଏହାର ସୁବର୍ଣ୍ଣ ଜୟନ୍ତି ଉତ୍ସବ ପାଳିତ ହେବ । ଏଥିପାଇଁ ପ୍ରସ୍ତୁତି ପର୍ବ ଏବେରୁ ଆରମ୍ଭ ହୋଇଗଲାଣି । ଅଥଚ ଆଜି ପର୍ଯ୍ୟନ୍ତ ଏଠାରେ +୩ ବିଜ୍ଞାନ ଶ୍ରେଣୀ ଖୋଲି ନାହିଁ । ସେହିପରି ଅନେକ ଗୁଡ଼ିଏ ବିଷୟରେ ସମ୍ମାନ ପାଠ୍ୟକ୍ରମ ମଧ୍ୟ ନାହିଁ । ତେବେ ଖୁବ୍ ଶିଘ୍ର ଉକ୍ତ ମହାବିଦ୍ୟାଳୟରେ +୩ ବିଜ୍ଞାନ ସହିତ ସମ୍ମାନ ପାଠ୍ୟକ୍ରମ ଖୋଲିବାକୁ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେ.ଏମ୍.ଏମ୍) ତରଫରୁ ଦାବି କରାଯାଇଛି । ଏ ବାବଦରେ ଦାବିପତ୍ର ମୋହନଚରଣ ମାଝୀ, ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶାଙ୍କ ନିକଟକୁ ଉଦଳାସ୍ଥିତ କପ୍ତିପଦା ଉପଜିଲ୍ଲାପାଳଙ୍କ ଜରିଆରେ ପଠାଯାଇଛି । ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚାର ଜିଲ୍ଲା ଉପସଭାପତି ଦେବବ୍ରତ ହେମ୍ବ୍ରମ ଓ ସମ୍ପାଦକ ଶୈଳେନ୍ଦ୍ର ହେମ୍ବ୍ରମ ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଛନ୍ତି । ସେହିପରି ଏହି ମହାବିଦ୍ୟାଳୟରେ ଏନ୍.ସି.ସି. (ଜାତୀୟ ସମରଶିକ୍ଷାର୍ଥି ବାହିନି) ୟୁନିଟ ଖୋଲିବାର ଆବଶ୍ୟକତା ରହିଛି ବୋଲି ଜେ.ଏମ୍.ଏମ୍. ତରଫରୁ କୁହାଯାଇଛି ।

# ଗାଙ୍ଗପୁରା ପ୍ରାଥମିକ ବିଦ୍ୟାଳୟରେ ବନ ମହୋତ୍ସବ ସପ୍ତାହ ପାଳନ

ନୀଳଗିରି , ୦୪/୭ (ନି.ପ୍ର): ଯୁବ ପରିବେଶବିତ୍ କମଳଲୋଚନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଔପଦା ବ୍ଲକ୍ ଦକ୍ଷିଣନରସିଂହପୁର ପଞ୍ଚାୟତ ଗାଙ୍ଗପୁରା ପ୍ରାଥମିକ ବିଦ୍ୟାଳୟରେ ୭୭ତମ ବନମହୋତ୍ସବ ସପ୍ତାହ ଉପଲକ୍ଷେ ବୃକ୍ଷରୋପଣ ଓ ବୃକ୍ଷବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପରିବେଶ ସୁରକ୍ଷା ଓ ବୃକ୍ଷ ସଂରକ୍ଷଣର ବାର୍ତ୍ତା ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷୟତ୍ରୀ ଉର୍ମିଳା ମହାନ୍ତି ବୃକ୍ଷରୋପଣର ଗୁରୁତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଶିଶୁସେବିକା କୟଲ ସିଂ ଗଛର ଯତ୍ନ ନେବା ମଧ ଆବଶ୍ୟକ ବୋଲି ମତପ୍ରକାଶ କରିଥିଲେ। ପରିଶେଷରେ କମଳଲୋଚନ ବନ ସଂରକ୍ଷଣ ଓ ବୃକ୍ଷରୋପଣ ମାଧ୍ୟମରେ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ କମାଇ ଆଗାମୀ ପିଢ଼ିପାଇଁ ସବୁଜ, ସୁନ୍ଦର ଓ ସୁରକ୍ଷିତ ପୃଥିବୀ ଗଢ଼ିପାରିବା ଦିଗରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଛାତ୍ର, ଛାତ୍ରୀଙ୍କୁ ୧୦୦ଟି ବୃକ୍ଷବଣ୍ଟନ କରାଯାଇଥିଲା। ବିଦ୍ୟାଳୟର ଛାତ୍ର, ଛାତ୍ରୀମାନେ ଅତିକମରେ ଗୋଟିଏ ଗୋଟିଏ ଗଛ ଲଗାଇବା ପାଇଁ ଶପଥ ନେଇଛନ୍ତି ।

# ପଞ୍ଚମୁଖି ହନୁମାନଙ୍କ ବାର୍ଷିକ ପୂଜା

ଖଇରା, ୦୪/୭ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବଜାର ସଂଲଗ୍ନ ଆଳଦା ବାଲିସାହି ଛକ ନିକଟରେ ପଞ୍ଚମୁଖୀ ହନୁମାନଙ୍କ ବାର୍ଷିକ ପୂଜା ଶୁକ୍ରବାର ଦିନ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି । ରାଧାକୃଷ୍ଣ ୟୁଥ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ବାର୍ଷିକୋତ୍ସବରେ ସମ୍ପାଦକ ଅଶୋକ କୁମାର ବେହେରା ଓ ମନୋଜ କୁମାର ଙ୍କ ଦ୍ୱାରା ଘଟୋତ୍ତଳନ କରାଯାଇଥିଲା । ପଣ୍ଡିତ ବିରଞ୍ଚି ନାରାୟଣ ପଣ୍ଡା,ପରମାନନ୍ଦ ପଣ୍ଡା,ରମେଶ କୁମାର ପଣ୍ଡା,ଆଦିକନ୍ଦ ପଣ୍ଡାଙ୍କ ଦ୍ୱାରା ହନୁମାନ ଚାଳିଶା ପାଠ ସାଙ୍ଗକୁ ଯଜ୍ଞାଦି କର୍ମ ଅନୁଷ୍ଠିତ ହୋଇଥିଲା । ୟୁଥ କ୍ଲବ ସଭାପତି ପ୍ରିୟବ୍ରତ ସାହୁ,ସଭ୍ୟ ପ୍ରଫୁଲ୍ଲ କୁମାର ସାହୁ,ତପନ କୁମାର ପରିଡା,ସୌମ୍ୟ ରଞ୍ଜନ ସାହୁ,ଜଳଧର ସାହୁ,ହରେକୃଷ୍ଣ ସାହୁ,ଉଦୟ ପରିଡା,ବିକାଶ କୁମାର ସାହୁ,ଭାସ୍କର ଚନ୍ଦ୍ର ସାହୁ,ପ୍ରଦୀପ ସେଠୀ,ସୁନିଲ ସେଠୀ ଓ ରବିନ୍ଦ୍ର ଓଝା ପ୍ରମୁଖ ସହଯୋଗ କରିଥିଲେ । ଖଇରା ବଜାରବାସୀ ଏବଂ ବାଲିସାହି ଗ୍ରାମବାସୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida